# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୯/୨୦୨୫ (୧୬ ପୃଷ୍ଠା) | Bhubaneswar, Thursday, January 9/2025 | Page 16 | ₹ 7.00

୫୧ଶ ଭାଗ ୪୭ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 47 | ମୂଲ୍ୟ ₹୭/-



DADLS-80



## ଐତିହ୍ୟ ପ୍ରେରିତ ଯୁବଶକ୍ତି ସମ୍ପନ୍ନ ପ୍ରବାସୀ ଭାରତୀୟଙ୍କ ଗୌରବମୟ ସାଫଲ୍ୟର ସମାରୋହ

ପ୍ରବାସୀ ଭାରତୀୟ ଦିବସ ସମ୍ମେଳନ
ଏବଂ
ପ୍ରସଙ୍ଗ ଆଧାରିତ ପ୍ରଦର୍ଶନୀ

**ବିଶେଷ କାର୍ଯ୍ୟକ୍ରମ**

ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପ୍ରବାସୀ ଭାରତୀୟ ଏକ୍ସପ୍ରେସର ରିମୋଟ୍ ମାଧ୍ୟମରେ ଶୁଭାରମ୍ଭ ଏବଂ ପ୍ରମୋସନାଲ ଷ୍ଟଲ୍ ପରିଦର୍ଶନ

**ପ୍ରଦର୍ଶନୀ**

- ବିଶ୍ୱରୂପ ରାମ : ରାମାୟଣର ସାର୍ବଜନୀନତା
- ପ୍ରଯୁକ୍ତି ଜ୍ଞାନକୌଶଳ କ୍ଷେତ୍ରରେ ପ୍ରବାସୀଙ୍କ ଅବଦାନ
- ଓମାନ ସଂଗ୍ରହର ପ୍ରଦର୍ଶନ - ଭାରତ ଭାରତୀୟ: ସ୍ୱଦେଶ ପରଦେଶ- ଐତିହ୍ୟର ଅଭିଲେଖ ଆଧାରିତ ପ୍ରଦର୍ଶନୀ

**ଶ୍ରୀ ନରେନ୍ଦ୍ର ମୋଦୀ**
ପ୍ରଧାନମନ୍ତ୍ରୀଙ୍କ
କରକମଳରେ

ମୁଖ୍ୟ ଅତିଥି
**ଶ୍ରୀମତୀ ଖ୍ରୀଷ୍ଟିନ୍ କାର୍ଲା କାଙ୍ଗାଲୁ**
ମହାମହିମ ରାଷ୍ଟ୍ରପତି, ତ୍ରିନିଦାଦ ଏବଂ ଟୋବାଗୋ ଗଣରାଜ୍ୟ

ଗରିମାମୟ ଉପସ୍ଥିତି

**ଡ. ହରି ବାବୁ କମ୍ଭମ୍ପତି** — ରାଜ୍ୟପାଳ, ଓଡ଼ିଶା
**ଶ୍ରୀ ମୋହନ ଚରଣ ମାଝୀ** — ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଡ. ଏସ୍. ଜୟଶଙ୍କର** — କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ** — କେନ୍ଦ୍ରମନ୍ତ୍ରୀ
**ଶ୍ରୀ ପ୍ରହ୍ଲାଦ ଯୋଶୀ** — କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଜୁଏଲ ଓରାମ** — କେନ୍ଦ୍ରମନ୍ତ୍ରୀ
**ଶ୍ରୀ ଅଶ୍ୱିନୀ ବୈଷ୍ଣବ** — କେନ୍ଦ୍ରମନ୍ତ୍ରୀ
**ଡ. ମନସୁଖ ମାଣ୍ଡବ୍ୟ** — କେନ୍ଦ୍ରମନ୍ତ୍ରୀ
**ସୁଶ୍ରୀ ଶୋଭା କାରାନ୍ଦଲାଜେ** — କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ** — କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ ପବିତ୍ର ମାର୍ଗେରିଟା** — କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ
**ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ** — ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା
**ଶ୍ରୀମତୀ ପ୍ରଭାତୀ ପରିଡ଼ା** — ଉପ ମୁଖ୍ୟମନ୍ତ୍ରୀ, ଓଡ଼ିଶା



**୯ ଜାନୁଆରୀ, ୨୦୨୫ | ଜନତା ମଇଦାନ, ଭୁବନେଶ୍ୱର, ଓଡ଼ିଶା**
ଅତିଥି ଏବଂ ପ୍ରତିନିଧିମଣ୍ଡଳୀଙ୍କୁ ସକାଳ ୮.୩୦ ସୁଦ୍ଧା ଆସନ ଗ୍ରହଣ କରିବାକୁ ଅନୁରୋଧ

ଅତିଥି ଦେବୋ ଭବ

କାର୍ଯ୍ୟକ୍ରମ ବିବରଣୀ ପାଇଁ ସ୍କାନ୍ କରନ୍ତୁ

OIPR-15001/13/0358/2425

ଦେଖନ୍ତୁ ସିଧା ପ୍ରସାରଣ: DD News and DD Odia | Youtube: DD News / DD ODIA

ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା ସରକାର

# ପ୍ରବାସୀ ଭାରତୀୟ ଦିବସ

ଭୁବନେଶ୍ୱର ଜନତା ମୈଦାନଠାରେ ଆରମ୍ଭ ହୋଇଛି ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସ। ବୁଧବାର ପ୍ରଥମ ଦିନ ଅନୁଷ୍ଠିତ ହୋଇଛି ଯୁବ ସମାରୋହ। ଏହି ଅବସରରେ ଭୁବନେଶ୍ୱର ସମେତ ପୁରୀ, କଟକ ଆଦି ବିଭିନ୍ନ ସ୍ଥାନରେ ଅନେକ ଆକର୍ଷଣୀୟ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ଏଥିସହ ପ୍ରବାସୀମାନେ ବିଭିନ୍ନ ସ୍ଥାନ ବୁଲି ଓଡ଼ିଶାର ଐତିହ୍ୟ, କଳା ସଂସ୍କୃତିର ଝଲକ ଦେଖିବାକୁ ପାଇଛନ୍ତି।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କୁ ଉପହାର ଦେଉଛନ୍ତି।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ପ୍ରବାସୀ।



ଉଦ୍‌ବୋଧନ ଦେଉଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା।











କଟକରେ ପ୍ରବାସୀ ଭାରତୀୟ ବୋଟିଂର ମଜା ନେଉଛନ୍ତି।









କୋଣାର୍କ ସୂର୍ଯ୍ୟମନ୍ଦିରରେ



ନନ୍ଦନକାନନରେ ପ୍ରବାସୀ ଭାରତୀୟ।



କଟକ ଦହିବରାର ମଜା ନେଉଛନ୍ତି।



ପୁରୀ ଶ୍ରୀମନ୍ଦିର ନିକଟରେ ପ୍ରବାସୀ।

ଧରିତ୍ରୀ
DHARITRI
51 Years
ଭୁବନେଶ୍ୱର, ଗୁରୁବାର, ଜାନୁଆରୀ ୯/୨୦୨୫ | Bhubaneswar, Thursday, January 9/2025 | ପୃଷ୍ଠା-୧



**ଜାନସେନଙ୍କ ହ୍ୟାଟ୍ରିକ**

ଜିପ୍ ଜାନସେନଙ୍କ ହ୍ୟାଟ୍ରିକ ବଳରେ ତାମିଲନାଡୁ ଡ୍ରାଗନ୍ସ ବୁଧବାର ଅନୁଷ୍ଠିତ ହକି ଇଣ୍ଡିଆ ଲିଗ୍ ମ୍ୟାଚରେ ଟିମ୍ ଗୋନାସିକାକୁ ୬-୫ ଗୋଲରେ ପରାସ୍ତ କରିଛି। ୧୪

୧୦ **୧୦ରୁ ଓଟିଟିରେ 'ଦି ସାବରମତି ରିପୋର୍ଟ'**

ଅଭିନେତା ବିକ୍ରାନ୍ତ ମେସିଙ୍କ 'ଦି ସାବରମତି ରିପୋର୍ଟ' ଫିଲ୍ମ ଓଟିଟି ପ୍ଲାଟଫର୍ମ 'ଜି୫'ରେ ଆସନ୍ତା ୧୦ ତାରିଖରୁ ଷ୍ଟ୍ରିମିଂ ହେବ।



# ପ୍ରବାସୀ ସାଂସ୍କୃତିକ ରାଜଦୂତ: ମୁଖ୍ୟମନ୍ତ୍ରୀ



ଭୁବନେଶ୍ୱରର ଜନତା ମଇଦାନରେ ବୁଧବାର ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମର ଯୁବ ସମାବେଶକୁ ଉଦ୍‌ଘାଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, କେନ୍ଦ୍ର ଯୁବବ୍ୟାପାର ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ, ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଗେରିଟା, କେନ୍ଦ୍ର ଯୁବବ୍ୟାପାର ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲଖାଡସେ ଏବଂ ନ୍ୟୁଜ୍‌ୱିକ୍ ସିଇଓ ଦେବପ୍ରଗଡ଼।

**୧୮ତମ ପ୍ରବାସୀ ଭାରତୀୟ ଦିବସ ସମାରୋହ**

**ଯୁବ ପ୍ରବାସୀ ଭାରତୀୟ ଦିବସ ଉଦ୍‌ଘାଟିତ**

**ଭୁବନେଶ୍ୱରର ଜନତା ମଇଦାନରେ ବୁଧବାର ପ୍ରବାସୀ ଭାରତୀୟ ଦିବସ ଯୁବ ସମାବେଶରୁ ଆରମ୍ଭ ହୋଇଛି। ଏହି ସମାବେଶକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଏବଂ କେନ୍ଦ୍ର ଯୁବବ୍ୟାପାର ଓ କ୍ରୀଡ଼ା ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି, ପ୍ରତ୍ୟେକ ପ୍ରବାସୀ ଜଣେ ଜଣେ ସାଂସ୍କୃତିକ ରାଜଦୂତ। ବିକଶିତ ଭାରତରେ ପ୍ରବାସୀ ଭାରତୀୟଙ୍କ ଅନେକ ଅବଦାନ ରହିଛି। ଓଡ଼ିଶାର ସଂସ୍କୃତି, ଐତିହ୍ୟ ସ୍ୱତନ୍ତ୍ର। ଓଡ଼ିଶା ଆଇଟି ଓ ଦକ୍ଷତା ବିକାଶ କ୍ଷେତ୍ରରେ ଆଗକୁ ବଢୁଛି। ଟେକ୍ନୋଲୋଜି, ଅକ୍ଷୟଶକ୍ତି, ଶିକ୍ଷା ଓ ପର୍ଯ୍ୟଟନ କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଏହାର ସୁଯୋଗ ନେଇ ଓଡ଼ିଶା ବିକାଶରେ ସାମିଲ ହେବାକୁ ସେ ପ୍ରବାସୀ ଭାରତୀୟଙ୍କୁ ଆହ୍ୱାନ ଦେଇଛନ୍ତି।**

ଭୁବନେଶ୍ୱର,୮।୧ (ଅନିଲ ଦାସ)

ପ୍ରବାସୀ ଭାରତୀୟଙ୍କୁ ସ୍ୱାଗତକରି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି,ଏକାଠି କାମ କଲେ ଆମେ ଆହୁରି ସଶକ୍ତ ହେବା ଏବଂ ବିକଶିତ ଭାରତ ଗଠନ ହେବ। ପ୍ରବାସୀମାନେ ସବୁ ସ୍ଥାନରେ ଭାରତର ଗୌରବକୁ ପ୍ରତିଫଳିତ କରୁଛନ୍ତି। ବିଦେଶରେ ସେମାନଙ୍କ ଉତ୍କର୍ଷରେ ଆମ୍ଭେମାନେ ଗର୍ବିତ। ପ୍ରବାସୀ ଭାରତୀୟମାନେ ବିଜ୍ଞାନ ଓ କାରିଗରି, ବୈଶ୍ୱିକ ସହଯୋଗ ଓ ସରକାରୀ ନୀତି ନିର୍ଦ୍ଧାରଣରେ ସେମାନଙ୍କ ସଫଳତା ପ୍ରଦର୍ଶନ କରିଆସିଛନ୍ତି। ଉଦ୍ୟୋଗପତିମାନେ ବିଶ୍ୱ ସ୍ତରରେ ଭାରତର ଗୌରବ ବୃଦ୍ଧି କରିଛନ୍ତି। ଓଡ଼ିଶାରେ ଟେକ୍ନୋଲୋଜି, ଅକ୍ଷୟଶକ୍ତି, ଭିତ୍ତିଭୂମି ବିକାଶ, ଶିକ୍ଷା ଓ ପର୍ଯ୍ୟଟନ ଇତ୍ୟାଦି କ୍ଷେତ୍ରରେ ଅପାର ସମ୍ଭାବନା ରହିଛି। ଏସବୁରେ ପୁଞ୍ଜି ନିବେଶ, ସହଭାଗିତା ସାଙ୍ଗକୁ ଓଡ଼ିଶା ସହିତ ସାଂସ୍କୃତିକ ବିନିମୟରେ ଯୋଡ଼ିହେବା ସହ ବିକାଶ ଯାତ୍ରାରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରବାସୀ ଭାରତୀୟମାନଙ୍କୁ ଆହ୍ୱାନ କରିଛନ୍ତି। କୋଣାର୍କ ସୂର୍ଯ୍ୟମନ୍ଦିର, ପୁରୀ ଶ୍ରୀମନ୍ଦିର ସହ ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟକୁ ଉପଭୋଗ କରନ୍ତୁ। ଏହାଦ୍ୱାରା ଓଡ଼ିଶା ସହ ପ୍ରବାସୀଙ୍କର ସମ୍ପର୍କ ଆହୁରି ମଜଭୁତ ହେବ। ଭୁବନେଶ୍ୱରରେ ପ୍ରଥମଥର ପାଇଁ ଅନୁଷ୍ଠିତ ଏହି ସମାରୋହ ଆମ ପାଇଁ ଜୀବନର ଏକ ଅଭୁଲା ସ୍ମୃତି ହୋଇରହିବ। ଆଗାମୀ ଦିନରେ ସମ୍ପର୍କର ସେତୁ ଆହୁରି ସୁଦୃଢ଼ ହେବ। ଏଥିସହିତ ପୁରୀ, କୋଣାର୍କ, ଧଉଳି, ଚିଲିକା ଭଳି ପର୍ଯ୍ୟଟନସ୍ଥଳୀ ବୁଲି ଡାଲମା, ରସଗୋଲା, ଛେନାପୋଡ଼ ଭଳି ଓଡ଼ିଆ ଖାଦ୍ୟର ମଜା ନେବାକୁ ମୁଖ୍ୟମନ୍ତ୍ରୀ ପ୍ରବାସୀଙ୍କୁ ପ୍ରୋତ୍ସାହିତ କରିଛନ୍ତି। ଏହି ଅବସରରେ ଭୁବନେଶ୍ୱରରେ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମ ହେଉଛି। ସେସବୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାକୁ ମୁଖ୍ୟମନ୍ତ୍ରୀ ପ୍ରବାସୀଙ୍କୁ ଅନୁରୋଧ କରିଛନ୍ତି।

## ବିକଶିତ ଭାରତ ଅଭିମୁଖେ ଆମେ ଗତି କରୁଛେ: ଜୟଶଙ୍କର

ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର କହିଛନ୍ତି, ବିକଶିତ ଭାରତ ଅଭିମୁଖେ ଆମେ ଗତି କରୁଛେ। ଏହି ସମାବେଶ ଟେକ୍ନୋଲୋଜି, ବ୍ୟବସାୟ ଓ ପର୍ଯ୍ୟଟନକୁ ବଳ ଯୋଗାଇବାରେ ସହାୟକ ହେବ। ପ୍ରବାସୀ ଭାରତୀୟମାନେ ସେମାନଙ୍କର ଜନ୍ମମାଟି ଭାରତ ସହିତ ସବୁବେଳେ ଆତ୍ମୀୟତା ରଖିଆସିଛନ୍ତି। ବିଶ୍ୱର ଯେଉଁ ଦେଶରେ ରହିଥାନ୍ତୁ ନା କାହିଁକି ଭାରତର ବିକାଶ ପାଇଁ ସେମାନେ ସର୍ବଦା ଇଚ୍ଛା ପ୍ରକାଶ କରିଥାଆନ୍ତି। ପ୍ରବାସୀ ଭାରତୀୟ କୃତ୍ରିମ ବୁଦ୍ଧିମତ୍ତା, ଇଲେକ୍ଟ୍ରୋନିକ ଯାନ, ଡ୍ରୋନ୍, ବୈଷୟିକ ଜ୍ଞାନକୌଶଳ, କାରିଗରି, ମହାକାଶ ଗବେଷଣା ଆଦି ବିଭିନ୍ନ କ୍ଷେତ୍ରରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟ କରୁଛନ୍ତି। ଭାରତ ସହ ସେମାନଙ୍କର ସହଭାଗିତା ବିକଶିତ ଭାରତର ସ୍ୱପ୍ନକୁ ସାକାର କରିବାରେ ଉଲ୍ଲେଖନୀୟ ଯୋଗଦାନ ହେବ। କୋଭିଡ୍ ସମୟରେ ଭାରତ ନିଜସ୍ୱ ଟିକା ତିଆରି କରିଥିଲା। ଚନ୍ଦ୍ରଯାନ-୩, ଗଗନଯାନ ମିଶନ ଗୋଟିଏ ଗୋଟିଏ ସଫଳତା। ବହୁତ ଯୁଗାନ୍ତକାରୀ ଯୋଜନା ଲୋକଙ୍କ ଜୀବନଧାରଣ ମାନକୁ ବଦଳାଇଛି। ସ୍ୱଚ୍ଛ ଭାରତ, ଆବାସ, ବେଟି ବଚାଓ ବେଟି ପଢ଼ାଓ ଏହାର ଉଦାହରଣ ବୋଲି ଜୟଶଙ୍କର କହିଛନ୍ତି।

କେନ୍ଦ୍ର ଯୁବ ବ୍ୟାପାର ମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ କହିଛନ୍ତି, ଭାରତ ଏକ ଯୁବ ଦେଶ। ଦେଶରେ ଏବେ ୨୦ ଜଣ ନାଗରିକରୁ ୧୩ ଜଣ ଯୁବକ। ଦେଶ ବିକାଶରେ ଯୁବକଙ୍କ ଭାଗୀଦାରି ଗୁରୁତ୍ୱପୂର୍ଣ୍ଣ। ଏହି ଯୁବକମାନେ ଆଗାମୀ ଦିନର ଭବିଷ୍ୟତ। ଆଗକୁ ସେମାନେ କେଉଁଭଳି ବିକଶିତ ଭାରତବର୍ଷ ଦେଖିବାକୁ ଚାହୁଁଛନ୍ତି, ସେହି ଲକ୍ଷ୍ୟରେ ପ୍ରଧାନମନ୍ତ୍ରୀ ଆଗକୁ ବଢୁଛନ୍ତି। ୧ ଲକ୍ଷ ଯୁବ ନେତୃତ୍ୱ ତିଆରି କରିବାକୁ ପ୍ରଧାନମନ୍ତ୍ରୀ ଲକ୍ଷ୍ୟ ରଖି କାମ କରୁଛନ୍ତି। ଦେଶ ବିକାଶରେ ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ, ସବ୍‌କା ପ୍ରୟାସ ଜରୁରୀ। ☞ପୃଷ୍ଠା-୨

# ରାଜଧାନୀ ରାସ୍ତାରେ ହତ୍ୟା

ଭୁବନେଶ୍ୱର,୮।୧
(ସୂର୍ଯ୍ୟକାନ୍ତ ବେହେରା)



ମୃତ ସହଦେବ ନାୟକ

■ ନୟାଗଡ଼ରୁ ମହିଳା ମାଷ୍ଟରମାଇଣ୍ଡଙ୍କ ସମେତ ୩ ଧରାପଡ଼ିଲେ



୩ ଅଭିଯୁକ୍ତ

ରାଜଧାନୀ ବିଟ୍ ରାସ୍ତାରେ ଜଣେ ପୂର୍ବତନ ପୋଲିସ ମିତ୍ର ତଥା ବିଏମ୍‌ସି ସଫେଇ କର୍ମଚାରୀ ସଂଘର ସଭାପତିଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ରସୁଲଗଡ଼ ନିକଟସ୍ଥ ଟ୍ରେନ୍ ଲାଇନ ଓଭରବ୍ରିଜ୍ ଉପରେ ବୁଧବାର ସକାଳ ୮ଟାରେ ଏହି ହତ୍ୟାକାଣ୍ଡ ଘଟିଛି। ନିଶା କାରବାରକୁ ବିରୋଧ ଏବଂ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ହତ୍ୟା କରାଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ମୃତକ ହେଲେ କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜୀନଗର କେଦାରପଲ୍ଲୀ ବସ୍ତିର ସହଦେବ ନାୟକ ଓରଫ ଢେଗ (୩୫)। ଅପରପକ୍ଷରେ କମିଶନରେଟ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଏହି ଘଟଣାରେ ସମ୍ପୃକ୍ତ ଜଣେ ମହିଳାଙ୍କ ସମେତ ୩ଜଣଙ୍କୁ ନୟାଗଡ଼ ଶରଣକୂଳ ଥାନା ଅନ୍ତର୍ଗତ ଗୋଡ଼ିବଜାର ନିକଟରୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ଷ୍ମୀଧର ନାଏକ, ରକି ନାଏକ ଏବଂ ଲିପିକା ନାଏକ। ଲିପିକା ଏହି ଘଟଣାର ମାଷ୍ଟରମାଇଣ୍ଡ ହୋଇଥିବା ଡିସିପି ପିନାକ ମିଶ୍ର କହିଛନ୍ତି। ପ୍ରବାସୀ ଭାରତୀୟ ଦିବସ ପାଇଁ ସାରା ଭୁବନେଶ୍ୱର କଡ଼ା ସୁରକ୍ଷା ବଳୟ ମଧ୍ୟରେ ଥିବାବେଳେ ଏଭଳି ଏକ ବୀଭତ୍ସ ହତ୍ୟାକାଣ୍ଡକୁ ନେଇ ସହରରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ସୂଚନା ଅନୁଯାୟୀ, ବୁଧବାର ସକାଳେ ସହଦେବ ନିଜ ୯ ବର୍ଷର ଝିଅଙ୍କୁ ରାମ ମନ୍ଦିର ନିକଟରେ ଥିବା ଏକ ଘରୋଇ ସ୍କୁଲରେ ଛାଡ଼ି ରସୁଲଗଡ଼ ଅଭିମୁଖେ ଯାଉଥିଲେ। ସମୟ ପାଖାପାଖି ୮ ସମୟରେ ରସୁଲଗଡ଼ ରେଲୱେ ଲାଇନ ଓଭରବ୍ରିଜ୍ ଉପରେ ୪ଜଣ ଯୁବକ ଦୁଇଟି ବାଇକ୍‌ରେ ଆସି ପ୍ରଥମେ ପଛପାର୍ଶ୍ୱରୁ ସହଦେବଙ୍କ ସ୍କୁଟିକୁ ଧକ୍କା ଦେଇଥିଲେ। ଏହାପରେ ସହଦେବ ଓ ଅଭିଯୁକ୍ତମାନଙ୍କ ମଧ୍ୟରେ ସେଠାରେ ଯୁକ୍ତିତର୍କ ହୋଇଥିଲା। ଏଥିରେ ଉତ୍‌କ୍ଷିପ୍ତ ହୋଇ ଅଭିଯୁକ୍ତମାନେ ସହଦେବଙ୍କ ମୁଣ୍ଡକୁ ହେଲ୍‌ମେଟରେ ମାଡ଼ ମାରିଥିଲେ। ☞ପୃଷ୍ଠା-୨

### ନିଶା କାରବାରକୁ ବିରୋଧ କରିବାରୁ ମାରିଦେଲେ

ଭୁବନେଶ୍ୱର କେଦାରପଲ୍ଲୀ ବସ୍ତିରେ ସହଦେବ ନାୟକ ପରିବାର ସହ ରହୁଥିଲେ। ସେ ସଫେଇ କର୍ମଚାରୀ ସଂଘର ସଭାପତି ଥିବା ସହ ପୋଲିସ ମିତ୍ର ଭାବେ ମଧ୍ୟ ପୂର୍ବରୁ କାମ କରୁଥିଲେ। ବସ୍ତିରେ ଚାଲିଥିବା ନିଶା କାରବାରକୁ ସେ ବିରୋଧ କରିବା ସହ ପୋଲିସକୁ ସୂଚନା ଦେଉଥିଲେ ବୋଲି କୁହାଯାଉଛି। ଅପରପକ୍ଷରେ ସେହି ବସ୍ତିରେ ରହୁଥିବା ଲିପିକା ନାଏକ ନିଶା ବ୍ୟବସାୟ କରୁଥିବାରୁ ତାଙ୍କୁ ଅବକାରୀ ବିଭାଗ ଓ କମିଶନରେଟ ପୋଲିସ ପୂର୍ବରୁ ଗିରଫ କରିଥିଲା। କିଛି ଦିନ ଜେଲରେ ରହିବା ପରେ ଲିପିକା ଜେଲରୁ ବାହାରିଥିଲେ। ଜେଲରୁ ବାହାରିବା ପରେ ପ୍ରତିଶୋଧ ପରାୟଣା ହୋଇପଡ଼ିବା ସହ ତାଙ୍କ ଜେଲ ଯିବା ପଛରେ ସହଦେବଙ୍କ ହାତ ଥିବା ଲିପିକା ସନ୍ଦେହ କରୁଥିଲେ। ତେଣୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ସେ ଯୋଜନା କରିଥିଲେ। ଏଥିପାଇଁ ସ୍ୱାମୀ ଲକ୍ଷ୍ମୀଧର ଓ ସାହିର ରକିଙ୍କ ସହଯୋଗ ଲୋଡ଼ିଥିଲେ। ସେମାନେ ସହଦେବଙ୍କ ଗତିବିଧି ଉପରେ ନଜର ରଖିଥିଲେ। ଏପରି କି ପୂର୍ବରୁ ଧମକ୍ ମଧ୍ୟ ଦେଇଥିଲେ। ବୁଧବାର ସକାଳେ ଅଭିଯୁକ୍ତମାନେ ସହଦେବଙ୍କୁ ପିଛା କରି ଆକ୍ରମଣ ସହ ହତ୍ୟା କରିଦେଲେ ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

# ତିରୁପତିରେ ଦଳାଚକଟା: ୬ ମୃତ

ତିରୁପତି,୮।୧



ଆନ୍ଧ୍ରପ୍ରଦେଶର ତିରୁପତି ମନ୍ଦିରରେ ବୁଧବାର ସନ୍ଧ୍ୟାରେ ଦର୍ଶନ ପାଇଁ ଟୋକେନ୍ ବଣ୍ଟନ ବେଳେ ଦଳାଚକଟାରେ ୪ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ୬ ଆହତ ହୋଇଛନ୍ତି। ବିଷ୍ଣୁ ନିବାସ ଦ୍ୱାର ନିକଟରେ ଦର୍ଶନ ପାଇଁ ୪,୦୦୦ରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ସେମାନେ ଟୋକେନ୍ ନେବା ପାଇଁ ଧାଡ଼ି ବାନ୍ଧି ଛିଡ଼ା ହୋଇଥିବାବେଳେ ଠେଲାପେଲା ଯୋଗୁ ଦଳାଚକଟା ହୋଇଥିବା କୁହାଯାଉଛି। ତିରୁପତି ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରରେ ଆସନ୍ତା ୧୦ରୁ ୧୯ ତାରିଖ ପର୍ଯ୍ୟନ୍ତ ୧୦ ଦିନ ଧରି ଚାଲିବାକୁ ଥିବା ବୈକୁଣ୍ଠ ଦ୍ୱାର ଦର୍ଶନ ପାଇଁ ଟିକେଟ କେନ୍ଦ୍ରରେ ଗହଳି ହୋଇଥିଲା। ଏହି ସମୟରେ ହଠାତ୍ ଦଳାଚକଟା ହେବାରୁ ୬ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଶୋକବ୍ୟକ୍ତ କରିବା ସହ ଆହତମାନଙ୍କ ଆଶୁ ଅରୋଗ୍ୟ କାମନା କରିଛନ୍ତି। ଏଥିସହ ସେମାନଙ୍କ ଚିକିତ୍ସା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆହତମାନଙ୍କୁ ସ୍ଥାନୀୟ ରୁଇଆ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତିରୁମାଲା ତିରୁପତି ଦେବସ୍ଥାନମ୍ ବୋର୍ଡ ଅଧ୍ୟକ୍ଷ ବି.ଆର୍. ନାଇଡୁ ଏକ ଜରୁରୀ ବୈଠକ ଡାକିଛନ୍ତି। ମୃତକଙ୍କ ମଧ୍ୟରେ ତାମିଲନାଡୁ ସାଲେମର କେତେଜଣ ବାସିନ୍ଦା ଥିବା କୁହାଯାଉଛି।

## କୁମ୍ଭମେଳା: ଓଡ଼ିଶାରୁ ପ୍ରୟାଗରାଜକୁ ଗଡ଼ିବ ବସ୍

ଭୁବନେଶ୍ୱର, ୮।୧ (ସୁନିତ୍ ମିଶ୍ର)

ଉତ୍ତର ପ୍ରଦେଶର ପ୍ରୟାଗରାଜଠାରେ ଆରମ୍ଭହେବାକୁ ଥିବା କୁମ୍ଭମେଳାକୁ ଓଡ଼ିଶାରୁ ଗାଡ଼ି ଗଡ଼ିବ। ଆସନ୍ତା ୧୩ ତାରିଖରୁ ଉତ୍ତରପ୍ରଦେଶର ପ୍ରୟାଗରାଜରେ ମହାକୁମ୍ଭ ମେଳା ଆରମ୍ଭ ହେବ। ଏହି ମେଳାରେ ଦେଶରୁ ବହୁ କୋଟି ଶ୍ରଦ୍ଧାଳୁ ଯୋଗଦେଇ ଗଙ୍ଗାରେ ବୁଡ଼ ପକାଇବେ। ଉକ୍ତ ପରମ୍ପରା ବହୁ ପୂର୍ବରୁ ରହିଆସିଛି। ଏଥିଲାଗି ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ବେଳେ ଏବେଠାରୁ ପ୍ରୟାଗରାଜଠାରେ ପ୍ରବଳ ଭିଡ଼ ଜମିଲାଣି। ଏଥିରେ ସାମିଲହେବା ପାଇଁ ଓଡ଼ିଶାରୁ ଅଯୋଧ୍ୟାକୁ ସ୍ୱତନ୍ତ୍ର ବସ୍ ଗଡ଼ିବ ବୋଲି ଜଣାପଡ଼ିଛି। ☞ପୃଷ୍ଠା-୨

**ସୂଚନା:** ଅନିବାର୍ଯ୍ୟ କାରଣରୁ ଏ ସପ୍ତାହର 'ବିଚିତ୍ରା' ପୃଷ୍ଠା ପ୍ରକାଶ ପାଇପାରୁନାହିଁ।

**ଆଜିର ସମ୍ପାଦକୀୟ**

**ଯୁଧିଷ୍ଠିର ଓ ଅଶୋକଙ୍କ ହିଂସା**

## ୧୭ ବର୍ଷ ପରେ ଫେରିଲେ 'ମୃତକ'

**ହତ୍ୟା ଅଭିଯୋଗରେ ଦଣ୍ଡ ଭୋଗିଛନ୍ତି ୪**

ନାଗପୁର, ୮।୧



ନଥୁନି ପାଲ୍

ବିହାର ପୋଲିସର ରେକର୍ଡ ଅନୁଯାୟୀ, ରୋହତାସ ଜିଲା ଅକୋଡ଼ି ଗୋଲା ଗ୍ରାମର ବାସିନ୍ଦା ନଥୁନି ପାଲ୍(୫୦)ଙ୍କୁ ୧୭ ବର୍ଷ ତଳେ ତାଙ୍କ ଦାଦା ଓ ୩ ସମ୍ପର୍କୀୟ ଭାଇ ଅପହରଣ କରି ହତ୍ୟା କରିଥିଲେ। ଏଥିପାଇଁ ୪ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ କରାଯାଇ ଜେଲଦଣ୍ଡ ଦିଆଯାଇଥିଲା। ତେବେ ବୁଧବାର ପାଟ୍ରୋଲିଂ କରୁଥିବା ସମୟରେ ଉତ୍ତରପ୍ରଦେଶର ଝାନ୍‌ସି ପୋଲିସ ନାଥୁନି ପାଲ୍‌ଙ୍କୁ ଜୀବନ୍ତ ଖୋଜିପାଇଛି। ଝାନ୍ସି ପୋଲିସ ଖୁବ୍‌ଶୀଘ୍ର ନାଥୁନିଙ୍କୁ ବିହାର ପୋଲିସକୁ ହସ୍ତାନ୍ତର କରିବ।

ବୁଧବାର ଝାନ୍ସି ପୋଲିସ ସହରର ବରୁଆସାଗର ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ନାଥୁନି ପାଲ୍‌ଙ୍କୁ ସନ୍ଦିଗ୍ଧ ଅବସ୍ଥାରେ ଖୋଜି ପାଇଥିଲା। ତେବେ ସେ ଗତ ୬ ମାସ ହେବ ବରୁଆସାଗର ଅଞ୍ଚଳରେ ରହୁଥିବା ନେଇ ସ୍ଥାନୀୟ ଲୋକେ କହିଥିଲେ। ଏହାପରେ ପୋଲିସ ତାଙ୍କୁ ଥାନାକୁ ଆଣି ଅଧିକ ପଚରାଉଚରା କରିଥିଲା। ନାଥୁନି ବିହାରର ରୋହତାସ ଜିଲାର ମୂଳବାସିନ୍ଦା ☞ପୃଷ୍ଠା-୨

# ବିବାଦରେ ୟୁଜିସି ଚିଠା ଗାଇଡ୍‌ଲାଇନ୍

**ଦେଶର ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକରେ ଫାକଲ୍ଟି ନିଯୁକ୍ତି ଓ ପଦୋନ୍ନତି ସଂକ୍ରାନ୍ତରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୋମବାର ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି)ର ଏକ ନୂଆ ଚିଠା ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ତଦନୁଯାୟୀ ରାଜ୍ୟପାଳ ତଥା ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟର କୁଳାଧିପତିଙ୍କ କ୍ଷମତା ପରିସରକୁ ପରିବର୍ଦ୍ଧିତ କରାଯାଇଛି। ଫଳରେ ରାଜ୍ୟପାଳଙ୍କ ଦ୍ୱାରା ଗଠିତ ଏକ କମିଟି ଅଣଶୈକ୍ଷିକ ପୃଷ୍ଠଭୂମିର ବ୍ୟକ୍ତିବିଶେଷଙ୍କୁ କୁଳପତି ନିଯୁକ୍ତ କରିପାରିବେ ବୋଲି ଉକ୍ତ ଚିଠା ଗାଇଡ୍‌ଲାଇନ୍‌ରେ ପ୍ରସ୍ତାବ ରହିଛି। ଏହି ପ୍ରସଙ୍ଗରେ ବିଚାରବିମର୍ଶ ପାଇଁ ଲୋକଙ୍କ ମତାମତ ଆହ୍ୱାନ କରାଯାଇଥିବାବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ନେଇ ବିବାଦ ମୁଣ୍ଡ ଟେକିଛି। ଏହା ସଂଘୀୟ ବ୍ୟବସ୍ଥା ଓ ରାଜ୍ୟର ଅଧିକାର ଉପରେ ଆକ୍ରମଣ ବୋଲି ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସମାଲୋଚନା କରିଛନ୍ତି। ସେହିପରି ସିପିଆଇଏମ୍ ବିରୋଧୀ ଶାସିତ ରାଜ୍ୟଗୁଡ଼ିକରେ ଭିସି ନିଯୁକ୍ତି ପାଇଁ ପଛଦ୍ୱାର ଖୋଲିଦେବା ସଦୃଶ କହି ୟୁଜିସି ଡ୍ରାଫ୍ଟ ରେଗୁଲେଶନ୍ସ ୨୦୨୫କୁ ତୁରନ୍ତ ପ୍ରତ୍ୟାହାର ଦାବି କରିଛି।**

■ **ଅଣଶୈକ୍ଷିକ ପୃଷ୍ଠଭୂମିରୁ ବିଶ୍ୱବିଦ୍ୟାଳୟ କୁଳପତି ନିଯୁକ୍ତି ପ୍ରସ୍ତାବ**

■ **ରାଜ୍ୟପାଳଙ୍କ କ୍ଷମତା ବୃଦ୍ଧି ରାଜ୍ୟ ଅଧିକାର ଉପରେ ହସ୍ତକ୍ଷେପ: ବିରୋଧୀ**

ନୂଆଦିଲ୍ଲୀ,୮।୧

ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ବିଶ୍ୱବିଦ୍ୟାଳୟ ଓ କଲେଜଗୁଡ଼ିକରେ ଗୁଣବତ୍ତା ବଜାୟ ସକାଶେ ଶିକ୍ଷକ ଓ ଶୈକ୍ଷିକ ଷ୍ଟାଫ୍‌ଙ୍କ ନିଯୁକ୍ତି ଏବଂ ପଦୋନ୍ନତି ପାଇଁ ସର୍ବନିମ୍ନ ଯୋଗ୍ୟତା) ସମ୍ପର୍କିତ ଚିଠା ନିୟାମକ, ୨୦୨୫ ଜାରି ହେବାର ୨ ଦିନ ପରେ ବିରୋଧୀ ଦଳଗୁଡ଼ିକ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ସୋମବାର ପ୍ରକାଶିତ ଏହି ଚିଠା ନିର୍ଦ୍ଦେଶାବଳୀରେ କୁଳପତି ନିଯୁକ୍ତି ଚୟନ ପ୍ରକ୍ରିୟା ନେଇ ପୂର୍ବରୁ ରହିଥିବା ବ୍ୟବସ୍ଥାରେ ପରିବର୍ତ୍ତନ ଅଣାଯାଇଥିବା ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସୂଚନା ଦେଇଥିଲେ। ଧର୍ମେନ୍ଦ୍ର ଆହୁରି କହିଥିଲେ, ଏହାଦ୍ୱାରା ଉଚ୍ଚ ଶିକ୍ଷାନୁଷ୍ଠାନଗୁଡ଼ିକ ପ୍ରତିଟି ଦିଗରେ ନବଉନ୍ମେଷବାଦୀ, ସମାବେଶୀ, ନମନୀୟ ଓ ବିକାଶମୁଖୀ ହୋଇପାରିବ। ଶିକ୍ଷାରେ ଉତ୍କର୍ଷ ହାସଲ ପାଇଁ ପଥ ସୁଗମ ହୋଇପାରିବ। ୟୁଜିସି ଚିଠା ମୁତାବକ ୟୁନିଭର୍ସିଟି ଚାନ୍ସେଲର ବା ରାଜ୍ୟପାଳ ରାଜ୍ୟରେ ଥିବା ବିଶ୍ୱବିଦ୍ୟାଳୟଗୁଡ଼ିକରେ ଭାଇସ୍-ଚାନ୍ସେଲର(ଭିସି)ଙ୍କୁ ଚୟନ କରିବା ପାଇଁ ଏକ ୩ ଜଣିଆ କମିଟି ଗଠନ କରିବେ। ଏଥିଲାଗି ତାଙ୍କୁ ବିଧିବଦ୍ଧ କ୍ଷମତା ପ୍ରଦାନ କରାଯିବ ବୋଲି ଏଥିରେ ପ୍ରସ୍ତାବ ରହିଛି। ଏହାକୁ କାର୍ଯ୍ୟକାରୀ ନ କଲେ ସମ୍ପୃକ୍ତ ଉଚ୍ଚ ଶିକ୍ଷାନୁଷ୍ଠାନକୁ ୟୁଜିସି ସ୍କିମ୍ ବା ଡିଗ୍ରୀ କାର୍ଯ୍ୟକ୍ରମଗୁଡ଼ିକରୁ ବାଦ୍ ଦିଆଯିବ ବୋଲି ଚେତାଇ ଦିଆଯାଇଛି। ୟୁଜିସି ପକ୍ଷରୁ ବିଭିନ୍ନ ପକ୍ଷ ଓ ଜନସାଧାରଣଙ୍କଠାରୁ ୩୦ ଦିନ ଭିତରେ ଚିଠା ଉପରେ ମତାମତ ଲୋଡ଼ାଯାଇଛି।

ଅନ୍ୟପକ୍ଷେ ତାମିଲନାଡୁ, ପଶ୍ଚିମବଙ୍ଗ ଓ କେରଳ ଭଳି ବିରୋଧୀ ଶାସିତ ରାଜ୍ୟରେ ରାଜ୍ୟପାଳ ଓ ସରକାରଙ୍କ ମଧ୍ୟରେ ପୂର୍ବରୁ ବିଭିନ୍ନ ପ୍ରସଙ୍ଗରେ ବିବାଦ ଲାଗିରହିଛି। ତେଣୁ ୟୁଜିସିର ନୂଆ ଚିଠା ଗାଇଡ୍‌ଲାଇନ୍ ଜାରିହେବା ପରେ ଏହି ରାଜ୍ୟଗୁଡ଼ିକ ଆପତ୍ତି ଉଠାଇବା ଅସ୍ୱାଭାବିକ ନୁହେଁ। ଏହିକ୍ରମରେ ତାମିଲନାଡୁ ରାଜ୍ୟପାଳ ଏନ୍. ରବିଙ୍କ ସହ ପୂର୍ବରୁ ମୁହାଁମୁହିଁ ଅବସ୍ଥାରେ ଥିବା ମୁଖ୍ୟମନ୍ତ୍ରୀ ତଥା ଡିଏମ୍‌କେ ମୁଖ୍ୟ ଏମ୍.କେ. ଷ୍ଟାଲିନ୍ ମଙ୍ଗଳବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରି କହିଛନ୍ତି, ରାଜ୍ୟପାଳଙ୍କୁ ଭିସି ନିଯୁକ୍ତି ନେଇ ଅତ୍ୟଧିକ କ୍ଷମତା ପ୍ରଦାନ ସଂଘୀୟ ବ୍ୟବସ୍ଥାର ପରିପନ୍ଥୀ। ରାଜ୍ୟପାଳଙ୍କ ହାତରେ ସବୁ ନିୟନ୍ତ୍ରଣ ରହିଲେ ରାଜ୍ୟର ଅଧିକାର କ୍ଷୁଣ୍ଣ ହେବ। କେନ୍ଦ୍ରର ଭାଜପା ସରକାର ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ରାଜ୍ୟ ସରକାରଙ୍କ କ୍ଷମତାକୁ ନ୍ୟୂନ କରିବା ପାଇଁ ☞ପୃଷ୍ଠା-୨

# ଆଜି କ'ଣ କେଉଁଠି

## ଭୁବନେଶ୍ୱର
- ପ୍ରବାସୀ ଭାରତୀୟ ଦିବସ, ସ୍ଥାନ: ଜନତା ମଇଦାନ, ସମୟ: ସକାଳ ୯ଟା ୩୦ ।
- ଅନ୍ତଃକ୍ଷେତ୍ରୀୟ ଶିକ୍ଷା ସଂସ୍ଥାନ ବିଦ୍ୟାର୍ଥୀ ମିଳନ ସମାରୋହ, ସ୍ଥାନ: ଖେଳ ମୈଦାନ, କ୍ଷେତ୍ରୀୟ ଶିକ୍ଷା ସଂସ୍ଥାନ, ସମୟ: ପୂର୍ବାହ୍ନ ୧୧ଟା ।
- ଆଦିବାସୀ ମେଳା, ସ୍ଥାନ: ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆ, ସମୟ: ଅପରାହ୍ନ ୪ଟା ୩୦ ।

## ପୁରୀ
- ୨୯ତମ ନିମାପଡ଼ା କପ୍ ତଥା ପ୍ରଥମ ତାପସ ଦାସ ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ୪ର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ୍, ସ୍ଥାନ: ବାରାବାଟି ମିନି ଷ୍ଟାଡିୟମ, ନିମାପଡ଼ା, ସମୟ: ସକାଳ ୯ଟା ।

## ଖୋର୍ଦ୍ଧା
- ମା'ଜଟିଆଣିଙ୍କ ୪୯ତମ ବାର୍ଷିକ ଶାମ୍ବ ଦଶମୀ ଉତ୍ସବ, ସ୍ଥାନ: ମା'ଙ୍କ ମନ୍ଦିର ପ୍ରାଙ୍ଗଣ, ପାତ୍ରପଡା, ଜଟଣୀ, ସମୟ: ସକାଳ ୯ଟା ।

## ବାଲେଶ୍ୱର
- ୮୦ ତମ ବାର୍ଷିକ ଜିଲା ଦୌଡ଼କୁଦ ପ୍ରତିଯୋଗିତାର ଉଦ୍‌ଯାପନୀ ଦିବସ, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ: ସକାଳ ୯ଟା ।
- ଅନ୍ତର୍ଜାତୀୟ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ଫକୀରମୋହନ ବିଶ୍ୱବିଦ୍ୟାଳୟ, ନୂଆପାଢ଼ୀ କ୍ୟାମ୍ପସ, ବାଲେଶ୍ୱର, ସମୟ: ସକାଳ ୯ଟା ୩୦ ।
- ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିରର ଚତୁର୍ଥ ଦିବସ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ସମୟ: ପୂର୍ବାହ୍ନ ୧୧ଟା ।

## ଭଦ୍ରକ
- ଖବରଦାତା ସମ୍ମିଳନୀ, ସ୍ଥାନ: ଭାଗବତ କଲ୍ୟାଣ ମଣ୍ଡପ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା ।

## କେନ୍ଦୁଝର
- ଶ୍ରୀ ଲକ୍ଷ୍ମୀ ନାରାୟଣ ମନ୍ଦିରରେ ମହିଳାଙ୍କ ସୁଦଶା ବ୍ରତ ଏବଂ ପୂଜା, ସ୍ଥାନ: ବଂଚୋ, ହାଟଡ଼ିହୀ, ସମୟ : ସକାଳ ୯ ଟା ।
- ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ଭଜନ ଏବଂ ନାମ ସଂକୀର୍ତ୍ତନ, ସ୍ଥାନ: କାନପୁର, ହାଟଡ଼ିହୀ, ସମୟ: ସନ୍ଧ୍ୟା ୬ ଟା ।

## ମୟୂରଭଞ୍ଜ
- ଆତ୍ମସୁରକ୍ଷା ତାଲିମ ଶିବିରର ଚତୁର୍ଥ ଦିବସ,ସ୍ଥାନ: ଆଞ୍ଚଳିକ ମହାବିଦ୍ୟାଳୟ, ଗଡ଼ିଆ, ମୋରଡ଼ା,ସମୟ: ପୂର୍ବାହ୍ନ ୧୦ଟା ।

## ବ୍ରହ୍ମପୁର
- ସଂଗ୍ରାମୀ ଚକରା ବିଷୋୟୀ ସାହିତ୍ୟ ସଂସଦର ବାର୍ଷିକ ଉତ୍ସବ,ସ୍ଥାନ: ଗଞ୍ଜାମ କଳା ପରିଷଦ, ସମୟ: ଅପରାହ୍ନ ୪ଟା ।
- ସୁହାନୀ କ୍ରିଏଶନର ନାଟକ ପରିବେଷଣ, ସ୍ଥାନ: ପ୍ରକାଶମ ହଲ, ସମୟ: ସନ୍ଧ୍ୟା ୭ଟା ।

## ଗଞ୍ଜାମ
- ରାଜ୍ୟସ୍ତରୀୟ ଚକରା ବିଷୋୟୀ ଜୟନ୍ତୀ ମହୋତ୍ସବ, ସ୍ଥାନ: ଭଞ୍ଜନଗର ଟାଉନ୍ ହଲ୍, ସମୟ: ସନ୍ଧ୍ୟା ୬ଟା ।
- ଆତ୍ମରକ୍ଷା ତାଲିମ ଶିବିର, ସ୍ଥାନ: ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ, ସମୟ: ସକାଳ ୯ଟା ।
- ପ୍ରଧାନମନ୍ତ୍ରୀ ଜନଔଷଧି ଦୋକାନ ଉଦ୍‌ଘାଟନ,ସ୍ଥାନ: ଭଞ୍ଜନଗର ରେଡକ୍ରସ ରୋଡ, ସମୟ: ପୂର୍ବାହ୍ନ ୧୦ଟା ।

## ଅନୁଗୋଳ
- ଜିଲା ଯୋଜନା ଓ ପର୍ଯ୍ୟବେକ୍ଷଣ ବିଭାଗର ଜଳବାୟୁ ପରିବର୍ତ୍ତନ ଉପରେ କୁଇଜ ପ୍ରତିଯୋଗିତା, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା କୃଷି ମହୋତ୍ସବରେ କୃଷି ପାଠଶାଳା, ସ୍ଥାନ: ଅନୁଗୋଳ ବିଜୁ ମଇଦାନ, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ଜଗତ୍‌ସିଂହପୁର
- ଆନ୍ତଃ ବିଦ୍ୟାଳୟ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା ।

## କେନ୍ଦ୍ରାପଡ଼ା
- ବିପ୍ଳବୀ କବି ଆନନ୍ଦଚନ୍ଦ୍ର କ୍ରିକେଟ କପ ଟୁର୍ନାମେଣ୍ଟ, ସ୍ଥାନ: ଡାଳିକାଏନ୍ଦା, ସିକୋ, ରାଜକନିକା, ସମୟ: ସକାଳ ୯ଟା ।
- କେନ୍ଦ୍ରାପଡ଼ା ଇଭେଣ୍ଟ ମ୍ୟାନେଜର୍ସ (କେମ) ଆୟୋଜିତ ରାଜ୍ୟସ୍ତରୀୟ କେନ୍ଦ୍ରାପଡ଼ା ପୁସ୍ତକ ମେଳା, ସ୍ଥାନ: ଟେଲିକମ ଗ୍ରାଉଣ୍ଡ, ମହିପାଳ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୫ଟା ।

## ନୟାଗଡ଼
- ରାମଚରିତ ମାନସର ୪ର୍ଥ ଦିବସ, ସ୍ଥାନ:ଖଣ୍ଡପଡ଼ା ବ୍ଲକର ସିଦ୍ଧାମୂଳାସ୍ଥ ଜଗନ୍ନାଥ ମନ୍ଦିର, ସମୟ:ସକାଳ ୭ଟା୩୦ ।
- ଜିଲାସ୍ତରୀୟ ଡାକଟିକେଟ ପ୍ରଦର୍ଶନୀର ଉଦ୍‌ଯାପନୀ ଉତ୍ସବ, ସ୍ଥାନ:ନୟାଗଡ଼ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ଅଡିଟୋରିୟମ, ସମୟ:ପୂର୍ବାହ୍ନ ୧୦ଟା୩୦ ।
- ରଣପୁର ମହୋତ୍ସବ ଅର୍ଜୁନ ୨୦୨୫ର ଉଦ୍‌ଯାପନ ଉତ୍ସବ, ସ୍ଥାନ: ରଣପୁର ବାଘ ସାମନ୍ତ ପଡ଼ିଆ, ସମୟ:ଅପରାହ୍ନ ୩ଟା ।

## ରାୟଗଡ଼ା
- ଅଷ୍ଟାଦଶ ପ୍ରବାସୀ ଭାରତୀୟ ଦିବସର ୨ୟ ଦିନ, ସ୍ଥାନ: ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ।
- ରାଜ୍ୟ ବିଦ୍ୟୁତ ନିଗମ ଯନ୍ତ୍ରୀ ସଂଘ ପକ୍ଷରୁ ବିକ୍ଷୋଭ, ସ୍ଥାନ: ଶିରିଗୁଡାସ୍ଥିତ ଟାଟା ପାୱାର ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖ, ରାୟଗଡ଼ା, ସମୟ: ସନ୍ଧ୍ୟା ୬ ଟା ।

## ନବରଙ୍ଗପୁର
- ଜିଲାସ୍ତରୀୟ ପୁଷ ପୁନି କାର୍ଯ୍ୟକ୍ରମ ମଞ୍ଚ ପୂଜା, ସ୍ଥାନ: ନବରଙ୍ଗପୁର ପୋଲିସ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।

## କୋରାପୁଟ
- ଖବରଦାତାଙ୍କ ସୁରକ୍ଷା ନେଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ପରିଚାଳନା କମିଟି ସମୀକ୍ଷା ବୈଠକ, ସ୍ଥାନ: ଜିଲାପାଳଙ୍କ ସମ୍ମିଳନୀ କକ୍ଷ, କୋରାପୁଟ, ସମୟ: ଅପରାହ୍ନ ୪ ଟା ।
- ୮ମ ଗଭର୍ନିଂ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା ।

## ସମ୍ବଲପୁର
- ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଭାରତର ପ୍ରଥମ ମୁସଲିମ ଶିକ୍ଷୟିତ୍ରୀ ମାତା ଫତିମାଙ୍କ ଜୟନ୍ତୀ, ସ୍ଥାନ : ସାମ୍ବାଦିକ ଭବନ, ସମୟ : ସକାଳ ୯ଟା ୩୦ ।
- ଓରମାସ ଆୟୋଜିତ ପଲ୍ଲିଶ୍ରୀ ମେଳା-୨୦୨୫, ସ୍ଥାନ : ଅଇଁଠାପାଲି ନିକଟସ୍ଥ ପିଏଚ୍‌ଡି ପଡ଼ିଆ, ସମୟ : ପୂର୍ବାହ୍ନ ୧୦ଟାରୁ ରାତି ୯ଟା ୪୫ ।
- ଲତା ଘନଶ୍ୟାମ ମଣ୍ଡଳ ପକ୍ଷରୁ ଶ୍ରୀମଦ୍ ଭାଗବତ ପାଠ, ସ୍ଥାନ : ସାକ୍ଷୀ ଗୋପୀନାଥ ପଡ଼ା, ସମୟ : ଅପରାହ୍ନ ୩ଟା ୩୦ ।
- ଦାନିପାଲି ଶ୍ରୀଲଡ୍ଡୁ ଗୋପାଳ ସେବା ସମିତି ଆୟୋଜିତ ଶ୍ରୀମଦ ଭାଗବତ କଥା ମହୋତ୍ସବରେ ଶ୍ରୀ ସୁଦାମ ଚରିତ୍ର ବିଷୟରେ ପ୍ରବଚନ ଓ ଉଦଯାପନୀ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଲିଆ ପଡିଆ, ସମୟ : ଅପରାହ୍ନ ୫ଟା ।

## ବଲାଙ୍ଗୀର
- ଲୋଇସିଂହା ମହାବିଦ୍ୟାଳୟରେ ଆତ୍ମସୁରକ୍ଷା ତାଲିମ ଶିବିର, ସ୍ଥାନ: ଲୋଇସିଂହା ମହାବିଦ୍ୟାଳୟ, ସମୟ: ସକାଳ ୮ଟା ।
- ଲୋଇସିଂହା ମହାବିଦ୍ୟାଳୟ ପକ୍ଷରୁ ପ୍ରବାସୀ ଭାରତୀୟ କାର୍ଯ୍ୟକ୍ରମକୁ ନେଇ ଶୋଭାଯାତ୍ରା, ସ୍ଥାନ: ମହାବିଦ୍ୟାଳୟରୁ ଚାରିଛକ, ସମୟ: ପୂର୍ବାହ୍ନ ୧୦ଟା ।
- ଲୋଇସିଂହା ମହାବିଦ୍ୟାଳୟରେ ପୋକ୍ସ ଆଇନ ଉପରେ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ ଲୋଇସିଂହା ମହାବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ଆଗଲପୁର ବ୍ଲକ ବଡ଼ଟିକା ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ଚତୁର୍ଥ ଦିବସ, ସ୍ଥାନ: ହାଇସ୍କୁଲ ଖେଳ ପଡ଼ିଆ, ସମୟ: ଅପରାହ୍ନ ୩ଟା ।
- ଆଗଲପୁର ବ୍ଲକ ନଅଗାଁ(ଖ) ବୁଢ଼ା ଦେଓ ମହୋତ୍ସବ ଉଦ୍‌ଯାପନୀ, ସ୍ଥାନ: ନଅଗାଁ (ଖ) ସମୟ: ସନ୍ଧ୍ୟା ୭ଟା ।

## ସୁବର୍ଣ୍ଣପୁର
- ସୁବର୍ଣ୍ଣ ଲୋକ ମହୋତ୍ସବ ଅବସରରେ ଜାତୀୟ ଶିକ୍ଷାନୀତି-୨୦୨୦ ଓ ଉଚ୍ଚଶିକ୍ଷା ଶୀର୍ଷକ ଆଲୋଚନାଚକ୍ର, ସ୍ଥାନ: ଜିଲା ସଂସ୍କୃତି ଭବନ, ସମୟ: ପୂର୍ବାହ୍ନ ୧୧ଟା ।
- ରାଜ୍ୟସ୍ତରୀୟ ସୁଜନ ନାଗ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ପୁଲ ବି'ର ପ୍ରଥମ ମ୍ୟାଚ୍, ସ୍ଥାନ: ସୋନପୁର ରୟାଲ ପଡିଆ, ସମୟ: ଅପରାହ୍ନ ୨ଟା ୩୦ ।
- ସୁବର୍ଣ୍ଣ ଲୋକ ମହୋତ୍ସବର ଚତୁର୍ଥ ସନ୍ଧ୍ୟା, ସ୍ଥାନ: ରାମେଶ୍ୱର ଷ୍ଟାଡିୟମ ସ୍ଥିତ ଫକୀର ପଟ୍ଟନାୟକ ମଞ୍ଚ, ସମୟ: ସନ୍ଧ୍ୟା ୬ଟା ।

## ବରଗଡ଼
- ସାମାଜିକ ସେବା ଶିବିର, ସ୍ଥାନ: ସମଲେଶ୍ୱରୀ ହାଇସ୍କୁଲ, ଗୋପପୁର, ସମୟ: ସକାଳ ୮ଟା ।
- ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ସ୍ଥାନ: ଧନୁଯାତ୍ରା ମୀନାବଜାର ପଡ଼ିଆ, ମଥୁରାନଗରୀ, ସମୟ: ଅପରାହ୍ନ ୩ଟା ।
- ବାଲ୍ ଧନୁଯାତ୍ରା ମହୋତ୍ସବ, ସ୍ଥାନ: ସରକାରୀ ବାଳିକା ହାଇସ୍କୁଲ, ମଥୁରାନଗରୀ, ସମୟ: ଅପରାହ୍ନ ୫ଟା ।

## ଝାରସୁଗୁଡ଼ା
- ଛାତ୍ରୀଙ୍କ ଆତ୍ମସୁରକ୍ଷା ତାଲିମ ଶିବିର, ସ୍ଥାନ: ଲକ୍ଷ୍ମୀନାରାୟଣ କଲେଜ, ସମୟ: ୧୦ଟା ।
- ଶାମ୍ବ ଦଶମୀ ପାଳନ, ସ୍ଥାନ: କୁକୁରଜଙ୍ଘା ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା ।
- ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ବିୟୋଗରେ ଶୋକସଭା, ସ୍ଥାନ: ଭିକମପାଲି କମ୍ୟୁନିଟିହଲ, ସମୟ: ପୂର୍ବାହ୍ନ ୧୧ଟା ।
- ଅଣ୍ଡର ୧୭ ନକଆଉଟ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ, ସ୍ଥାନ: ଭିଏସ୍‌ଏସ୍ ଖେଳ ପଡିଆ, ବ୍ରଜରାଜନଗର, ସମୟ: ଅପରାହ୍ନ ୩ଟା ।

## ରାଉରକେଲା
- ଜିଲା ଭାଜପା ସଭାପତି ପଦ ପାଇଁ ନାମାଙ୍କନପତ୍ର ଦାଖଲ, ସ୍ଥାନ: ସେକ୍ଟର-୩ ଜିଲା ଭାଜପା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲୀପ ରାୟଙ୍କ ଜନ୍ମଦିନ ପାଳନ, ସ୍ଥାନ: ହନୁମାନ ବାଟିକା, ସମୟ: ପୂର୍ବାହ୍ନ ୧୦ଟା ।
- ଶାମ୍ବ ଦଶମୀ ପାଇଁ କମ୍ବଳ ବଣ୍ଟନ, ସ୍ଥାନ: ରାଉରକେଲା ସରକାରୀ ଡାକ୍ତରଖାନା, ସମୟ: ପୂର୍ବାହ୍ନ ୧୧ଟା ।
- ପୂର୍ବତନ କେନ୍ଦ୍ରମନ୍ତ୍ରୀଙ୍କ ଜନ୍ମଦିନ ପାଳନ, ସ୍ଥାନ: ହନୁମାନ ବାଟିକା, ସମୟ: ମଧ୍ୟାହ୍ନ ୧୨ଟା ।
- ଲୋକ ନାଟକ ମହୋତ୍ସବର ୫ମ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦ ।

## ଦେବଗଡ଼
- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ନଗର କୀର୍ତ୍ତନ, ସ୍ଥାନ: ଦେବଗଡ଼ ସହର, ସମୟ: ପ୍ରାତଃ ୫ଟା ।
- ୩ ଦିନିଆ ଦଶମ ଶ୍ରେଣୀ ମେଧାବୀ ଆବାସିକ ଶିକ୍ଷାର୍ଥୀଙ୍କ ନିମନ୍ତେ ଶିକ୍ଷଣ ଶିବିର, ସ୍ଥାନ: ଟାଉନ ଉଚ୍ଚ ବିଦ୍ୟାଳୟ, ଦେବଗଡ଼, ସମୟ: ସକାଳ ୬ଟା ୩୦ ।
- ଯୁବ ରେଡ଼କ୍ରସ ସୋସାଇଟି ପକ୍ଷରୁ ସଡ଼କ ସୁରକ୍ଷା ମାସ ପାଳନ ପାଇଁ ସଚେତନତା ରାଲି, ସ୍ଥାନ: ପଞ୍ଚାୟତ ସମିତି କଲେଜ, ସୁଗୁଡ଼ା, ସମୟ: ସକାଳ ୯ଟା ।
- କ୍ରୀଡ଼ା ଉତ୍ସବ, ସ୍ଥାନ: ଇନ୍ଦିରା ଗାନ୍ଧୀ ଷ୍ଟାଡିୟମ୍, ଦେବଗଡ଼, ସମୟ: ପୂର୍ବାହ୍ନ ୧୦ଟା ।
- ୨୧ତମ ସର୍ବ ଭାରତୀୟ ରାଧାକ୍ରିଷ୍ଣ ଟି-୨୦ କ୍ରିକେଟ ପ୍ରତିଯୋଗିତାର ଦ୍ୱିତୀୟ ଦିବସ, ସ୍ଥାନ: ରିଆମାଳ ବ୍ଲକ କଣ୍ଟାବାହାଲ ହାଇସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଶ୍ରୀ ସତ୍ୟ ସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟ ସାଇ ମନ୍ଦିର, ସମୟ: ସନ୍ଧ୍ୟା ୬ଟା ।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା ।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦ ।

## କଳାହାଣ୍ଡି
- ଜିଲା ସ୍ତରୀୟ ବନ୍ଧୁକ ଚାଳନା ପ୍ରତିଯୋଗିତା,ସ୍ଥାନ:ଭବାନୀପାଟଣା ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ:ପୂର୍ବାହ୍ନ ୧୦ଟା ।
- ଏଆଇଏସଏଫର ଶିକ୍ଷା ଶିବିର, ସ୍ଥାନ:ଜୁନାଗଡ଼ ରେଣ୍ଡୋ ମାଝୀ ଭବନ,ସମୟ:ପୂର୍ବାହ୍ନ ୧୦ଟା ।

## ନୂଆପଡ଼ା
- ୩୩ତମ ସର୍ବଭାରତୀୟ ୱାଇଏମ୍‌ସି କପ କ୍ରିକେଟ ପୁଲ ବି' ଲିଗ ମ୍ୟାଚ, ସ୍ଥାନ: ମିନି ଷ୍ଟାଡିୟମ, ନୂଆପଡ଼ା, ସମୟ: ସକାଳ ୯ଟା ।
- ମାୟାଧର ମାଝି ପ୍ରଥମ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସେମି ଫାଇନାଲ ଖେଳ, ସ୍ଥାନ: କୋମନା ବ୍ଲକ ମିଛାପାଲି ମା' ପାଟଖଲେନ ଖେଳ ପଡ଼ିଆ, ସମୟ: ସକାଳ ୯ଟା ।
- ୨ୟ ଆନ୍ତଃ ରାଜ୍ୟ ଆଦିବାସୀ କପ୍ କ୍ରିକେଟ ଟୁର୍ନାମେଣ୍ଟ ଦ୍ୱିତୀୟ ଦିବସ, ସ୍ଥାନ: କୋମନା ବ୍ଲକ ସିଆଳଟି ପଞ୍ଚାୟତ ବାଲିଖମାର କ୍ରିକେଟ ଖେଳ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ।
- ଜିଲାସ୍ତରୀୟ କୃଷି ମହୋତ୍ସବ ଓ କୃଷି ଯନ୍ତ୍ରପାତି ମେଳାର ତୃତୀୟ ଦିବସ, ସ୍ଥାନ: ପୋଲିସ ପଡ଼ିଆ, ନୂଆପଡ଼ା, ସମୟ: ପୂର୍ବାହ୍ନ ୧୦ଟା ।

## ବୌଦ୍ଧ
- ଷଷ୍ଠ ଖଡଙ୍ଗ ମହୋତ୍ସବ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ବନ୍ଧଗୋରା, କଣ୍ଟାମାଳ, ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା ।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି କୃତ୍ତିକା ନକ୍ଷତ୍ର ପ୍ରତ୍ୟେକ କାର୍ଯ୍ୟରେ ବନ୍ଧୁଙ୍କ ନିକଟରୁ ସହଯୋଗ ପାଇବେ । ପାରିବାରିକ ସ୍ତରରେ ରାଗ, ରୁଷା ଓ ଅଭିମାନଭରା ପରିବେଶ ସୃଷ୍ଟି ହେବ । ଅର୍ଥ ଆବଶ୍ୟକତା ପୂରଣ ହେବାରେ ସହକର୍ମୀଙ୍କ ଅବଦାନ ଅବିସ୍ମରଣୀୟ ରହିବ । ଶିକ୍ଷା, ଗବେଷଣା, ଶିଳ୍ପ, ପରିବହନ କ୍ଷେତ୍ରରେ ଉନ୍ନତି ପରିଲକ୍ଷିତ ହେବାର ସୂଚନା ରହିଛି ।

**ବୃଷ** ସ୍ୱାସ୍ଥ୍ୟ ସମସ୍ୟା ଗୁରୁତର ନ ହେଲେ ମଧ ତଜ୍ଜନିତ ଟେନ୍‌ସନ ଲାଗି ରହିବ । ଜମିଜମା, ପୁରାତନ ଗୃହ, ଯାନ୍ତ୍ରିକ ଜିନିଷ, ଯାନବାହନ ପ୍ରଭୃତି ବିକ୍ରି କରିପାରନ୍ତି । ଶିଳ୍ପ, ବାଣିଜ୍ୟ, ପ୍ରଶାସନ, ପ୍ରକାଶନ, ପରିବହନ ଓ ନିର୍ମାଣରେ ସଫଳତା ମିଳିବ । ରୋହିଣୀ ନକ୍ଷତ୍ର ସାହିତ୍ୟ, ସଙ୍ଗୀତ, କ୍ରୀଡ଼ା ଓ ଚଳଚ୍ଚିତ୍ର ସକାଶେ ଉଚ୍ଚମାନର ସୁଫଳ ପାଇବେ ।

**ମିଥୁନ** ସପ୍ତମରେ ଷଷ୍ଠାଧିପତି ଯୋଗୁ ବିବାଦରେ ପରାଜୟ, ପ୍ରତିଦ୍ୱନ୍ଦ୍ୱିତାରେ ଅପଦସ୍ଥ ହୋଇପାରନ୍ତି । ସ୍ତ୍ରୀଙ୍କ ସହ ମତଭେଦ ଅଶାନ୍ତି ସୃଷ୍ଟି କରିବ । ଅର୍ଥ ସାହାଯ୍ୟ ସକାଶେ ବନ୍ଧୁ ପ୍ରତିଶ୍ରୁତି ଦେଇ ଶେଷରେ ନାସ୍ତିବାଣୀ ଶୁଣାଇବେ । ସଙ୍ଗଠନ, ଭ୍ରମଣ, ସଭା ସମିତି, କଳା ସାହିତ୍ୟ ଓ ଆନୁଷ୍ଠାନିକ ତଥା ରାଜନୈତିକ କ୍ଷେତ୍ରରେ ଉନ୍ନତ ମାନର ଫଳ ପାଇବେ ।

**କର୍କଟ** ନିଷ୍ପତ୍ତିର ଶେଷ ପର୍ଯ୍ୟାୟରେ ବନ୍ଧୁଙ୍କ ବିବାଦୀୟ କଥାରୁ ଝଗଡ଼ା ଲାଗିପାରେ । ଯାତ୍ରା ସମୟରେ, ଯାନବାହନ ଚାଳନାରେ, ଅଶ୍ଳେଷା ନକ୍ଷତ୍ର ଆଜି ସତର୍କତା ଅବଲମ୍ବନ କରନ୍ତୁ । ମାଲିମକଦ୍ଦମାରେ ପରିସ୍ଥିତିକୁ ଯେତେ ଜଟିଳ ମନେ କରୁଛନ୍ତି, ସେପରି କିଛି ହେବନି । ଅଧ୍ୟୟନ, ସନ୍ତାନ ହେତୁକ କୌଣସି ସମସ୍ୟା ସୃଷ୍ଟିର ଆଶଙ୍କା ରହିଛି ।

**ସିଂହ** ପୂର୍ବାଫାଲ୍‌ଗୁନୀ ନକ୍ଷତ୍ରର କେତେକ ବ୍ୟତିକ୍ରମକୁ ବାଦ୍ ଦେଲେ ପାରିବାରିକ ଜୀବନ ଭଲ ରହିବ । ଆଜି ରପ୍ତାନି ବାଣିଜ୍ୟ, ଲୌହ, ତୈଳ, ଯନ୍ତ୍ରାଂଶ, ବ୍ୟବସାୟ ଓ ପରିବହନ ସମସ୍ୟାର ସମାପ୍ତି ଘଟିବ । ସରକାରୀ ସୂତ୍ରରୁ କିମ୍ବା ସମ୍ପର୍କୀୟଙ୍କ ନିକଟରୁ ଧାର କରଜ କରିପାରନ୍ତି । କଳା, ସଙ୍ଗୀତ, ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ ।

**କନ୍ୟା** ଆଜି ହସ୍ତା ନକ୍ଷତ୍ରର ପାରିବାରିକ, ଆର୍ଥିକ ଓ ବ୍ୟବସାୟିକ ଦିଗ ଅନୁକୂଳ ରହିବ । କଳା, ସାହିତ୍ୟ, ସାମ୍ବାଦିକତା, ଏଜେନ୍‌ସିପ୍, ସଙ୍ଗଠନ, ପ୍ରଶାସନ, ଗଣଯୋଗାଯୋଗ ତଥା ଆଇନ ଅଦାଲତରେ ସଫଳତା ପାଇବେ । ଅବହେଳାରୁ ସୁଯୋଗ ହାତଛଡ଼ା କରିପାରନ୍ତି । ନିର୍ମାଣ, ସଙ୍ଗୀତ କ୍ଷେତ୍ରରେ ସମସ୍ୟା ସମାଧାନ ହେବ ।

**ତୁଳା** ବିଶାଖା ନକ୍ଷତ୍ର ସକାଶେ ଆଜି ସାମାନ୍ୟ ବ୍ୟତିକ୍ରମ ମଧ୍ୟରେ ପାରିବାରିକ ଜୀବନ କଟିବ । ହୋଟେଲ ଶିଳ୍ପ, କଣ୍ଟ୍ରାକ୍ଟରି, ବ୍ୟବସାୟରେ ଆଶାଜନକ ସୁଫଳ ପାଇବେ । ଆଜିର ଅର୍ଥ ସଙ୍କଟ ଦୂର ହେବାରେ ସହକର୍ମୀ ସାହାଯ୍ୟ କରିବେ । ଆନୁଷ୍ଠାନିକ କ୍ଷେତ୍ର, ମନୋରଞ୍ଜନ, ରାଜନୀତି ଓ ସାମ୍ବାଦିକତା କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି ।

**ବିଛା** ଅନୁରାଧା ନକ୍ଷତ୍ରର ଆଜି ଆନୁଷ୍ଠାନିକ କାମରେ ସମ୍ମାନ ପାଇବେ । ସାହିତ୍ୟ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ । ଆର୍ଥିକ ଅଭିବୃଦ୍ଧି ସକାଶେ ବିଭିନ୍ନ ଯୋଜନାକୁ ବାସ୍ତବରୂପ ଦେବାରେ ସମର୍ଥ ହେବେ । ବିବାଦୀୟ ଘଟଣା, ମାଲିମକଦ୍ଦମା, ପ୍ରତିଯୋଗିତାରେ ବିଜୟୀ ହେବେ ।

**ଧନୁ** ମୂଳା ନକ୍ଷତ୍ର ପାରିବାରିକ ସମସ୍ୟା ଲାଗି ଅନ୍ୟମନସ୍କ ରହିପାରନ୍ତି । ଅର୍ଥ ସମ୍ପର୍କୀୟ କାରବାରରେ ସତର୍କ ନ ରହିଲେ ଅସୁବିଧାରେ ପଡ଼ିବେ । କଳା, ସାହିତ୍ୟ, କ୍ରୀଡ଼ା, ସଙ୍ଗୀତ ଓ ଚଳଚ୍ଚିତ୍ର ପ୍ରଭୃତି କ୍ଷେତ୍ରରେ ସମସ୍ୟା ସମାଧାନ ପୂର୍ବକ ସହାୟତା ପାଇପାରିବେ । ସ୍ୱାସ୍ଥ୍ୟ ପ୍ରତି ନଜର ଦେଇ କାମ ନ କଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି ।

**ମକର** ଚେଷ୍ଟା କରୁଥିବା କାମ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ । ଧନିଷ୍ଠା ନକ୍ଷତ୍ର ସକାଶେ ଜମିଜମା ସଂକ୍ରାନ୍ତୀୟ କଥାବାର୍ତ୍ତାରେ ଅଗ୍ରଗତି ଘଟିବ । ବାଣିଜ୍ୟ, ବ୍ୟବସାୟ, ପରିବହନ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା, ଗବେଷଣା ଓ ମିଡିଆ କ୍ଷେତ୍ରରେ ସୁନାମ ଅର୍ଜନ କରିବେ । ବନ୍ଧୁଙ୍କ ସାହାଯ୍ୟରେ ଆର୍ଥିକ ସଙ୍କଟକୁ ସୁଧାରି ନେବେ ।

**କୁମ୍ଭ** ଆଜି ଆପଣ ପ୍ରତ୍ୟେକ କ୍ଷେତ୍ରରେ ଆଗଧାଡ଼ିର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଭାବରେ ଗ୍ରହଣୀୟ ହେବେ । ଶତଭିଷା ନକ୍ଷତ୍ର ସନ୍ଦେହ ଓ ଭୁଲ୍ ବୁଝାମଣାଜନିତ ସମସ୍ୟାବହୁଳ ଜୀବନଯାପନ କରିପାରନ୍ତି । ପ୍ରଶାସନିକ ଓ ରାଜନୀତି କ୍ଷେତ୍ରରେ କୌଣସି ଅସୁବିଧା ହେବନାହିଁ । କଳା, ସାହିତ୍ୟ, ବ୍ୟବସାୟ, ମାଲିମକଦ୍ଦମା କ୍ଷେତ୍ରରେ ସଫଳତା ମିଳିବ ।

**ମୀନ** ପୂର୍ବଭାଦ୍ର ନକ୍ଷତ୍ର ସକାଶେ ଭୁଲ୍ ବୁଝାମଣାରୁ ଦୂରେଇ ଯାଇଥିବା ବନ୍ଧୁମାନେ ପାଖେଇ ଆସିବେ । ଗୃହ, ଯାନବାହନ, ଜମିଜମା, ଲେଖାପଢ଼ା, ଗବେଷଣା କାମରେ ଅଗ୍ରଗତି ଘଟିବ । ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, କଚେରି ମାମଲା, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରରେ ଆଶାନୁରୂପ ସୁଫଳ ପାଇବେ । କଳା, ସାହିତ୍ୟ, ସଙ୍ଗୀତ ପ୍ରଭୃତିରେ ସୁନାମ ଅର୍ଜନ କରିପାରନ୍ତି ।

ଆଜି ଜାନୁଆରୀ ୯ ତାରିଖ, ସୁଦଶା ବ୍ରତ, ଶାମ୍ବ ଦଶମୀ, ପ୍ରବାସୀ ଭାରତୀୟ ଦିବସ, ମହାନ୍ ବିପ୍ଳବୀ ଚକରା ବିଷୋୟୀଙ୍କ ଜୟନ୍ତୀ, ପୌଷ ଶୁକ୍ଳ ଦଶମୀଯୁକ୍ତ ଏକାଦଶୀ ଗୁରୁବାର, ରାଶିନକ୍ଷତ୍ର- ଦ୍ୱିଜା/ମେଷ, ଦଶମୀର ଏକୋଦ୍ଦିଷ୍ଟ ଓ ଏକାଦଶୀର ଏକୋଦ୍ଦିଷ୍ଟ ଏବଂ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୬।୨୭ ଗତେ ଘ.୦୭।୫୪ ମଧ୍ୟେ, ଶୁଦ୍ଧ ଶୁଭବେଳା । ଅପରାହ୍ନ ଘ.୦୧।୧୫ ଗତେ ଘ.୦୨।୩୭ ମଧ୍ୟେ ରାହୁକାଳ ।

# ଏସ୍‌ସିବିରେ ଖାଲିପଡ଼ିଛି ଅଧୀକ୍ଷକ ପଦ

**ଉପୁଜୁଛି ପ୍ରଶାସନିକ ସମସ୍ୟା**

କଟକ, ୮।୧ (ଶିଳ୍ପା ପ୍ରିୟଦର୍ଶିନୀ)

ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ (ଏସ୍‌ସିବି)ରେ ୫ମାସ ହେବ ଅଧୀକ୍ଷକ (ସୁପରିଣ୍ଟେଣ୍ଡେଣ୍ଟ) ପଦ ଖାଲିପଡ଼ିଛି । ମେଡିକାଲ କଲେଜ ଅଧକ୍ଷା ଭାବେ ପ୍ରଫେସର ଲୁସି ଦାସ ଦୁଇମାସ ପୂର୍ବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ତାଙ୍କୁ ଅଧୀକ୍ଷକ ଭାବେ ସାମୟିକ ସମୟ ପାଇଁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ମେଡିକାଲରେ ସ୍ଥାୟୀ ଅଧୀକ୍ଷକ ନ ଥିବାରୁ ବହୁ ସମସ୍ୟା ଉପୁଜୁଛି । ଏପରିକି ଜଣେ ଅଧିକାରୀଙ୍କୁ ଦୁଇଟି ପଦର ଦାୟିତ୍ୱ ଦେବା ନେଇ ପ୍ରଶ୍ନ ଉଠିଛି । ଗତ ଡିସେମ୍ବରରେ ହାଇକୋର୍ଟର ଆଡ୍‌ଭୋକେଟ କମିଟି ମେଡିକାଲ ଗସ୍ତରେ ଆସିଥିବାବେଳେ ଅଧୀକ୍ଷକ ନିଯୁକ୍ତି ବିଳମ୍ବ ନେଇ ଅସନ୍ତୋଷ ପ୍ରକାଶ କରିଥିଲା । ଅନ୍ୟପଟେ ମେଡିକାଲ ଅଧୀକ୍ଷକ ପଦ ପାଇଁ ଦୌଡ଼ରେ ଏସ୍‌ସିବିର ପ୍ରଫେସର ଡା. ମନୋରଞ୍ଜନ ପଟ୍ଟନାୟକ, ପ୍ରଫେସର ଡା. ଅଜୟ ମିଶ୍ର, ପ୍ରଫେସର ଡା. ଏମ୍. କେ. ଧୀର, ପ୍ରଫେସର ଡା. ଦେବ ମହାନ୍ତି, ପ୍ରଫେସର ଡା. ଗୀତା ସାହୁଙ୍କ ନାମ ଚର୍ଚ୍ଚାରେ ଥିବାବେଳେ ସୁନ୍ଦରଗଡ଼ ସରକାରୀ ମେଡିକାଲର ଅର୍ଥପେଡିକ ବିଭାଗ ଡା. ଗୌତମ କୁମାର ଶତପଥୀଙ୍କ ନାମ ମଧ ଚର୍ଚ୍ଚାରେ ଥିବା କୁହାଯାଉଛି । ସୂଚନାନୁଯାୟୀ, ଅଧୀକ୍ଷକ ପଦରେ ନିଯୁକ୍ତି ପାଇଁ ରାଜ୍ୟ ସରକାର ନ୍ୟାଶନାଲ ମେଡିକାଲ କମିଶନ (ଏନ୍‌ଏମ୍‌ସି) ନିୟମାବଳୀ ପାଳନ କରିଥାନ୍ତି । ଏହି ନିୟମାବଳୀ ଅନୁଯାୟୀ, ୫ବର୍ଷରୁ ଅଧିକ ସମୟ ପ୍ରଫେସର ପଦବୀ ସହ ବିଭାଗୀୟ ମୁଖ୍ୟ ଦାୟିତ୍ୱ ତୁଲାଇଥିବା ପ୍ରଫେସରଙ୍କ ବରିଷ୍ଠତା ଓ ଯୋଗ୍ୟତା ମାନଦଣ୍ଡକୁ ଆଧାର କରି ନୂତନ ଅଧୀକ୍ଷକ ଚୟନ କରାଯାଇଥାଏ । ରାଜ୍ୟ ସରକାର ସ୍ୱାସ୍ଥ୍ୟସେବାକୁ ଗୁରୁତ୍ୱ ଦେଉଥିବାବେଳେ ଏସ୍‌ସିବିରେ ଏଭଳି ଅବ୍ୟବସ୍ଥା ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି । ତୁରନ୍ତ ସ୍ଥାୟୀ ଅଧୀକ୍ଷକ ନିଯୁକ୍ତି ପାଇଁ ସାଧାରଣରେ ଦାବି ହେଉଛି । ଅନ୍ୟପକ୍ଷରେ ଏ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ପ୍ରଥମ ପୃଷ୍ଠାରୁ...

## ପ୍ରବାସୀ ସାଂସ୍କୃତିକ ...

ଭାରତୀୟମାନେ ସେମାନଙ୍କର ଅନୁଭବ ଓ ଅଭିଜ୍ଞତା ଆଧାରରେ ଏକ ବିକଶିତ ଭାରତ ନିର୍ମାଣରେ ଅଂଶୀଦାର ହୋଇପାରିବେ । ପ୍ରବାସୀମାନେ ଯେଉଁଠି ରହୁଛନ୍ତି, ସେଠାରେ ଯାହା ଶ୍ରେଷ୍ଠ, ଯାହା ଦେଶ ପାଇଁ ହିତ ଓ ଅନୁଭବ ଦେଶର ବିକାଶରେ ଲଗାଇବାକୁ ସେ କହିଛନ୍ତି । ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ପବିତ୍ର ମାର୍ଘେରିଟା କହିଛନ୍ତି, ଏହି ସମ୍ମିଳନୀ ଦେଶର ଯୁବଗୋଷ୍ଠୀଙ୍କ ମଧ୍ୟରେ ବୈଷୟିକ ଜ୍ଞାନ କୌଶଳ ସାଙ୍ଗକୁ ପୋଷଣୀୟ ବିକାଶ ଲକ୍ଷ୍ୟର ଉପାଦାନଗୁଡ଼ିକର ବିସ୍ତାରପୂର୍ବକ ବିକଶିତ ଭାରତର ରୋଡମ୍ୟାପକୁ ସମ୍ପୂର୍ଣ୍ଣ ରୂପାୟିତ କରିବ । ନ୍ୟୁଜ୍‌ୱିକ୍ (ଆମେରିକା)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବପ୍ରଗଡ଼ ନିଜ ସଫଳ ଯାତ୍ରା ସମ୍ପର୍କରେ ଉଲ୍ଲେଖ କରି କହିଛନ୍ତି, ତାଙ୍କ ସଂଗଠନ ଅନେକ ସୋପାନ, ନେତୃତ୍ୱ ଓ ଡିଜିଟାଲ ଅଭିନବତ୍ୱ ଗ୍ରହଣ କରି ଆଜି ବିଶ୍ୱର ଅନ୍ୟତମ ବହୁଳ ପ୍ରସାରିତ ପ୍ରକାଶନ ସଂସ୍ଥା ଭାବରେ ଆଦୃତି ଅର୍ଜନ କରିଛି । ପ୍ରବାସୀ ଭାରତୀୟ ଦିବସ ଆୟୋଜନ ଭାରତ ଓ ପ୍ରବାସୀ ଭାରତୀୟଙ୍କ ମଧ୍ୟରେ ସମ୍ପର୍କର ସେତୁକୁ ଦୃଢ଼ କରିଛି ବୋଲି ସେ କହିଛନ୍ତି । ଯୁବବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ନିଖିଲଖାଡସେ ଧନ୍ୟବାଦ ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ପ୍ରବାସୀ ଭାରତୀୟ ବିଭିନ୍ନ ରାଜ୍ୟରୁ ଆସିଥିବା ବୁଦ୍ଧିଜୀବୀ, ଗବେଷକ, ସାମାଜିକ କର୍ମୀ ଓ ଉଦ୍ୟୋଗୀ ଯୋଗ ଦେଇଥିଲେ ।

## ରାଜଧାନୀ ରାସ୍ତାରେ ...

ସହଦେବ କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ସାଙ୍ଗରେ ଆଣିଥିବା ମାରଣାସ୍ତ୍ର ବାହାର କରି ତାଙ୍କ ବେକକୁ ଚୋଟ ପରେ ଚୋଟ ମାରିବାରୁ ସେ ତଳେ ପଡ଼ିଯାଇଥିଲେ । ଏପରି କି ସହଦେବଙ୍କ ଗଣ୍ଡିରୁ ମୁଣ୍ଡ ସମ୍ପୂର୍ଣ୍ଣ ଭାବେ ଅଲଗା ହୋଇଯାଇଥିଲା । ଏସବୁ ଘଟଣା ରାସ୍ତାରେ ଯାଉଥିବା ଲୋକେ ଦେଖି ସ୍ତବ୍ଧ ପ୍ରାୟ ହୋଇଯାଇଥିଲେ । ତେବେ କେହି କିଛି ବୁଝିବା ପୂର୍ବରୁ ଦୁର୍ବୃତ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ । ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା । ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି । ସହଦେବଙ୍କୁ ହତ୍ୟା କରାଯାଇଥିବା ଖବର ବ୍ୟାପିବା ପରେ ବହୁ ସଫେଇ କର୍ମଚାରୀ ଏବଂ ସମ୍ପର୍କୀୟ ହସ୍ପିଟାଲ ଧାଇଁ ଆସିଥିଲେ । ତେବେ ପୂର୍ବରୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ବ୍ରାଉନସୁଗାର ବ୍ୟବସାୟୀମାନେ ଯୋଜନାବଦ୍ଧ ଭାବେ ହତ୍ୟା କରିଥିବା ନେଇ ସହଦେବଙ୍କ ସ୍ତ୍ରୀ ସୁନୀତା ନାୟକ ମଞ୍ଚେଶ୍ୱର ଥାନାରେ ଲିଖିତ ଭାବେ ଅଭିଯୋଗ କରିବା ପରେ ପୋଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଛି । ଅନ୍ୟପଟେ ସହଦେବଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ ଓ ଦୁଇ ଝିଅ ବେସାହାର ହୋଇପଡ଼ିଛନ୍ତି । ମୃତକଙ୍କ ପରିବାରବର୍ଗଙ୍କୁ ସହାୟତା ଯୋଗାଇଦିଆଯିବ ବୋଲି ଡିସିପି ମିଶ୍ର ଗଣମାଧ୍ୟମ ଆଗରେ ସୂଚନା ଦେଇଛନ୍ତି । ଅପରପକ୍ଷେ ଏହି ହତ୍ୟାକାଣ୍ଡକୁ ନେଇ ଆଇନଶୃଙ୍ଖଳା ବିଗିଡିଯାଇଥିବା ବିରୋଧୀ ଦଳ ପ୍ରଶ୍ନ ଉଠାଇଥିବା ବେଳେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର ଜବାବ ଦେଇ ପ୍ରତିକ୍ରିୟାରେ କହିଛନ୍ତି, ଗତ ୨୪ ବର୍ଷ ସରକାର ଏବଂ ୬ମାସ ସରକାର ମଧ୍ୟରେ ପାର୍ଥକ୍ୟ ଅଛି । ୨୪ ବର୍ଷ ସରକାରରେ ଅପରାଧୀ ଅପରାଧ ଘଟାଇ ଯାଉଥିଲେ । ତାଙ୍କୁ ସରକାର ଖୋଜିପାରୁ ନ ଥିଲେ । ବର୍ତ୍ତମାନ ୬ ମାସ ସରକାର ମଧ୍ୟରେ ସେଇ ସମାନ ପୋଲିସ ଅଛନ୍ତି, କିନ୍ତୁ ଅପରାଧୀଙ୍କୁ ତୁରନ୍ତ ଖୋଜି ଧରୁଛନ୍ତି । ଏପରିକି ଦଣ୍ଡବିଧାନ କରିବାର ପ୍ରକ୍ରିୟା ମଧ୍ୟ ଯଥାରୀତି କରାଯାଉଛି । ବର୍ତ୍ତମାନର ସରକାର ସବୁବେଳେ ସଜାଗ ଅଛନ୍ତି । କୌଣସି ଆପରାଧିକ ତତ୍ତ୍ୱଙ୍କୁ ଛଡ଼ାଯିବ ନାହିଁ ବୋଲି ମନ୍ତ୍ରୀ ହରିଚନ୍ଦନ କହିଛନ୍ତି ।

## ବିବାଦରେ ୟୁଜିସି ...

ଏଭଳି ଏକତରଫା ନିଷ୍ପତ୍ତି ନେଇଛନ୍ତି । ତେଣୁ ଆମେ ଏହି ନିଷ୍ପତ୍ତି ବିରୋଧରେ ଆଇନଗତ ଓ ରାଜନୈତିକ ଉପାୟରେ ଲଢ଼େଇ କରିବୁ ବୋଲି ଷ୍ଟାଲିନ୍ ଚେତାବନୀ ଦେଇଛନ୍ତି । ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ) ପକ୍ଷରୁ ମଧ ଏହାକୁ ବିରୋଧ କରାଯାଇଛି । ସିପିଆଇଏମ୍ ପଲିଟ୍‌ବ୍ୟୁରୋ ଏକ ବିବୃତି ଜାରି କରି କହିଛି, ୟୁଜିସିର ଚିଠାରେ ରହିଥିବା ନିୟମ ଏକତରଫା ଏବଂ ବିରୋଧୀ ଶାସିତ ରାଜ୍ୟଗୁଡ଼ିକର ଅଧିକାର ଛଡ଼ାଇନେବା ପାଇଁ ଉଦ୍ଦିଷ୍ଟ । ଅଣଭାଜପା ଶାସିତ ରାଜ୍ୟଗୁଡ଼ିକରେ ରାଜ୍ୟପାଳମାନେ ମନମୁଖି ଭିସି ନିଯୁକ୍ତ କରିବାରେ ଲାଗିଛନ୍ତି । ଏଭଳି ସମୟରେ ସେମାନଙ୍କୁ ଆହୁରି ଅଧିକ କ୍ଷମତା ଦେବାର ତାତ୍ପର୍ଯ୍ୟ ହେଉଛି ସ୍ୱେଚ୍ଛାଚାରିତା । ଏହା ଲାଗୁ ହେଲେ ରାଜ୍ୟ ସରକାରମାନଙ୍କ ମୁହଁ ବନ୍ଦ ହୋଇଯିବ । ସମ୍ବିଧାନ ଅନୁସାରେ ଶିକ୍ଷା ରାଜ୍ୟ ଓ କେନ୍ଦ୍ରର ଏକ ଯୁଗ୍ମ ପ୍ରସଙ୍ଗ । ଏହି ନିୟାମକ ସାମ୍ବିଧାନିକ ନିୟମକୁ ଉଲ୍ଲଂଘନ କରୁଥିବାରୁ ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ବାମଦଳ ଦାବି କରିଛି ।

## ୧୭ ବର୍ଷ ପରେ ...

ହୋଇଥିବା ଝିମ୍ପିପୋଲିସ ଜାଣିବାକୁ ପାଇଥିଲା । ନାଥୁନି କହିଥିଲେ, ଯୁବକ ଥିବା ସମୟରେ ତାଙ୍କ ମା'ବାପାଙ୍କର ମୃତ୍ୟୁ ହୋଇଥିଲା । ପରେ ସେ ବିବାହ କରିଥିଲେ ମଧ ପିଲାପିଲି ନ ହେବାରୁ ସ୍ତ୍ରୀ ତାଙ୍କୁ ଛାଡ଼ି ପଳାଇଥିଲେ । ଏହାପରେ ସେ ତାଙ୍କ ଘର ଛାଡ଼ି ସମ୍ପର୍କୀୟ ଭାଇଙ୍କ ଘରେ କିଛିଦିନ ରହିଥିଲେ । ୨୦୦୮ରେ ସେ ତାଙ୍କ ଗାଁ ଛାଡ଼ିଥିଲେ ଏବଂ ଏହାପରଠାରୁ ସେ ସେଠାକୁ ଫେରିନାହାନ୍ତି ବୋଲି ନାଥୁନି କହିଛନ୍ତି । ୨୦୦୮ ପରଠାରୁ ସେ କାମ ସନ୍ଧାନରେ ବିଭିନ୍ନ ସ୍ଥାନକୁ ଯାଇଛନ୍ତି । ଗତ ୬ ମାସ ହେବ ସେ ଝିମ୍ପିରେ ରହୁଛନ୍ତି ବୋଲି ନାଥୁନି ପୋଲିସକୁ କହିଥିଲେ । ତେବେ ନାଥୁନି ନିଜ ଗାଁ ଛାଡ଼ିବା ପରେ ତାଙ୍କୁ ଅପହରଣ କରି ହତ୍ୟା କରାଯାଇଛି ବୋଲି ତାଙ୍କ ମାମୁ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗ ଆଧାରରେ ପୋଲିସ ନାଥୁନିଙ୍କ ଦାଦା ଓ ୩ ସମ୍ପର୍କୀୟ ଭାଇଙ୍କ ବିରୋଧରେ ଅପହରଣ ଏବଂ ହତ୍ୟାମାମଲା ରୁଜୁକରି ସେମାନଙ୍କୁ ଗିରଫ କରିଥିଲା । ଏହାପରେ କୋର୍ଟ ନାଥୁନିଙ୍କ ଦାଦା ଓ ସମ୍ପର୍କୀୟ ୩ ଭାଇଙ୍କୁ ଦୋଷୀସାବ୍ୟସ୍ତ କରି ଜେଲଦଣ୍ଡରେ ଦଣ୍ଡିତ କରିଥିଲେ । ନାଥୁନି ଜୀବିତ ଥିବା ଜାଣି ୮ ମାସ ଜେଲରେ ଦଣ୍ଡ ଭୋଗି ଜାମିନରେ ଆସିଥିବା ତାଙ୍କ ସମ୍ପର୍କୀୟ ଭାଇ ସତେନ୍ଦ୍ର ପାଲ୍ କହିଛନ୍ତି, ତାଙ୍କ ୨ ଭାଇ ଓ ବାପାଙ୍କୁ ବିନାଦୋଷରେ ଜେଲ ଯିବାକୁ ପଡ଼ିଥିଲା । ନାଥୁନି ମିଳିଯାଇଥିବାରୁ ଏବେ ତାଙ୍କ ଉପରେ ରହିଥିବା ହତ୍ୟାର କଳଙ୍କ ହଟିଯିବ ବୋଲି କହି ସତେନ୍ଦ୍ର ଖୁସି ପ୍ରକାଶ କରିଛନ୍ତି । ଏବେ ସତେନ୍ଦ୍ର ଓ ତାଙ୍କ ୨ ଭାଇ ଜାମିନରେ ଥିବାବେଳେ ସେମାନଙ୍କ ବାପାଙ୍କ ମୃତ୍ୟୁ ଘଟିଛି ।

## କୁମ୍ଭମେଳା: ଓଡ଼ିଶାରୁ ...

ଓଏସ୍‌ଆର୍‌ଟିସି ପକ୍ଷରୁ ହାଇ-ଏଣ୍ଡ ପ୍ରିମିୟମ ବସ୍ ସେବା ଆରମ୍ଭ ହେବାକୁ ଯାଉଛି । ପୁରୀ, ସମ୍ବଲପୁର, ଭବାନୀପାଟଣା, ବ୍ରହ୍ମପୁରରୁ ଏହି ବସ୍‌ଗୁଡ଼ିକ ଗଡ଼ିବ । ସ୍ୱତନ୍ତ୍ର ବସ୍ ସେବା ଆସନ୍ତା ୧୩ରୁ ଫେବୃଆରୀ ୨୬ ପର୍ଯ୍ୟନ୍ତ ଚାଲିବ । ଏଥିରେ ଓଡ଼ିଶାରୁ ଲୋକମାନେ ପ୍ରୟାଗରାଜ ଯାଇପାରିବେ । ଓଏସ୍‌ଆର୍‌ଟିସି ୱେବ୍‌ସାଇଟ୍, ମୋବାଇଲ ଆପ୍‌ରେ ଟିକେଟ ବୁକିଂ କରିହେବ । ଯାତ୍ରୀମାନଙ୍କ ସହାୟତା ପାଇଁ ୨୪ ଘଣ୍ଟିଆ ହେଲ୍ପଲାଇନ ବ୍ୟବସ୍ଥା କରାଯାଇଛି ।

# ଫେବୃଆରୀରୁ ଲାଗୁହେବ ଆୟୁଷ୍ମାନ୍ ଭାରତ: ମନ୍ତ୍ରୀ ମହାଲିଙ୍ଗ

ଭୁବନେଶ୍ୱର, ୮।୧ (ସୁନିତ୍ ମିଶ୍ର)

ରାଜ୍ୟରେ ଆୟୁଷ୍ମାନ୍ ଭାରତ ଯୋଜନା ଲାଗୁକରିବା ଲାଗି ରାଜ୍ୟ ସରକାର ବ୍ୟାପକ ଉଦ୍ୟମ ଚଳାଇଛନ୍ତି । ରାଜ୍ୟ ସରକାରଙ୍କ ନିଜସ୍ୱ ଗୋପବନ୍ଧୁ ଜନ ଆରୋଗ୍ୟ ଏବଂ କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ୍ ଭାରତ ଯୋଜନାକୁ ମିଶାଇ ଗୋଟିଏ କାର୍ଡ ପ୍ରସ୍ତୁତ କରିବାକୁ ଯୋଜନା ଚାଲିଛି । ନିକଟରେ କେନ୍ଦ୍ରୀୟ କମିଟି ଆସି ଓଡ଼ିଶାରେ ଆୟୁଷ୍ମାନ୍ ଯୋଜନା ଲାଗୁ ସମ୍ପର୍କିତ ସମୀକ୍ଷା ମଧ୍ୟ କରିସାରିଛନ୍ତି । ତେବେ ଜାନୁଆରୀ ନୁହେଁ ଫେବୃଆରୀରୁ ଓଡ଼ିଶାରେ ଆୟୁଷ୍ମାନ ଭାରତ ଯୋଜନା କାର୍ଯ୍ୟକାରୀ ହେବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି । ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ମହାଲିଙ୍ଗ କହିଛନ୍ତି, ଆୟୁଷ୍ମାନ୍ ଯୋଜନା ରାଜ୍ୟରେ ଲାଗୁହେବା ନେଇ ପ୍ରଥମେ କ୍ୟାବିନେଟ୍‌ରେ ପାରିତ କରାଯିବ । ଏହାପରେ ଆସନ୍ତା ୧୩ ତାରିଖରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମଧ୍ୟରେ ଏମ୍‌ଓୟୁ ସ୍ୱାକ୍ଷରିତ ହେବ । ଏମ୍‌ଓୟୁ ସ୍ୱାକ୍ଷର ହେବାପରେ କାର୍ଡ ପ୍ରିଣ୍ଟ ହୋଇ ହିତାଧିକାରୀଙ୍କୁ ତାହା ବଣ୍ଟାଯିବ । ଏହାପରେ ଉକ୍ତ ଯୋଜନା ଲାଗୁ ହେବ । ଯୋଜନା ଅନୁଯାୟୀ ଏହା ଫେବୃଆରୀରୁ ଲାଗୁହେବ ବୋଲି ସେ କହିଛନ୍ତି ।




# କେନ୍ଦ୍ରାପଡ଼ାରେ ବାର୍ଡ ଫ୍ଲୁ ଭୟ: ୨୦୨୨ ନମୁନା ସଂଗ୍ରହ

**କେନ୍ଦ୍ରାପଡ଼ା, ୮।୧ (ଜଗନ୍ନାଥ ଧଳ)**

ମାତ୍ର ୪ ମାସ ବ୍ୟବଧାନରେ କେନ୍ଦ୍ରାପଡ଼ା ଜିଲାରେ ବାର୍ଡ ଫ୍ଲୁ ଭୟ ଦେଖାଦେଇଛି। ଗତ ସେପ୍ଟେମ୍ବର ମାସରେ ଡେରାବିଶ ବ୍ଲକର ୨ଟି ଅଞ୍ଚଳରେ ଏହି ରୋଗ ଚିହ୍ନଟ ହୋଇଥିଲା। ଏବେ ପୁରୀ ଜିଲା କୃଷ୍ଣପ୍ରସାଦ ଅଞ୍ଚଳରେ କାଉ ଓ କୁକୁଡ଼ା ମଡ଼କ ବାର୍ଡ ଫ୍ଲୁ ଆଶଙ୍କା ସୃଷ୍ଟି କରିଛି। ଏବେ ଜିଲାର ରାଜନଗରସ୍ଥିତ ଜାତୀୟ ଉଦ୍ୟାନ ଭିତରକନିକାରେ ବହିରାଗତ ପକ୍ଷୀଙ୍କ ସମାଗମ ହୋଇଛି। ବିଦେଶାଗତ ପକ୍ଷୀଙ୍କ ସମାଗମ ହେତୁ ରାଜନଗର ବନ ବିଭାଗ ଓ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ସତର୍କତା ଅବଲମ୍ବନ କରାଯାଇଛି। ଭିତରକନିକା ଅଞ୍ଚଳ, ଜିଲା ମଧ୍ୟରୁ କୁକୁଡ଼ା ଫାର୍ମ, ଗୃହପାଳିତ ପକ୍ଷୀଙ୍କ ୨୦୨୨ ୟୁନିଟ୍ ମଳ ଓ ରକ୍ତନମୁନା ସଂଗ୍ରହ ହୋଇଛି। ସେହିପରି ପ୍ରାଣୀଧନ ବିଭାଗ ପକ୍ଷରୁ ଜିଲାର ୯ ବ୍ଲକ ଅଞ୍ଚଳରେ ରାପିଡ୍ ରେସ୍‌ପନ୍ସ ଟିମ୍ ସହ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା

### ଜାତୀୟ ଉଦ୍ୟାନରେ ବହିରାଗତ ପକ୍ଷୀଙ୍କ ସମାବେଶ

ଫାର୍ମ ମାଲିକଙ୍କୁ ଅସୁସ୍ଥ ଚିଆଁ ସମ୍ପର୍କରେ ଜାଣିବା ପାଇଁ ତାଲିମ ପ୍ରଦାନ କରାଯାଇଛି। କୁଆ, ବତକ, ବିଦେଶାଗତ ପାରା, କୁକୁଡ଼ା ଆଦି ପକ୍ଷୀ ବାର୍ଡ ଫ୍ଲୁର ବାହକ ହୋଇଥିବା ବେଳେ ଲକ୍ଷଣ ଦେଖିଲେ ୪୮ ଘଣ୍ଟା ମଧ୍ୟରେ ଡାକ୍ତରଙ୍କ ସହ ପରାମର୍ଶ ଜରୁରୀ ବୋଲି ଏସ୍‌ଡିଭିଓ ଡା. ସୁଧାଂଶୁ ମଣ୍ଡଳ ଓ ଡା. ସଚ୍ଚିଦାନନ୍ଦ ମିଶ୍ର କହିଛନ୍ତି। ଏ ସମ୍ପର୍କରେ ଡା. ମିଶ୍ର କହିଛନ୍ତି, ବାର୍ଡ ଫ୍ଲୁ ପାଇଁ ଏଚ୍୫ଏନ୍୧ ଭୂତାଣୁ ଦାୟୀ। ଏହି ରୋଗ ସଂକ୍ରମିତ ହେଲେ ବହୁ ପକ୍ଷୀଙ୍କ ମୃତ୍ୟୁ ହୁଏ। ସେହିପରି କଞ୍ଚା ଅଥବା ଦରସିଝା ଅଣ୍ଡା ଏହି ସମୟରେ ଆଦୌ ବ୍ୟବହାର କରିବା ଉଚିତ ନୁହେଁ। ସଂକ୍ରମିତ ପକ୍ଷୀଙ୍କ ମଳ, ଲାଳ, ଆଖିରୁ ନିଗୁଡୁଥିବା ପାଣି ଏହି ଭୂତାଣୁର ବାହକ ହୋଇଥାନ୍ତି। ବିଶେଷକରି ବିଦେଶାଗତ ପକ୍ଷୀଙ୍କ ଦ୍ୱାରା ଏହି ରୋଗ ବ୍ୟାପିଥାଏ। କଫ, ଡାଇରିଆ, ଜ୍ୱର, ଶ୍ୱାସ ନେବାରେ କଷ୍ଟ, ମୁଣ୍ଡବିନ୍ଧା, ମାଂସପେଶୀ ଯନ୍ତ୍ରଣା, ଗଳା ଖସଖସ ହେବା, ନାକରୁ ଅନବରତ ପାଣି ଗଡ଼ିବା ଏହି ରୋଗର ପ୍ରାଥମିକ ଲକ୍ଷଣ। ଏହା ଦେଖା ଦେଲେ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ ବୋଲି ଡା. ମିଶ୍ର କହିଛନ୍ତି। ଏ ସମ୍ପର୍କରେ ଏସ୍‌ଡିଭିଓ ଡା. ମଣ୍ଡଳ କହିଛନ୍ତି, ବିଭାଗ ପକ୍ଷରୁ ୯ଟି ରାପିଡ୍ ରେସ୍‌ପନ୍ସ ଟିମ୍ ଗଠନ ହୋଇଛି। ଏଥିରେ ଜଣେ ଭିଏଏସ୍, ଜଣେ ଏଲ୍‌ଆଇ, ସ୍ଥାନୀୟ ଜିଲା ପରିଷଦ ସଭ୍ୟ ଓ ସାମାଜିକ କର୍ମୀଙ୍କୁ ସାମିଲ କରାଯାଇଛି। ଏହି ଟିମ୍ ୪୦ରୁ ଊର୍ଦ୍ଧ୍ୱ କୁକୁଡ଼ା ଫାର୍ମ ମାଲିକଙ୍କୁ ସଚେତନ କରିଛନ୍ତି। ଭିତରକନିକା ସମେତ ଜିଲାର ଅନ୍ୟସ୍ଥାନରେ ପକ୍ଷୀଙ୍କ ନମୁନା ସଂଗ୍ରହ କରାଯାଇ କଟକସ୍ଥ ଆନିମଲ ଡିଜିଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍‌କୁ ପଠାଯାଇଛି। ସେହିପରି ଅସୁସ୍ଥ ପକ୍ଷୀଙ୍କୁ ଚିହ୍ନଟ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

# ଆଜି ପ୍ରବାସୀ ଭାରତୀୟ ସମ୍ମିଳନୀ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୮।୧ (ସୁନିତ୍ ମିଶ୍ର)**

ବିଶାଖାପାଟଣାର ଏନ୍‌ଟିପିସିର ଅତ୍ୟାଧୁନିକ ଗ୍ରୀନ୍ ହାଇଡ୍ରୋଜେନ୍ ହବ୍ ପ୍ରକଳ୍ପର ଶିଳାନ୍ୟାସ କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ସନ୍ଧ୍ୟାରେ ସ୍ୱତନ୍ତ୍ର ବିମାନ ଯୋଗେ ଆସି ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ଏହି ସମୟରେ ତାଙ୍କୁ ସ୍ୱାଗତକରିବା ପାଇଁ ବିମାନବନ୍ଦର ଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଠାରୁ ଆରମ୍ଭକରି ବହୁ ଭାଜପା ନେତା ଓ ମନ୍ତ୍ରୀ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତକରିବା ଲାଗି ଏୟାରପୋର୍ଟ ଛକଠାରୁ ଆରମ୍ଭକରି କ୍ୟାପିଟାଲ ହସ୍ପିଟାଲ, ଏଜି ଛକ ଏବଂ ରାଜଭବନ ଛକ ଭଳି ବିଭିନ୍ନ ସ୍ଥାନରେ ଓଡ଼ିଶାର ପାରମ୍ପରିକ ନୃତ୍ୟ ପରିବେଷଣଠାରୁ ଆରମ୍ଭ କରି ଶତାଧିକ ଲୋକ ଏକତ୍ରିତ ହୋଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ସ୍ଥାନରେ ଲୋକମାନେ ଘଣ୍ଟ ଆଉ ବାଜା ବଜାଇ ମଧ୍ୟ ତାଙ୍କୁ ସ୍ୱାଗତ କରିଛନ୍ତି। ପ୍ରଧାନମନ୍ତ୍ରୀ ଗୁରୁବାର ପୂର୍ବାହ୍ନ ୧୦ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଓଡ଼ିଶାରେ ଅନୁଷ୍ଠିତ ହେଉଥିବା ୧୮ତମ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଘାଟନକରି ଉଦ୍‌ବୋଧନ ରଖିବେ। ପ୍ରଧାନମନ୍ତ୍ରୀଙ୍କୁ ସ୍ୱାଗତକରିବା ଲାଗି ସବୁଆଡ଼େ ରାଜ୍ୟ ସରକାରଙ୍କ ପକ୍ଷରୁ ବଡ଼ ବଡ଼ ଫ୍ଲେକ୍ସ ଏବଂ ବ୍ୟାନରରେ ଛାଉଣି କରାଯାଇଛି। ପ୍ରଧାନମନ୍ତ୍ରୀ ବୁଧବାର ରାଜଭବନଠାରେ ରାତ୍ରିଯାପନ କରିବେ। ଗୁରୁବାରର କାର୍ଯ୍ୟକ୍ରମ ସାରି ସ୍ୱତନ୍ତ୍ର ବିମାନ ଯୋଗେ ଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଜଣାପଡ଼ିଛି। ଅନ୍ୟପଟେ ପ୍ରବାସୀ ଭାରତୀୟ ସମ୍ମିଳନୀର ଉଦ୍‌ଯାପନୀ ଉତ୍ସବରେ ଯୋଗଦେବା ଲାଗି ଗୁରୁବାର ରାତିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୨ଦିନିଆ ଓଡ଼ିଶା ଗସ୍ତରେ ଆସିବେ। ରାଷ୍ଟ୍ରପତି ଶୁକ୍ରବାର ଏହି କାର୍ଯ୍ୟକ୍ରମରେ ଯୋଗଦେଇ ରାତିରେ ଦିଲ୍ଲୀ ଫେରିଯିବେ।

### ଆଜି ଆସିବେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ


ବିମାନ ବନ୍ଦରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସ୍ୱାଗତ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

# ପୂର୍ବତନ ବିଧାୟକ ସଦନ ନାୟକଙ୍କ ଦେହାନ୍ତ


ସଦନ ନାୟକ

**କୋଟପାଡ଼, ୮।୧ (କେ. ରାଜଶେଖର ରାଓ)**

କୋରାପୁଟ ଜିଲା କୋଟପାଡ଼ର ପୂର୍ବତନ ବିଧାୟକ ସଦନ ନାୟକଙ୍କ ବୁଧବାର ଜଗଦଲପୁରର ଡୁମୁରିପାଲ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଯାଇଛି। ସେ ୧୯୯୦ରୁ ୧୯୯୫ ପର୍ଯ୍ୟନ୍ତ ବିଧାୟକ ଥିଲେ। ପରେ ଦୁଇ ଦୁଇ ଥର ନିର୍ବାଚନ ଲଢ଼ି ପରାସ୍ତ ହେବା ପରେ ଭାଜପାରେ ଯୋଗଦେଇଥିଲେ। ଭାଜପାରେ ଟିକେଟ ନ ମିଳିବାରୁ ସ୍ୱାଧୀନ ଭାବେ ଲଢ଼ି ପରାସ୍ତ ହୋଇଥିଲେ। ସେ ଦୀର୍ଘ ଦିନ ଧରି ମଧୁମେହ ରୋଗରେ ଆକ୍ରାନ୍ତ ଥିଲେ। ଦୁଇଦିନ ପୂର୍ବରୁ ସ୍ୱାସ୍ଥ୍ୟ ଅଧିକ ଖରାପ ହେବାରୁ ତାଙ୍କୁ ନିକଟସ୍ଥ ଛତିଶଗଡ଼ର ଜଗଦଲପୁରର ଡୁମୁରିପାଲ ମେଡିକାଲକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ବୁଧବାର ତାଙ୍କ ମରଶରୀରକୁ ଚିତ୍ରାଗୁଡା ଗ୍ରାମକୁ ଅଣାଯାଇଥିବା ବେଳେ ସମସ୍ତ ପରିବାର ସଦସ୍ୟ ଉପସ୍ଥିତ ଥିଲେ। କୋଟପାଡ଼ ବିଧାୟକ ରୂପୁ ଭତ୍ରା ଓ ଏମ୍‌ପି ପ୍ରତିନିଧି ଓ ଭାଜପା କର୍ମୀମାନେ ତାଙ୍କ ମର ଶରୀରରେ ଦଳୀୟ ପତକା ଦେଇ ଶ୍ରଦ୍ଧାଞ୍ଜଳି ଦେଇଥିଲେ। କୋଟପାଡ଼ ଅଞ୍ଚଳର ବିଜେଡି, କଂଗ୍ରେସ ଓ ଭାଜପାର ବହୁ ସଦସ୍ୟ ଯୋଗ ଦେଇଥିଲେ। ତାଙ୍କ ପୁଅ ଶିବୁ ନାୟକ ମୁଖାଗ୍ନି ଦେଇଥିଲେ।

## ସଦନ ନାୟକଙ୍କ ବିୟୋଗ କୋରାପୁଟ ରାଜନୀତିରେ ଶୂନ୍ୟସ୍ଥାନ ସୃଷ୍ଟିକଲା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୮।୧ (ସୁନିତ୍ ମିଶ୍ର)**

କୋଟପାଡ଼ର ପୂର୍ବତନ ବିଧାୟକ ସଦନ ନାୟକଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତ। ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସ୍ୱର୍ଗତ ନାୟକ ଜଣେ ଦକ୍ଷ ସଙ୍ଗଠକ, ସାମାଜିକ କର୍ମୀ ଓ ପରୋପକାରୀ ବ୍ୟକ୍ତି ଭାବେ କୋରାପୁଟ ଜିଲାରେ ଲୋକପ୍ରିୟତା ଅର୍ଜନ କରିଥିଲେ। ୧୯୯୦ ରୁ ୧୯୯୫ ପର୍ଯ୍ୟନ୍ତ କୋଟପାଡ଼ର ବିଧାୟକ ଭାବେ ନିର୍ବାଚିତ ହୋଇ ନିର୍ବାଚନମଣ୍ଡଳୀର ଶିକ୍ଷା, ସ୍ୱାସ୍ଥ୍ୟସେବା ଓ ଗମନାଗମନ କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆଣିଥିଲେ। ଅଞ୍ଚଳର ବିକାଶ ପାଇଁ ତାଙ୍କ ଯୋଗଦାନ ତାଙ୍କୁ ସବୁଦିନ ପାଇଁ ସ୍ମରଣୀୟ କରିରଖିବ। ତାଙ୍କ ବିୟୋଗରେ କୋରାପୁଟ ଜିଲା ରାଜନୀତି କ୍ଷେତ୍ରରେ ଏକ ଶୂନ୍ୟସ୍ଥାନ ସୃଷ୍ଟିହେଲା। ମୁଖ୍ୟମନ୍ତ୍ରୀ ମହାପ୍ରଭୁଙ୍କ ନିକଟରେ ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।









ନିଜର କୌଣସି ବ୍ୟକ୍ତିଗତ ଅଭିରୁଚି ନ ରଖି- ତୁମର ସମସ୍ତ ବ୍ୟକ୍ତିଗତ ଆକର୍ଷଣ ଓ ଭଲ ଲାଗିବାରୁ ମୁକ୍ତ ହୋଇ, କେବଳ ମାତ୍ର ସତ୍ୟ ଉପରେ ନିର୍ଭର କରି ତୁମେ ଯାହାକିଛି କରିପାର – କାରଣ ସତ୍ୟ ହିଁ ପଥପ୍ରଦର୍ଶକ। –ଶ୍ରୀମା

-ଶାମ୍ବଦଶମୀ
ଓ ସୁଦଶା ବ୍ରତ



# ଯୁଧିଷ୍ଠିର ଓ ଅଶୋକଙ୍କ ହିଂସା



ଦେବଦତ୍ତ ପଟ୍ଟନାୟକ

ସମ୍ରାଟ ଅଶୋକ ଜଣେ ଐତିହାସିକ ବ୍ୟକ୍ତିତ୍ୱ। ଖ୍ରୀଷ୍ଟପୂର୍ବ ୨୬୦ ପାଖାପାଖି ଅର୍ଥାତ୍ ୨୩୦୦ ବର୍ଷ ପୂର୍ବେ ଅଶୋକ ଶାସନ କରୁଥିଲେ। ବିଶେଷକରି ସେ ସ୍ତମ୍ଭ ଓ ଶିଳାଲେଖ ପାଇଁ ପ୍ରସିଦ୍ଧ ଥିଲେ। ତାଙ୍କ ଶାସନର ଭଲ ଦିଗକୁ ଦର୍ଶାଇବା ଲାଗି ଏହା ପ୍ରଚାର ସାମଗ୍ରୀ ଭାବେ ବ୍ୟବହାର ହେଉଥିବା କୁହାଯାଇପାରେ, କିନ୍ତୁ ଏହା ସ୍ପଷ୍ଟତଃ ଭାରତର ପ୍ରଥମ ରାଜକୀୟ ଏପିଗ୍ରାଫି ବା ଖୋଦିତ ଲିପି ହୋଇ ରହିଛି। ଅଶୋକ ବୌଦ୍ଧଧର୍ମ ଗ୍ରହଣ କରିଛନ୍ତି, କିନ୍ତୁ ଉଲ୍ଲେଖନୀୟ ଧର୍ମନିରପେକ୍ଷ ଚିନ୍ତାଧାରାକୁ ଆଧାର କରି ସେ ନିଜର ଏକ ସିଦ୍ଧାନ୍ତ ପ୍ରଚାର କରିଛନ୍ତି। ସେ ପଶୁ ହତ୍ୟାକୁ ବିରୋଧ କରିଛନ୍ତି, ଯଦିଓ ବଳାତ୍କାର, ହତ୍ୟା ଓ ଚୋରିକୁ ନିନ୍ଦା କରିନାହାନ୍ତି। ପରେ ବୌଦ୍ଧ କିମ୍ବଦନ୍ତୀ ୮୪,୦୦୦ ସ୍ତୂପ ନିର୍ମାଣ କରଥିବା ଅଶୋକଙ୍କୁ ବୌଦ୍ଧଧର୍ମର ପୃଷ୍ଠପୋଷକ ଭାବରେ ବର୍ଣ୍ଣନା କରିଛି।

ଅପରପକ୍ଷେ, ଯୁଧିଷ୍ଠିର ଜଣେ ପୌରାଣିକ ବ୍ୟକ୍ତିତ୍ୱ। ତାଙ୍କ କାହାଣୀ ମହାଭାରତରୁ ଆସିଛି। ଯେଉଁ ହିନ୍ଦୁମାନେ ନିଜକୁ ସନାତନ ବୋଲି ପରିଚୟ ଦିଅନ୍ତି, ସେମାନେ ଯୁଧିଷ୍ଠିରଙ୍କୁ ଜଣେ ଐତିହାସିକ ବ୍ୟକ୍ତିତ୍ୱ ଭାବେ ଦେଖନ୍ତି। ପାଖାପାଖି ଖ୍ରୀଷ୍ଟପୂର୍ବ ୩୦୦୦ରେ ଯୁଧିଷ୍ଠିର ଥିଲେ, କିନ୍ତୁ ଏହା ସପକ୍ଷରେ ପ୍ରତ୍ନତାତ୍ତ୍ୱିକ ପ୍ରମାଣର ଅଭାବ ରହିଛି। ଜଣେ ଐତିହାସିକ ଦାବି କରିଛନ୍ତି ଯେ, ମହାଭାରତରେ ଯୁଦ୍ଧ ହିଂସାକୁ ନେଇ ଅନୁତାପ ବା ଅନୁଶୋଚନାର ସଂଳାପଗୁଡ଼ିକ ହିଁ ଥିଲା ବ୍ରାହ୍ମଣୀୟ ପ୍ରତିକ୍ରିୟା, ଯାହା ଅଶୋକଙ୍କ ରାଜ ଆଦେଶକୁ ଲକ୍ଷ୍ୟକରି କରାଯାଇଥିଲା। ମହାଭାରତର ପୁରାତନ ପାଣ୍ଡୁଲିପିଗୁଡ଼ିକ ହେଉଛି ଅଶୋକଙ୍କ ଶାସନର ଏକ ଶତାବ୍ଦୀ ପରର। କିନ୍ତୁ କାହାଣୀ କଳିଯୁଗ ପୂର୍ବର ପ୍ରାରମ୍ଭିକ ସମୟକୁ ଦର୍ଶାଏ। କଳିଯୁଗକୁ ସମୟର ଏକ ସାଙ୍କେତିକ ଶବ୍ଦ ଦେଖାଯାଏ। ଏହା ବୌଦ୍ଧଧର୍ମର ଉତ୍ଥାନ ଏବଂ ବ୍ରାହ୍ମଣୀୟ ପୃଷ୍ଠପୋଷକତାର ସମାପ୍ତିକୁ ସୂଚିତ କରେ, ଯାହା ପରେ ଯବନ, ସାକ ଏବଂ କୁଶାଣ ପରି ବିଦେଶୀ ରାଜାଙ୍କର ଆଗମନ ହୋଇଥିଲା। ହେଲେ କଳିଯୁଗ ୪୦୦ ଖ୍ରୀଷ୍ଟାବ୍ଦ ପରେ ଆସିଥିବା ଶିଳାଲିପିରେ ଦର୍ଶାଯାଇଛି।

କଳିଙ୍ଗ ଯୁଦ୍ଧରେ ହୋଇଥିବା ଗଣହତ୍ୟାକୁ ନେଇ ଜଣେ ରାଜାଙ୍କର ଅନୁଶୋଚନାକୁ ଏକ ବିରଳ ଉଦାହରଣ ଭାବେ ଅଶୋକଙ୍କ ରାଜାଜ୍ଞାଗୁଡ଼ିକରେ ଦର୍ଶାଯାଇଛି। ସମ୍ଭାବନାର ସବୁ ଦିଗରୁ ବିଚାର କଲେ, ଏହି ନିର୍ଦ୍ଦୟ ଆକ୍ରମଣ ଲୁହାଖଣି ଏବଂ ସମୁଦ୍ର ବନ୍ଦରରେ ପ୍ରବେଶ କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଅଶୋକଙ୍କ ପରବର୍ତ୍ତୀ ବୌଦ୍ଧ ପୁରାଣ ଅନୁଯାୟୀ, ଏହି ଯୁଦ୍ଧ ଅଶୋକଙ୍କୁ ବୌଦ୍ଧଧର୍ମ ଗ୍ରହଣ କରବାକୁ ପ୍ରେରିତ କରିଥିଲା। କିନ୍ତୁ ସେ ତାଙ୍କ ଭାଇ ତଥା ରାଜନୈତିକ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହତ୍ୟା କରିବା ଏବଂ ଭାରତର ସମସ୍ତ ବାଣିଜ୍ୟ ମାର୍ଗକୁ ନିୟନ୍ତ୍ରଣ କରିବା ସକାଶେ ତାଙ୍କର ସାମ୍ରାଜ୍ୟ ବିସ୍ତାର କରିବା ପରେ ଏଭଳି ଅନୁଶୋଚନା ଆସିଥିବା କୁହାଯାଏ। ଶିଳା ଉପରେ ଲିଖିତ ଏହିସବୁ ରାଜ ଆଦେଶ ବିଶେଷକରି ଖଣି, ବନ୍ଦର ଓ ବଜାର ନିକଟରେ ରଖାଯାଇଥିଲା ।



ଊନବିଂଶ ଶତାବ୍ଦୀରେ ବ୍ରିଟିଶ ପ୍ରତ୍ନତତ୍ତ୍ୱବିତ୍‌ମାନେ ଅଶୋକଙ୍କ ରାଜଧାନୀ ଆବିଷ୍କାର କରିଥିଲେ। ସେ ପର୍ଯ୍ୟନ୍ତ ଭାରତରେ କେହି ଅଶୋକଙ୍କୁ ମନେ ପକାଇ ନ ଥିଲେ। ପ୍ରାଚ୍ୟ ବିଶେଷଜ୍ଞମାନେ ଯୁକ୍ତି କରନ୍ତି ଯେ, ବ୍ରାହ୍ମଣମାନେ ଜାଣିଶୁଣି ବୌଦ୍ଧ ରାଜାଙ୍କୁ ଭୁଲିଯିବାକୁ ଚାହିଁଛନ୍ତି। ଉଦାହରଣ ସ୍ୱରୂପ ମହାଭାରତରେ ଅଶୋକଙ୍କ ବିଷୟରେ କୌଣସି ସୂଚନା ନାହିଁ । ଯେଉଁ ସନାତନମାନେ ଅଶୋକଙ୍କୁ ବୌଦ୍ଧ ଏବଂ ଧର୍ମନିରପେକ୍ଷ ପରିବର୍ତ୍ତେ ହିନ୍ଦୁ ବିରୋଧୀ ବୋଲି ଭାବନ୍ତି, ସେମାନଙ୍କୁ ଏହି ଯୁକ୍ତି ଉତ୍ତେଜିତ କରିବା ସ୍ୱାଭାବିକ। ସେମାନେ ଯୁକ୍ତି କରନ୍ତି ଯେ, ହିନ୍ଦୁଧର୍ମର ଯୁଧିଷ୍ଠିରଙ୍କ ଅପେକ୍ଷା ଅଶୋକଙ୍କୁ ଜଣେ ଶ୍ରେଷ୍ଠ ରାଜା ଭାବରେ ଚିତ୍ରଣ କରିବା ପାଇଁ ଐତିହାସିକମାନେ ଜାଣିଶୁଣି ମନୋନୀତ ତଥ୍ୟ ଉପସ୍ଥାପନ କରନ୍ତି।

ମହାଭାରତ ଯୁଦ୍ଧ ପୂର୍ବରୁ ଏବଂ ପରେ, ଉଭୟରେ ଯୁଦ୍ଧ ବିରୋଧୀ ଭାବନା ଉପସ୍ଥାପନ କରାଯାଇଛି। ଯୁଦ୍ଧ ପୂର୍ବରୁ ଯୁଧିଷ୍ଠିରଙ୍କ ସାନଭାଇ ଅର୍ଜୁନ ଏବଂ ଯୁଦ୍ଧ ପରେ ନିଜେ ଯୁଧିଷ୍ଠିରଙ୍କଠାରେ ଏଭଳି ଭାବନା ପ୍ରକାଶ ପାଇଛି। ଉଭୟ ଘଟଣାରେ କୃଷ୍ଣ ଯୁଦ୍ଧକୁ ସେମାନଙ୍କର ଧର୍ମ ବୋଲି ବିଚାର କରିବା ପାଇଁ ଅନେକ ଯୁକ୍ତି ବାଢ଼ିଥିଲେ। ଧର୍ମକୁ ଏଠାରେ ଜାତିର କର୍ତ୍ତବ୍ୟ ଭାବରେ ଦର୍ଶାଯାଇଛି। ଅର୍ଜୁନ ଏବଂ ଯୁଧିଷ୍ଠିର ଯୋଦ୍ଧା ଥିଲେ ଏବଂ ବିଶେଷ ଅଧିକାରର ଋଣ ପରିଶୋଧ ପାଇଁ ଯୁଦ୍ଧ କରିବାକୁ ବାଧ୍ୟ ହୋଇଥିଲେ। ଜାତିବାଦ ମାଧ୍ୟମରେ ହିଂସାକୁ ଯଥାର୍ଥ ବୋଲି ବିଚାର କରୁଥିବା ମାର୍କ୍ସବାଦୀମାନେ ଏହା ଉପସ୍ଥାପନ କରନ୍ତି।

ତେବେ ଯୁଧିଷ୍ଠିର ହିଂସା ବା ଯୁଦ୍ଧ ପାଇଁ ପ୍ରେରିତ ହେବା ବିଷୟ ଅଶୋକଙ୍କଠାରୁ ସମ୍ପୂର୍ଣ୍ଣ ଭିନ୍ନ । ଯୁଧିଷ୍ଠିରଙ୍କ ଯୁଦ୍ଧ ହେଉଛି ପରିବାର ମଧ୍ୟରେ ସମ୍ପତ୍ତିଗତ ବିବାଦର ପରିଣାମ। ଅନ୍ୟପକ୍ଷରେ ଉଚ୍ଚାଭିଳାଷ ଏବଂ ଏକ ସ୍ୱାଧୀନ ସୀମାନ୍ତ ରାଜ୍ୟରୁ ସମ୍ବଳ ଛଡ଼ାଇ ଆଣିବାର ଇଚ୍ଛା ଯୋଗୁ ଅଶୋକ ହିଂସା ଘଟାଇଛନ୍ତି। ଯୁଧିଷ୍ଠିରଙ୍କ ହିଂସା ମୂଳରେ ନ୍ୟାୟ ଏବଂ ଆତ୍ମରକ୍ଷା ଥିଲା, ରାଜ୍ୟ ବିସ୍ତାରର ଲୋଭ ନ ଥିଲା। ତେବେ ଅଶୋକ ହିଂସା ବିରୋଧରେ ଥିଲେ (ଯୁଦ୍ଧରେ ଜିତିବା ପରେ) ବୋଲି ଯୁକ୍ତି ବାଢ଼ିବା ଏବଂ ବ୍ରାହ୍ମଣୀୟ ପୁରାଣଗୁଡ଼ିକ ଜାତିଗତ କର୍ତ୍ତବ୍ୟକୁ ଯୁଦ୍ଧର କାରଣ ବୋଲି ବିବେଚନା କରିବା ବାସ୍ତବ ବଦଳରେ ଅଧିକ ଯୋଜନାବଦ୍ଧ ମନେହୁଏ।

ମହାଭାରତ କିମ୍ବା ଭଗବତ୍ ଗୀତା ହିଂସାର ସମର୍ଥକ ନୁହନ୍ତି ବୋଲି ଅନେକ ଆଧୁନିକ ଐତିହାସିକ ଯୁକ୍ତି କରନ୍ତି। ଏହି ଯୁକ୍ତି ପଛରେ ଅଛି 'ମୁଁ' ଓ 'ମୋର' ଧାରଣା, ଯାହା ପରିବାର ଗଢ଼େ ଏବଂ ଭାଙ୍ଗେ। ଉଲ୍ଲେଖନୀୟ ଯେ, ମହାକାବ୍ୟରେ ପୋଷ୍ୟସନ୍ତାନ ଗ୍ରହଣ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ, ଯାହା ରାମାୟଣରେ ମିଳେନାହିଁ। ପାଣ୍ଡବ ପ୍ରଶ୍ନ (ପରିବାର ସହ ଲଢ଼ିବା ଧର୍ମ କି?) କୌରବ ଯୁକ୍ତି (ଶତ୍ରୁଙ୍କ ସହ ଲଢ଼ିବା ହେଉଛି ଧର୍ମ) ସହିତ ସମାନ ନୁହେଁ। ଜଣେ ରାଜାଙ୍କର କ୍ଷମତା ବିସ୍ତାର କରିବା ଏବଂ ଅନ୍ୟକୁ ତଡ଼ି ରାଜ୍ୟ ପ୍ରତିଷ୍ଠା କରିବାର ଇଚ୍ଛା ସହିତ ଏଗୁଡ଼ିକର କୌଣସି ସମ୍ପର୍କ ନାହିଁ। ପାପରୁ ମୁକ୍ତି ପାଇବାକୁ ଚାହୁଁଥିବା ଏକ ମହତ୍ତ୍ୱାକାଂକ୍ଷୀ ଐତିହାସିକ ଚରିତ୍ର ଏବଂ ଏକ ପରିବାର ସମ୍ବନ୍ଧୀୟ ନୈତିକ ବିପର୍ଯ୍ୟର ସମ୍ମୁଖୀନ ହେଉଥିବା ଜଣେ ପୌରାଣିକ ଚରିତ୍ର ମଧ୍ୟରେ କାଳ୍ପନିକ ପ୍ରତିଯୋଗିତା ସୃଷ୍ଟି କରିବା ପାଇଁ ପୌରାଣିକ ଲେଖକଙ୍କର ଅଧିକ ଆଗ୍ରହ ରହିଛି, ଯାହାକୁ ଏବେ ଐତିହାସିକମାନେ ଗ୍ରହଣ ବା ପସନ୍ଦ କରୁଛନ୍ତି।

–devduttofficial@gmail.com

# ଜଙ୍ଗଲ ଓ ରାସ୍ତା



ଇଂ. ସତ୍ୟନାରାୟଣ ମାଝୀ

ଜଙ୍ଗଲ ଓ ରାସ୍ତା ପ୍ରସଙ୍ଗ ବହୁ ଜରୁରୀ। ଗୋଟେ ହେଉଛି ପ୍ରାକୃତିକ ଓ ଅନ୍ୟଟି କୃତ୍ରିମ ବ୍ୟବସ୍ଥା। ଜଙ୍ଗଲ ସଂରକ୍ଷଣ ଓ ପରିବେଶ ସୁରକ୍ଷା ଆମ ପାଇଁ ଅତ୍ୟନ୍ତ ଆବଶ୍ୟକ ହେଲା ବେଳେ ରାସ୍ତା ମଧ୍ୟ ଜୀବନ ଶୈଳୀକୁ ଉତ୍କୃଷ୍ଟ କରିବାର ଅନ୍ୟ ଏକ ଜରୁରୀ ମୌଳିକ ବ୍ୟବସ୍ଥା। ଏ ପ୍ରସଙ୍ଗରେ ଲେଖିବାର କାରଣ ହେଉଛି ଦୀର୍ଘଦିନର ସମସ୍ୟା ପାଲଟି ଯାଇଥିବା ମୟୂରଭଞ୍ଜ ଜିଲାର ୪୯ନଂ. ଜାତୀୟ ରାଜପଥ ବାଙ୍ଗିରିପୋଷିର ଦ୍ୱାରଶୁଣୀ ଘାଟି ରାସ୍ତା ପ୍ରଶସ୍ତୀକରଣ ବା ନିର୍ମାଣରେ ବିଳମ୍ବ । ତାହା ନିଶ୍ଚିତ ଭାବରେ ଆଲୋଚନାର ବିଷୟବସ୍ତୁ, କିନ୍ତୁ ତା' ପୂର୍ବରୁ ଆମେ ଜଙ୍ଗଲ ଓ ରାସ୍ତା ଆବଶ୍ୟକତା ପ୍ରସଙ୍ଗକୁ ଯିବା।

ଭାରତବର୍ଷରେ ଜଙ୍ଗଲର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ଯାହାକୁ ନେଇ ଆମ ଦେଶର ବହୁ ଲୋକ ନିଜର ଜୀବନ ଜୀବିକା ନିର୍ବାହ କରିଥାନ୍ତି। ଏହା ପରେ ବି ବହୁ ପ୍ରଜାତିର ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରକାର ଗୁଳ୍ମଲତା ଜଙ୍ଗଲରେ ଦେଖାଯାଏ। ଜଙ୍ଗଲଗୁଡ଼ିକ ଅମ୍ଳଜାନ ଦେବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାନ୍ତି। କୁହାଯାଏ ଯେ ଯଦି ପୃଥିବୀର ସବୁ ଜଙ୍ଗଲ ନଷ୍ଟ କରିଦିଆଯାଏ, କେଇ ଘଣ୍ଟାରେ ପୂରାପୂରି ନିର୍ଜନ ପାଲଟିଯିବ ଏଇ ଧରାପୃଷ୍ଠ। ପରିବେଶ ଯଦି ସନ୍ତୁଳନ ରକ୍ଷା କରିଛି କେବଳ ଏଇ ଜଙ୍ଗଲ ପାଇଁ।

ଆଜିର ପରିସ୍ଥିତିରେ ଜଙ୍ଗଲର ଆବଶ୍ୟକତା ପରେ ବିଶ୍ୱ ପ୍ରଗତିରେ ରାସ୍ତାର ମଧ୍ୟ ଆବଶ୍ୟକତା ରହିଛି। ଯଦି ରାସ୍ତା ନ ଥାଆନ୍ତା ସଭ୍ୟତା କୌଣସି ପ୍ରକାର ଏତେ ଆଗକୁ ଯାଇପାରି ନ ଥାନ୍ତା। ରାସ୍ତା ଆମକୁ ଦୁନିଆ ଦେଖାଇଥାଏ। ଘରୁ ପାଦ କାଢିଲେ ପାଦଚଲା ରାସ୍ତାରେ ଆମେ ଆମର ଗାଁ ଦେଖିଥାଉ। ଆଉ ଟିକେ ପାଦ କାଢିଲେ ଗାଁରୁ ପଡ଼ୋଶୀ ଗାଁ ଦେଖିପାରିଥାଉ। ସେମିତି ଆଉ ଟିକେ ଆଗକୁ ଗଲେ ସହର ଦେଖିଥାଉ। ପଡ଼ୋଶୀ ଗାଁ ଅବା ସହର ଦେଖିବାଟା ବଡ଼କଥା ନୁହଁ। ଆମକୁ ଗାଁରୁ ସହରକୁ ଯିବାକୁ କେତେ ସମୟ ଲାଗୁଛି ଏବଂ କେତେ କଷ୍ଟ ଲାଗୁଛି ତାହା ନିରୀକ୍ଷଣ କରିବାର ଅଛି। ପୂର୍ବରୁ କଷ୍ଟସାଧ୍ୟ ରାସ୍ତା ଥିଲା କିନ୍ତୁ ଏବେ ଘଣ୍ଟାକୁ ୧୦୦ କିମି ବି ସମ୍ଭବପର ହୋଇପାରୁଛି। ବହୁ ଗାଁର ପାଦଚଲା ରାସ୍ତା ଏବେ ପିଚୁରେ ପରିଣତ ହୋଇଯାଇଛି। ବର୍ତ୍ତମାନ ଭାରତରେ ରାସ୍ତାର ମେରୁଦଣ୍ଡ ଟାଣ ହୋଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ବହୁ ଅଞ୍ଚଳର ରାସ୍ତା ନିର୍ମାଣର ସାଧନ ଥିଲେ ବି ବିଭିନ୍ନ କାରଣରୁ ଅନେକ ରାସ୍ତାର ଉନ୍ନତୀକରଣ ହୋଇପାରୁନାହିଁ। ଇତି ମଧ୍ୟରେ ୪୯ନଂ. ଜାତୀୟ ରାଜପଥରେ ବହଳାଗୋଡା-ସିଙ୍ଗଡା ସେକ୍ସନ୍‌ର ବାଙ୍ଗିରିପୋଷି ଦ୍ୱାରଶୁଣୀ ଘାଟି ରାସ୍ତା ମୁମ୍ବାଇ-କୋଲକାତାକୁ ସଂଯୋଗ କରୁଥିବା ବହୁ ଜରୁରିକାଳୀନ ରାସ୍ତା। ବର୍ତ୍ତମାନ ପରିପେକ୍ଷୀରେ ଯାନବାହନ ସଂଖ୍ୟା ବଢିବା ଯୋଗୁ ଏହି ଜାତୀୟ ରାଜପଥଟି ଦୁଇଲେନ ବିଶିଷ୍ଟ ଥିବାରୁ ଯାତାୟାତରେ ଅସୁବିଧା ସୃଷ୍ଟି ହେଉଛି। ଏହା ବାଦ୍ ରାସ୍ତାଟି ମଝିରେ ମଝିରେ ବହୁ ଶୋଚନୀୟ ଅବସ୍ଥାକୁ ଚାଲିଆସୁଛି। ଯାହା ଫଳରେ ବହୁ କମ୍ ଦିନ ବ୍ୟବଧାନରେ ଅନେକ ଦୁର୍ଘଟଣା ଘଟି ଜୀବନ ହାନି ହେଉଛି। ପ୍ରମୁଖ ଭାବରେ ମୟୂରଭଞ୍ଜ ଜିଲାର ଜୀବନରେଖା କହିପାରିବା ଏଇ ରାସ୍ତାକୁ। ଜିଲା ମୁଖ୍ୟାଳୟ ତଥା ଅନ୍ୟାନ୍ୟ ଜିଲାସ୍ତରୀୟ କାର୍ଯ୍ୟାଳୟ ଏବଂ ଚିକିତ୍ସାଳୟ ଆଦି ବାରିପଦାରେ ଥିବାରୁ ବାମନଘାଟି ଓ ପାଞ୍ଚପିଢ଼ ଭଳି ଉପଖଣ୍ଡର ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି। କାରଣ ଜନସାଧାରଣଙ୍କ ହିତରେ ଏସବୁର କୌଣସି ପ୍ରକାର ବିକଳ୍ପ ବ୍ୟବସ୍ଥା ନାହିଁ। ଏ ରାସ୍ତା ଉପରେ ତିନୋଟି ରାଜ୍ୟ ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡ ଭଳି ରାଜ୍ୟର ଲୋକେ ନିର୍ଭର କରିଥାନ୍ତି। ୧୯୭୨ ବନ୍ୟଜନ୍ତୁ ସୁରକ୍ଷା ଆଇନ ଓ ୧୯୮୦ ଜଙ୍ଗଲ ସଂରକ୍ଷଣ ଆଇନକୁ ଭିତ୍ତିକରି ସରକାରଙ୍କ ନିୟମ ଅନୁଯାୟୀ ଜଙ୍ଗଲ ବିଭାଗ ମଧ୍ୟ ନିରୀକ୍ଷଣ କରି ରାଜପଥ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ପ୍ରଦାନ କରିଛି। କାରଣ ଏହା ଶିମିଳିପାଳ ଜଙ୍ଗଲର ବଫର ଜୋନ୍‌ରେ ଅନ୍ତର୍ଭୁକ୍ତ ଥିବାରୁ ତା'ର ଅନୁମୋଦନ ଲାଗି ବହୁ ସୋପାନ ରହିଥିବାରୁ ବିଳମ୍ବ ହୋଇଥାଇପାରେ। ପ୍ରାୟ ୭.୬ କିମି ଜଙ୍ଗଲ ଓ ଘାଟି ରାସ୍ତା ଥିବାରୁ ପ୍ରଶସ୍ତୀକରଣରେ ବିଳମ୍ବ ହୋଇଛି। ଜଙ୍ଗଲ ବିଭାଗର ରିପୋର୍ଟ ଅନୁଯାୟୀ ରାସ୍ତା ପ୍ରଶସ୍ତୀକରଣ ହେଲେ ପ୍ରାୟ ୧୦ ହଜାରରୁ ଊର୍ଦ୍ଧ୍ୱ ଗଛ କଟା ଯିବା ଏକ କାରଣ। ଜଙ୍ଗଲ ଓ ରାସ୍ତା ପୃଥକ୍ ପୃଥକ୍ ବ୍ୟବସ୍ଥା ହୋଇପାରେ କିନ୍ତୁ ଏହା କେଉଁଠି ନା କେଉଁଠି ଜଡିତ। ବିକାଶ ଓ ସୁବିଧାର ଚିତ୍ରକୁ ଦେଖିବାକୁ ଗଲେ ରାସ୍ତା ପ୍ରଶସ୍ତୀକରଣ ଜରୁରୀ ମନେହୁଏ। ଏହି ଘାଟି ରାସ୍ତା ନିର୍ମାଣ ପ୍ରସଙ୍ଗ ତ୍ୱରାନ୍ୱିତ ହେଲେ ଜନସାଧାରଣ ବିଶେଷ ଉପକୃତ ହୋଇପାରିବେ। ଜଙ୍ଗଲ ସୁରକ୍ଷା ଦୃଷ୍ଟିରୁ ବନୀକରଣ ଏବଂ ଅନ୍ୟ ପ୍ରଭାବିତ ପ୍ରସଙ୍ଗ ଉପରେ କର୍ତ୍ତୃପକ୍ଷ ଚିନ୍ତା କରିବା ଦରକାର।

**ଏକତାଳୀ, ଯଶିପୁର, ମୟୂରଭଞ୍ଜ**
**ମୋ:୯୪୩୮୫୩୭୦୧୩**

## ଏଇ ଭାରତରେ

କଦଳୀ କାନ୍ଦି କାଟି ନେବା ପରେ ଲୋକେ ଗଛକୁ କାଟି ଫିଙ୍ଗି ଦଅନ୍ତି। କିନ୍ତୁ ବିହାରର ତିନି ବନ୍ଧୁ ଜଗତ କଲ୍ୟାଣ, ସତ୍ୟମ କୁମାର ଏବଂ ନୀତୀଶ ବର୍ମା ବାନାନା ଫାଇବର ବା କଦଳୀଗଛର ତନ୍ତୁରୁ ଯୋଗ ମ୍ୟାଟ୍, ବାସ୍କେଟ, ପେଣ୍ଟିଙ୍ଗ୍ସ ଆଦି ଜିନିଷ ତିଆରି କରୁଛନ୍ତି। ସେମାନେ 'ତରୁଓ୍ୱାର ଆଗ୍ରୋ' ଷ୍ଟାର୍ଟଅପ ମାଧ୍ୟମରେ ଏହା କରୁଛନ୍ତି। କଦଳୀ ଗଛର ପତ୍ର, ଗଣ୍ଡିରୁ ତନ୍ତୁ ବାହାର କରାଯାଇ ସେଥିରେ ଏହିସବୁ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ପ୍ରତି ମାସରେ ଏହି ବର୍ଜ୍ୟରୁ ୬୦୦ କେ.ଜି. ଫାଇବର ପ୍ରସ୍ତୁତ କରାଯାଇ ତାହାକୁ ବ୍ୟବହାର କରାଯାଉଛି। ଏବେ ତିନି ବନ୍ଧୁ ସ୍ଥାନୀୟ ଚାଷୀଙ୍କଠାରୁ କଦଳୀଗଛ ବର୍ଜ୍ୟ ସଂଗ୍ରହ କରୁଛନ୍ତି। ଗଛର ଆକାର ଅନୁଯାୟୀ ଚାଷୀମାନଙ୍କୁ ଅର୍ଥ ଦେଉଛନ୍ତି। ଭାରତ ବିଶ୍ୱରେ କଦଳୀ ଚାଷରୁ ବାହାରୁଥିବା ୬୦ ପ୍ରତିଶତ ବର୍ଜ୍ୟ ନଷ୍ଟ ହୋଇଥାଏ। ତେବେ ଏହି ବର୍ଜ୍ୟକୁ ସମ୍ପୂର୍ଣ୍ଣ ଉପଯୋଗ କରାଯାଇ ପାରିବ ବୋଲି କହନ୍ତି ଜଗତ କଲ୍ୟାଣ। ଜଗତ ଇଞ୍ଜିନିୟରିଂ ଶେଷ କରି ଜଳବାୟୁ ପରିବର୍ତ୍ତନ ଓ ପରିବେଶ ଉପରେ କାର୍ଯ୍ୟ କରୁଥିବା ଏକ ଷ୍ଟାର୍ଟଅପ୍‌ରେ କାମ କରୁଥିଲେ। ପରେ ତାହାକୁ ଛାଡ଼ି ସେ 'ତରୁଓ୍ୱାର ଆଗ୍ରୋ' ଷ୍ଟାର୍ଟଅପ ଆରମ୍ଭ କରିବା ପରେ ତାଙ୍କ ସହ ସତ୍ୟମ ଓ ନୀତୀଶ ଯୋଗ ଦେଇଥିଲେ।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୯ ଜାନୁଆରୀ ୧୯୭୬

- ଚାସଲୋ କୋଇଲା ଖଣି ଦୁର୍ଘଟଣା ତଦନ୍ତ ପାଇଁ ସରକାର ତିନି ଜଣ ଆସେସର ନିଯୁକ୍ତ କରିଛନ୍ତି।
- ସମସ୍ତିପୁର ବୋମା ବିସ୍ଫୋରଣ ଘଟଣାର ତଦନ୍ତ ପାଇଁ ବିଚାରପତି କେ.କେ. ମାଥିଉଙ୍କ ନେତୃତ୍ୱରେ ଗଠିତ ଜଣିକିଆ ତଦନ୍ତ କମିଶନ ବିହାର ମୁଖ୍ୟମନ୍ତ୍ରୀ ଡଃ. ଜଗନ୍ନାଥ ମିଶ୍ରଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରିଛନ୍ତି।
- ପାକିସ୍ତାନ-ଇରାନ-ତୁର୍କୀର ମିଳିତ ସହଯୋଗରେ ଅସ୍ତ୍ରଶସ୍ତ୍ର ଉତ୍ପାଦନ କରାଯିବା ସଂକ୍ରାନ୍ତୀୟ ଏକ ଚୁକ୍ତିନାମା ସ୍ୱାକ୍ଷରିତ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 7 | | | 2 | | 4 | |
| | | 4 | | 6 | | 1 | | |
| | | | | | | | | 6 |
| | | | | | | | 7 | |
| | | | | | 8 | 9 | 6 | |
| | 9 | | | 4 | 1 | | 8 | |
| 2 | | | | | 5 | 3 | | |
| 9 | | 3 | | | | | | |
| | | | | 1 | 4 | 8 | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 4 | 1 | 2 | 8 | 9 | 3 | 6 |
| 1 | 9 | 8 | 3 | 6 | 7 | 5 | 2 | 4 |
| 2 | 3 | 6 | 5 | 9 | 4 | 1 | 7 | 8 |
| 4 | 5 | 1 | 9 | 7 | 3 | 8 | 6 | 2 |
| 9 | 6 | 3 | 2 | 8 | 1 | 4 | 5 | 7 |
| 7 | 8 | 2 | 4 | 5 | 6 | 3 | 9 | 1 |
| 8 | 2 | 5 | 7 | 4 | 9 | 6 | 1 | 3 |
| 3 | 4 | 7 | 6 | 1 | 5 | 2 | 8 | 9 |
| 6 | 1 | 9 | 8 | 3 | 2 | 7 | 4 | 5 |

ଗତକାଲିର ଉତ୍ତର

# ଗାନ୍ଧିଜୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ



ବିପିନ ବିହାରୀ ରାଉତ

୯ ଜାନୁଆରୀ ୧୯୧୫ରେ ମୋହନଦାସ କରମ ଚାନ୍ଦ ଗାନ୍ଧୀ ଦକ୍ଷିଣ ଆଫ୍ରିକାରୁ ଆସି ଭାରତରେ ପହଞ୍ଚିଥିଲେ। ସ୍ୱଦେଶକୁ ବାହୁଡ଼ି ଆସିବା ପାଇଁ ତାଙ୍କୁ ୧୯୧୨ରେ ଅନୁରୋଧ କରିଥିଲେ ଦକ୍ଷିଣ ଆଫ୍ରିକା ଭ୍ରମଣରେ ଯାଇଥିବା ଗୋପାଳକୃଷ୍ଣ ଗୋଖ୍‌ଲେ। ମୁମ୍ବାଇର ପ୍ରଭାବଶାଳୀ ନାଗରିକ ସାର୍ ଫିରୋଜଶାହା ମେହତା, ଜେବି ପେଟିଟ୍, ବିଜି ହର୍ନିମାନ୍ ଓ ଗୋଖ୍‌ଲେ ପ୍ରମୁଖ ବ୍ରିଟିଶ୍ ସରକାରଙ୍କୁ ପ୍ରଭାବିତ କରି ଆପୋଲୋ ବନ୍ଦରରେ ମହାତ୍ମାଙ୍କ ଅବତରଣର ବ୍ୟବସ୍ଥା କରିଥିଲେ। ବାରିଷ୍ଟର ହୋଇଥିଲେ ହେଁ ମହାତ୍ମା କାଠିୟାୱାଡ଼ ବେଶଭୂଷାରେ ଧୋତି, କୁରୁତା ଓ ପଗଡ଼ି ପିନ୍ଧି ଓହ୍ଲାଇଥିଲେ। ବ୍ରିଟିଶ୍ ସରକାର ସହ ସମ୍ପୃକ୍ତ କିଛି ପଦାଧିକାରୀ ମହାତ୍ମାଙ୍କ ସମ୍ପର୍କରେ ଶୁଣିଥିଲେ ହେଁ ତାଙ୍କର ଭାରତ ଆଗମନକୁ ବିଶେଷ ଗୁରୁତ୍ୱ ଦେଇ ନ ଥିଲେ। କିନ୍ତୁ ଗାନ୍ଧିଜୀଙ୍କ ନେତୃତ୍ୱରେ ଭାରତରେ ବ୍ରିଟିଶ୍‌ରାଜର ଅନ୍ତ ଘଟିଥିଲା ବତିଶ ବର୍ଷ ପରେ। ଦେଶବାସୀଙ୍କ ପାଇଁ ସେ ଥିଲେ ନୂଆ ମୁହଁ। ତେଣୁ ସମୟ ନଷ୍ଟ ନ କରି ପ୍ରଥମେ ଭାରତ ଭ୍ରମଣ କରିବା ପାଇଁ ତାଙ୍କୁ ଉପଦେଶ ଦେଇଥିଲେ ଗୋଖ୍‌ଲେ। ସେ ଗୋଖ୍‌ଲେଙ୍କ ସର୍ଭାଣ୍ଟସ ଅଫ୍ ଇଣ୍ଡିଆ ସୋସାଇଟିର ସଦସ୍ୟ ହେବା ପରେ ଉକ୍ତ ସମାଜ ରେଳରେ ତାଙ୍କର ପ୍ରଥମ ଭାରତ ଭ୍ରମଣର ବ୍ୟବସ୍ଥା କରିଥିଲା। ୧୯୧୫ ଜାନୁଆରୀ ଶେଷଭାଗରେ ମହାତ୍ମାଙ୍କ ଯାତ୍ରା ରାଜକୋଟ୍‌ରୁ ଆରମ୍ଭ ହୋଇଥିଲା। ରାଜକୋଟ୍‌ରେ ଏକ ରେଳର ତୃତୀୟ ଶ୍ରେଣୀ ଡବାରେ ଚଢ଼ି ମହାତ୍ମା ଭାରତ ଭ୍ରମଣ ଆରମ୍ଭ କରିଥିଲେ। ପ୍ରଥମେ ଯାଇଥିଲେ କାଠିୟାୱାଡ଼। ସେଠାରେ ସେ ସତ୍ୟାଗ୍ରହ ଓ ଅହିଂସାର ବାଣୀ ପ୍ରଚାର କରିଥିଲେ। ତା'ପରେ ବାହାରିଥିଲେ ଅହମ୍ମଦାବାଦ। ଏହି ନଗରୀ ଉପକଣ୍ଠସ୍ଥ କୋଚରାବ ନାମକ ଗ୍ରାମରେ ପ୍ରଥମ ଆଶ୍ରମ ପ୍ରତିଷ୍ଠା କରି ସତ୍ୟାଗ୍ରହ ଆଶ୍ରମ ଭାବରେ ନାମିତ କରିଥିଲେ। ଅହମ୍ମଦାବାଦରୁ ବାହାରି ଯାଇ କୋଲକାତାର ଶାନ୍ତିନିକେତନରେ ପହଞ୍ଚିଥିଲେ । ରବୀନ୍ଦ୍ରନାଥ ଠାକୁର ଅନ୍ୟତ୍ର ଯାଇଥିବାରୁ ସଙ୍ଗେ ସଙ୍ଗେ ଭେଟ ହୋଇପାରି ନ ଥିଲା। ୧୯ ଫେବୃଆରୀ ୧୯୧୫ରେ ଗୋଖ୍‌ଲେଙ୍କ ଦେହାନ୍ତ ଖବର ପାଇ ପୁଣେ ଫେରିଥିଲେ। ଶୋକପାଳନ ପାଇଁ ଏକ ବର୍ଷ ଚପଲ ନ ପିନ୍ଧିବା ପାଇଁ ନିଷ୍ପତ୍ତି ନେଇଥିଲେ। ଗୋଖ୍‌ଲେଙ୍କ ସ୍ମୃତିରେ ଆୟୋଜିତ ଶୋକସଭାରେ ଯୋଗଦେଇ କୋଲକାତା ଫେରିଥିଲେ। ୬ ମାର୍ଚ୍ଚ ୧୯୧୫ରେ ଠାକୁରଙ୍କ ସହ ସାକ୍ଷାତ୍ ହୋଇଥିଲା ଏବଂ ସେ ହିଁ ତାଙ୍କୁ ପ୍ରଥମେ ମହାତ୍ମା ଭାବେ ସମ୍ବୋଧିତ କରିଥିଲେ।

୧୯୧୯-୨୦ରେ ପୁରୀ ଜିଲାରେ ଦୁର୍ଭିକ୍ଷ ପଡ଼ିଲା। ନ' ଅଙ୍କ ଦୁର୍ଭିକ୍ଷ ପରେ ଏହା ଥିଲା ଓଡ଼ିଶା ପାଇଁ ଦ୍ୱିତୀୟ ବଡ଼ ପ୍ରାକୃତିକ ବିପର୍ଯ୍ୟୟ। ବ୍ରିଟିଶ୍ ସରକାର ସବୁ ଦେଖୁଥା'ନ୍ତି ସତ, ଲୋକଙ୍କୁ ଉଦ୍ଧାର କରିବା ପାଇଁ କୌଣସି ପଦକ୍ଷେପ ଗ୍ରହଣ କରୁ ନଥା'ନ୍ତି। ଏହା ଉତ୍କଳମଣି ଗୋପବନ୍ଧୁଙ୍କୁ ଖୁବ୍ ବାଧିଲା। ମହାତ୍ମା ଜାଣିଲେ ହୁଏତ କିଛି ପ୍ରତିକାର ହୋଇପାରିବ ଭାବି ସେ ଚିଠି ଲେଖିଲେ। ଚିଠିଟି ପଢ଼ି ମହାତ୍ମା ବ୍ୟଥିତ ହେଲେ ଏବଂ ଗୁଜରାଟୀ ଭାଷାରେ ପ୍ରକାଶ ପାଉଥିବା 'ନବ ଜୀବନ'ରେ ଓଡ଼ିଶାରେ ଦୁର୍ଭିକ୍ଷ ଶୀର୍ଷକ ଲେଖାଟିଏ ଲେଖିଥିଲେ। ଗୋପବନ୍ଧୁଙ୍କ ନିମନ୍ତ୍ରଣରେ ପ୍ରଥମ ଥର ପାଇଁ ମହାତ୍ମାଙ୍କ ପାଦ ଓଡ଼ିଶାରେ ପଡ଼ିଥିଲା। ୧୯୨୧ରେ ଆରମ୍ଭ ହୋଇଥିଲା ଅସହଯୋଗ ଆନ୍ଦୋଳନ। ଏହି ଆନ୍ଦୋଳନକୁ ସୁଦୂରପ୍ରସାରୀ କରିବା ପାଇଁ ମହାତ୍ମା ଦେଶର ବିଭିନ୍ନ ଅଞ୍ଚଳ ଗସ୍ତ କରୁଥିଲେ। ଏହି କ୍ରମରେ



୨୩ ମାର୍ଚ୍ଚ ୧୯୨୧ରେ ସେ କଟକରେ ପହଞ୍ଚିଥିଲେ। ସେ ଦିନ ଥିଲା ଦୋଳପୂର୍ଣ୍ଣିମା। ପୂର୍ବ ସାଙ୍ଗକୁ ମହାତ୍ମାଙ୍କ ଆଗମନରେ ସମଗ୍ର ରାଜ୍ୟ ଉତ୍ସବମୁଖରିତ ହୋଇ ଉଠିଥିଲା। ମହାତ୍ମାଙ୍କ ଦର୍ଶନ ପାଇଁ ରାଜ୍ୟର ବିଭିନ୍ନ ଅଞ୍ଚଳର ଲୋକେ କଟକରେ ପହଞ୍ଚିଥିଲେ। ଉକ୍ତ ଦିନ ଅପରାହ୍ଣରେ କାଠଯୋଡ଼ି କୂଳ ଗଣେଶ ଘାଟ ନିକଟରେ ଶୁଖିଲା ନଦୀର ବିସ୍ତୃତ ବାଲୁକା ଉପରେ ସଭା ଅନୁଷ୍ଠିତ ହୋଇଥିଲା।

ମହାତ୍ମାଙ୍କୁ ଭେଟି ଥିଲେ ଦଶପଲ୍ଲାର ମୁକ୍ତି ସଂଗ୍ରାମୀ ଗୋବିନ୍ଦ ଚନ୍ଦ୍ର ମିଶ୍ର। ଦଶପଲ୍ଲାର କନ୍ଧମେଳି ଓ ଶାସକମାନଙ୍କର ନିର୍ମମ ଅତ୍ୟାଚାର ତଥା ନରହତ୍ୟା ଦେଖି ବ୍ୟଥିତ ହୋଇଥିଲେ ଗୋବିନ୍ଦ। ଇଂରେଜମାନଙ୍କୁ ନ ତଡ଼ିବାଯାଏ ଦେଶବାସୀ ସୁରକ୍ଷିତ ନୁହନ୍ତି, ଏହାକୁ ମନରେ ଗ୍ରହଣ କରି ସେ ଓଡ଼ିଶା ଛାଡ଼ିଥିଲେ। କୋଲକାତାରେ ସୁରେନ୍ଦ୍ର ନାଥ ବାନାର୍ଜୀ ଓ ଶାନ୍ତିନିକେତନରେ ରବୀନ୍ଦ୍ର ନାଥ ଠାକୁରଙ୍କୁ ଭେଟି ଓଡ଼ିଶାର ଦୁଃଖ ଜଣାଇଥିଲେ। ତାହା ପରେ ଦୀନବନ୍ଧୁ ଆଣ୍ଡ୍ରୁଜ୍‌ଙ୍କ ସହ ତାଙ୍କର ଦେଖା ହୋଇଥିଲା। ତାଙ୍କ ପରାମର୍ଶ ମାନି ସେ ଯାଇଥିଲେ ମହାତ୍ମାଙ୍କ ସାବରମତୀ ଆଶ୍ରମ। ୧୯୨୫ ବେଳକୁ କଂଗ୍ରେସ କାର୍ଯ୍ୟକ୍ରମଗୁଡ଼ିକରୁ ଟିକିଏ ଦୂରେଇ ସଙ୍ଗଠନ କାମ ଓ କୁଟୀରଶିଳ୍ପର ପ୍ରସାର ଦିଗରେ ଅଧିକ ସମୟ ଦେବା ପାଇଁ ମହାତ୍ମା ନିଷ୍ପତ୍ତି ନେଇସାରିଥିଲେ। ସେହି ସମୟରେ ଓଡ଼ିଶାରେ ଏଭଳି କାର୍ଯ୍ୟକୁ ଗୁରୁତ୍ୱ ଦେଉଥିଲେ ଉତ୍କଳ ଗୌରବ ମଧୁସୂଦନ ଦାସ। ମଧୁସୂଦନଙ୍କ ଅନୁରୋଧ କ୍ରମେ ଗାନ୍ଧିଜୀ ଓଡ଼ିଶା ଆସି ୧୯ ଅଗଷ୍ଟ ୧୯୨୫ରେ କଟକରେ ପହଞ୍ଚିଥିଲେ। ସାଙ୍ଗରେ ଥିଲେ ବ୍ୟକ୍ତିଗତ ସଚିବ ମହାଦେବ ଦେଶାଇ, କୋଲକାତାର ବିଶାଳୀ ମାରୱାଡ଼ୀ ବ୍ୟବସାୟୀ ରଙ୍ଗଲାଲ। ଷ୍ଟେଶନରୁ ପାଛୋଟି ଆଣିଥିଲେ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ। ମହାତ୍ମା କଟକ ଚାଉଳିଆଗଞ୍ଜସ୍ଥିତ ଉତ୍କଳ ଟ୍ୟାନେରୀ ପରିଦର୍ଶନ କରିବା ସହ ସେଠାରେ କାର୍ଯ୍ୟ କରୁଥିବା ଅଛୁଆଁ ଶ୍ରମିକଙ୍କ ସହ କିଛି ସମୟ ବିତାଇଥିଲେ। ପୁଣି ସାବରମତୀରେ ଗୋଟିଏ ଟ୍ୟାନେରୀ ପ୍ରତିଷ୍ଠା କରିବା ପାଇଁ ମଧୁବାବୁଙ୍କ ପରାମର୍ଶ ନେଇଥିଲେ। ୨୦ ଅଗଷ୍ଟରେ କଟକସ୍ଥିତ କୁଷ୍ଠାଶ୍ରମ ପରିଦର୍ଶନ କରିଥିଲେ। ଗାନ୍ଧିଜୀ ଓଡ଼ିଶା ଗସ୍ତରେ ଆସିଥିଲେ ହେଁ ସମ୍ବଲପୁରରେ ତାଙ୍କର ପାଦ ପଡ଼ି ନ ଥିଲା। ତେଣୁ ସମ୍ବଲପୁରବାସୀଙ୍କ ଦାବିକୁ ସମ୍ମାନ ଦେଇ ମୁମ୍ବାଇରୁ କୋଲକାତା ଯିବା ବାଟରେ ୨୨ ଡିସେମ୍ବର ୧୯୨୮ରେ ଝାରସୁଗୁଡ଼ା ଷ୍ଟେଶନରେ ଓହ୍ଲାଇ ସମ୍ବଲପୁର ଆସିଥିଲେ। ମହାନଦୀ ବାଲିରେ ସାଧାରଣ ସଭା ହୋଇଥିଲା। ନଭେମ୍ବର ୧୯୩୩ରେ ମହାତ୍ମା ଅସ୍ପୃଶ୍ୟତା ବିରୋଧରେ ହରିଜନ ଯାତ୍ରା ଆରମ୍ଭ କରିଥିଲେ। ୧୯୩୪ ଅଗଷ୍ଟରେ ଏହି ଯାତ୍ରା ଶେଷ ହୋଇଥିଲା। ହରିଜନ ଯାତ୍ରା କାଳରେ ଓଡ଼ିଶାର ମୋଟ ଛପନଟି ସ୍ଥାନରେ ସେ ସଭା କରିଥିଲେ। ପୁରୀରେ ପଦଯାତ୍ରା କରିଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଭାରତ ପ୍ରତ୍ୟାବର୍ତ୍ତନ ସ୍ୱରୂପ ତାଙ୍କୁ ସମ୍ମାନ ଜଣାଇବା ସହ ଏହାକୁ ସ୍ମାରକୀ ଓ ତାତ୍ପର୍ଯ୍ୟପୂର୍ଣ୍ଣ କରିବା ପାଇଁ ପ୍ରବାସୀ ଭାରତୀୟ ଦିବସ ପାଳନ ହେଉଛି। ଚଳିତ ବର୍ଷ ୧୮ ତମ ପ୍ରବାସୀ ଭାରତୀୟ ଦିବସ ଭୁବନେଶ୍ୱରରେ ୮ରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଛି। ପ୍ରବାସରେ ଥିବା ଭାରତୀୟମାନେ ନିଜ ଅନୁଭୂତି ଓ ଅନୁଭବ ରଖିବା ସହ ବିକଶିତ ଭାରତ ଗଢ଼ିବା ପାଇଁ ନୂଆ ନକ୍ସା ତିଆରି କରିବେ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ,
bipinrout@rediffmail.com

## ପାଠକ ଶ୍ରେଷ୍ଠ ବିଚାରକ

### ବୋତଲ ପାଣି ବନ୍ଦ ହେଉ

ମହାଶୟ,

ଆଗେ ପ୍ରତ୍ୟେକ ହୋଟେଲ ଓ ଜଳଖିଆ ଦୋକାନରେ ଗ୍ଲାସରେ ପାଣି ପରିବେଷଣ କରାଯାଉଥିଲା। ଫଳରେ ଖାଇସାରି ପାଣି ପିଇବା ଲୋକେ ଜଳର ସ୍ୱଚ୍ଛତା ସମ୍ପର୍କରେ ସମ୍ପୂର୍ଣ୍ଣ ଭାବରେ ଦେଖିପାରୁଥିଲେ ଓ ଜାଣିପାରୁଥିଲେ। ସାନଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଭଲଭାବରେ ଗ୍ଲାସରେ ପାଣି ପାଇପାରୁଥିଲେ ଓ ଗ୍ଲାସରେ ପାଣି ପିଇବା ସମସ୍ତଙ୍କୁ ସୁବିଧା ହେଉଥିଲା। କିନ୍ତୁ ଏବେ ଦହିବରା, ଆଳୁଦମ ଠେଲା ଗାଡ଼ିଠାରୁ ଆରମ୍ଭକରି ସାନବଡ଼ ସମସ୍ତ ହୋଟେଲ ଓ ଜଳଖିଆ ଦୋକାନରେ କେବଳ ପ୍ଲାଷ୍ଟିକ ବୋତଲରେ ପାଣି ଦିଆଯାଉଅଛି, ଯାହାକି ପିଇବା ନିମନ୍ତେ କଷ୍ଟ ହେବା ସଙ୍ଗେ ସଙ୍ଗେ ସ୍ୱାସ୍ଥ୍ୟ ପ୍ରତି ମଧ୍ୟ କ୍ଷତିକାରକ ହେଉଅଛି। ଅନେକ ସ୍ଥଳରେ ଛୋଟ ଶିଶୁ ଓ ବୃଦ୍ଧାବୃଦ୍ଧମାନେ ମଧ୍ୟ ବୋତଲରେ ପାଣି ପିଇ ପାରୁନାହାନ୍ତି। ଏଣୁ ପ୍ରତ୍ୟେକ ଖାଇବା ଦୋକାନରେ ଗ୍ଲାସରେ ପିଇବା ପାଣି ଦେବା ନିମନ୍ତେ ଆଦେଶନାମା କରାଗଲେ ଜନସାଧାରଣ ଉପକୃତ ହୁଅନ୍ତେ।

**–ପଦ୍ମନାଭ ସ୍ୱାଇଁ, ଚନ୍ଦନପୁର, ପୁରୀ**

## ଚିରନ୍ତନୀ

ଆସିବ ସେ ଦିନ କେବେ
ହୋଇବ ମିଳନ
ମିଶି ଯିବୁଁ ଦୁଇ ପାରୁଁ
ପୁଣି ଦୁଇ ମନ।

–(ବ୍ୟବଧାନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# କରଜ ଚିନ୍ତାରେ ଜୀବନ ହାରିଲେ ଯୁବଚାଷୀ

## ଉଜୁଡ଼ିଗଲା ଧାନ ଫସଲ

ରଘୁନାଥପୁର,୮।୧(ରାଜେନ୍ଦ୍ର ନାରାୟଣ ସିଂହ)

ଜଗତ୍‌ସିଂହପୁର ଜିଲା ରଘୁନାଥପୁର ବ୍ଲକ ଅଞ୍ଚଳରେ ବୁଧବାର ଚାଷୀ ଆତ୍ମହତ୍ୟା ଘଟଣା ଅଞ୍ଚଳବାସୀଙ୍କୁ ସ୍ତବ୍ଧ କରିଦେଇଛି। ଧାନ ଫସଲ ଉଜୁଡ଼ି ଯିବା ପରେ କରଜ ଶୁଝିବା ଚିନ୍ତାରେ ତଅାଁରା ବିଲସାହିର ପ୍ରହଲ୍ଲାଦ ପରିଡ଼ାଙ୍କ ସାନପୁଅ ଯୁବଚାଷୀ ଅଶୋକ(୩୮) ନିଜ ଘରେ ବେକରେ ଗାମୁଛା ବାନ୍ଧି ଜୀବନ ହାରିଛନ୍ତି।

ଅଶୋକ ନିଜ ଜମି ସହ ନିକଟସ୍ଥ ବିଜୟ କୁମାର ପରିଡ଼ା, ବାବୁଲାଲ ପରିଡ଼ା, ଦୟାନିଧି ରାଉତ, ନିଶାକର ମହାନ୍ତି ଓ ପ୍ରକାଶ ସାମଲଙ୍କଠାରୁ ୧୦ ଏକର ଜମି ଆଣି ଭାଗଚାଷ କରିଥିଲେ। ବୁଧବାର ସକାଳୁ ଧାନ କିଆରିକୁ ଯାଇ ଉଜୁଡ଼ି ଯାଇଥିବା ଫସଲକୁ ଦେଖି ମ୍ରିୟମାଣ ହୋଇ ଘରକୁ ଫେରି ଆସିଥିଲେ। ଘରେ ସ୍ତ୍ରୀ ମାମିନା ନାୟକଙ୍କୁ ଏତେ ଗୁଡ଼ିଏ ଧାନ ଫସଲ ନଷ୍ଟ ହୋଇଗଲା, ଖାଇବା କ'ଣ, କରଜ କେମିତି ଶୁଝିବା କହି ବ୍ୟସ୍ତ ହୋଇପଡ଼ିଥିଲେ। ମାମିନା ଅଶୋକଙ୍କୁ ବୁଝାଶୁଝା କରି ଚାହା ପିଇବାକୁ ଦେଇ ଗାଧୋଇବାକୁ ଚାଲି ଯାଇଥିଲେ। ନିଜ


ଅଶୋକ ପରିଡ଼ା

ମାନସିକ ଭାରସାମ୍ୟ ହରାଇ ଅଶୋକ ସକାଳ ୭ଟାରେ ଘର ଭିତରେ ବେକରେ ଗାମୁଛା ବାନ୍ଧି ଫ୍ୟାନରେ ଝୁଲି ପଡ଼ିଥିଲେ। ମାମିନା ଗାଧୋଇ ସାରି ଆସି ଏହା ଦେଖି ପଡ଼ୋଶୀଙ୍କୁ ଡାକ ପକାଇଥିଲେ। ତୁରନ୍ତ ଅଶୋକଙ୍କୁ ସ୍ଥାନୀୟ ରେଢୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡା. ସୁକୁମାର ଦାସ ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଣାସ୍ଥଳରେ ରଘୁନାଥପୁର ଥାନା ଏସ୍‌ଆଇ ଯୋଗେଶ୍ୱର ବେହେରା ପହଞ୍ଚି ମୃତଦେହ ଜବତ କରିଥିଲେ। ଏ ସମ୍ପର୍କରେ ମୃତ ଅଶୋକଙ୍କ ସ୍ତ୍ରୀ ମାମିନାଙ୍କ ପକ୍ଷରୁ ଲିଖିତ ଅଭିଯୋଗ କରାଯିବା ପରେ ପୋଲିସ ଅପମୃତ୍ୟୁ ମାମଲା (୧/୨୫) ରୁଜୁ କରି ମୃତଦେହକୁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଖବରପାଇ ସ୍ଥାନୀୟ ସରପଞ୍ଚ ବଟକୃଷ୍ଣ ନାୟକ ପହଞ୍ଚି ସମସ୍ତ ସୁବିଧା ଯୋଗାଇ ଦେଇଥିଲେ। ଏହି ଦୁଃଖଦ ଘଟଣା ପ୍ରଚାରିତ ହେବା ପରେ ଶତାଧିକ ଚାଷୀ ତାଙ୍କ ଘରେ ପହଞ୍ଚିଥିଲେ। ଧାନ ଫସଲରେ ବ୍ୟାପକ କ୍ଷତି ଓ କରଜ ଶୁଝିବା ଚିନ୍ତାରେ କିଛିଦିନ ହେବ ଅଶୋକ ଚାପଗ୍ରସ୍ତ ଥିଲେ ବୋଲି ମଝିଆ ଭାଇ ପ୍ରମୋଦ କହିଛନ୍ତି। ଏହାଛଡ଼ା ସେ ସୋସାଇଟି, ଏସ୍‌ଏଚଜି ଗ୍ରୁପ ଓ ଅନ୍ୟାନ୍ୟ ହାତ ଉଦ୍ଧାରିରେ ୩ ଲକ୍ଷ ଟଙ୍କା ଋଣ କରି ଚାଷରେ ବିନିଯୋଗ କରିଛନ୍ତି ବୋଲି ମାମିନା ପ୍ରକାଶ କରିଛନ୍ତି। ଘରେ ତାଙ୍କ ସ୍ତ୍ରୀ ସହ ଏକ ୭ ବର୍ଷର ଝିଅ ଅଛି। ଅଶୋକ ଋଣ ଶୁଝିବା ଚିନ୍ତାରେ ଜୀବନ ହାରିବା ପରେ ତାଙ୍କ ପରିବାର ଉପାୟଶୂନ୍ୟ ହୋଇପଡ଼ିଛନ୍ତି। ସରପଞ୍ଚ ନାୟକ ଓ ସମିତି ସଭ୍ୟା ଶାନ୍ତିଲତା ଦ୍ୱିବେଦୀ ମୃତକଙ୍କ ପରିବାର ନିକଟରେ ପହଞ୍ଚି ସାନ୍ତ୍ୱନା ଦେବା ସହ ଆନୁଷଙ୍ଗିକ ସହଯୋଗ କରିଛନ୍ତି। ଅଶୋକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଦାବି ହେଉଛି। ଏକ ଶୋକାକୁଳ ପରିବେଶରେ ଗ୍ରାମ୍ୟ ଶ୍ମଶାନରେ ଅଶୋକଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

# ୧୧ ଯାଏ ଘନ କୁହୁଡ଼ି, ସତର୍କ କଲେ ଏସ୍‌ଆର୍‌ସି

ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)

ଉତ୍ତର ଓଡ଼ିଶାର କେତେକ ସ୍ଥାନରେ ତାପମାତ୍ରାରେ ହ୍ରାସ ଘଟିଛି। ସେହିପରି ଝାରସୁଗୁଡାରେ ତାପମାତ୍ରା ୪ ଡିଗ୍ରୀ କମିଥିବାବେଳେ ରାଉରକେଲାରେ ୩.୩ ଡିଗ୍ରୀ ସେଲସିୟସ୍ ହ୍ରାସ ପାଇ ସର୍ବନିମ୍ନ ତାପମାତ୍ରା ୮ ଡିଗ୍ରୀକୁ ଖସିଆସିଛି। ଅନ୍ୟପଟେ ପାରଳାଖେମୁଣ୍ଡି ଓ ଯାଜପୁରରେ ସର୍ବାଧିକ ତାପମାତ୍ରା ୩୦ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି। ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନାନୁସାରେ, ୩ ଦିନ ପରେ ୨ରୁ ୪ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ହାଲୁକା ଶୀତ ସହ ଘନ କୁହୁଡି ଜୀବନଯାତ୍ରାକୁ ପ୍ରଭାବିତ କରିବ। ୧୧ ତାରିଖ ପର୍ଯ୍ୟନ୍ତ ଘନ କୁହୁଡି ନେଇ ସତର୍କ କରାଯାଇଛି। ଗୁରୁବାର ସୁନ୍ଦରଗଡ ଓ କନ୍ଧମାଳରେ ଘନ କୁହୁଡି ଅନୁଭୂତ ହେବ। ଏହାସହ କେନ୍ଦ୍ରାପଡା, ଜଗତ୍‌ସିଂହପୁର, କେନ୍ଦୁଝରଗଡ଼, ଝାରସୁଗୁଡା ଏବଂ କଳାହାଣ୍ଡିରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ଦେଖାଦେବ। ୧୦ ତାରିଖରେ ସୁନ୍ଦରଗଡ଼ ଓ କନ୍ଧମାଳକୁ କୁହୁଡ଼ି ପାଇଁ ୟେଲୋ ୱାର୍ନିଂ ରହିଥିବାବେଳେ ସମ୍ବଲପୁର, ଝାରସୁଗୁଡା, ବଲାଙ୍ଗୀର, ଗଞ୍ଜାମ ଏବଂ କଳାହାଣ୍ଡିରେ ହାଲୁକା କୁହୁଡି ନେଇ ସତର୍କତା ଜାରି କରାଯାଇଛି। ଅନ୍ୟପକ୍ଷରେ ଘନ କୁହୁଡି ନେଇ ସଂପୃକ୍ତ ଜିଲାର ଜିଲାପାଳଙ୍କୁ ସ୍ୱତନ୍ତ୍ର ରିଲିଫ୍ କମିଶନର (ଏସ୍‌ଆର୍‌ସି) ଚିଠି ଲେଖି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ସହ ଲୋକଙ୍କୁ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଘାଟିରାସ୍ତା ଏବଂ ଦୁର୍ଘଟଣାପ୍ରବଣ ରାସ୍ତାରେ ନଜର ରଖିବାକୁ ପରିବହନ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି।

# ଗର୍ବିତ ନୁହେଁ, କୃତଜ୍ଞ ହେବା: ତଥାଗତ

## ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବର ୪ର୍ଥ ସନ୍ଧ୍ୟା

ବଲାଙ୍ଗୀର, ୮।୧
(ବୀରେନ୍ଦ୍ର କୁମାର ଝାଙ୍କର)

ଅନେକ ସମୟରେ ଆମେ ବଲାଙ୍ଗିରିଆ, ଢେଙ୍କାନାଳିଆ କି ଭାରତୀୟ ବୋଲି ଗର୍ବ କରିଥାଉଁ। ମାତ୍ର ଗର୍ବିତ ହେବା ବଦଳରେ ଆମେ ଯଦି କୃତଜ୍ଞ ହେବା ତେବେ ଏହା ଆମ ଅଞ୍ଚଳ, ସମାଜ ଓ ଦେଶ ପାଇଁ ଅଧିକ ମଙ୍ଗଳକର ହେବ ବୋଲି ସର୍ବଭାରତୀୟ ନାଟକ ସମାରୋହ ମଠଖାଇ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ କହିଛନ୍ତି।

ମଠଖାଇ ମହୋତ୍ସବ ଅଧ୍ୟକ୍ଷ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଚତୁର୍ଥ ସାନ୍ଧ୍ୟ ସଭାରେ ମୁଖ୍ୟ ଅତିଥି ସତପଥୀ କହିଛନ୍ତି, କଳାକାର କି କଳା ଜୀବନଠୁ ଭିନ୍ନ ନୁହନ୍ତି, ସେ ଆମ ଜୀବନର ଏକ ଅଙ୍ଗ। ନାଚ, ଗୀତ ଓ ନାଟକ ଜୀବନକୁ ଭିନ୍ନ ରୂପରେ ପ୍ରତିଫଳିତ କରେ। ଆମେ ଏଇ ମାଟିରୁ ଯେତିକି ସ୍ନେହ, ଶ୍ରଦ୍ଧା ପାଇଛୁ ତା' ତୁଳନାରେ କ'ଣ ଫେରଇଛୁ ଚିନ୍ତା କରିବା କଥା।


ଅଧ୍ୟକ୍ଷ ନରସିଂହ ମିଶ୍ର ଓ ମୁଖ୍ୟ ଅତିଥି ତଥାଗତ ସତପଥୀ ସାମାଜିକ କର୍ମୀ ଜୟନ୍ତ ବାଗଙ୍କୁ ମଠଖାଇ ସମ୍ମାନ ପ୍ରଦାନ କରୁଛନ୍ତି।

ଏବେ ଜାତୀୟତା ଓ ଦେଶପ୍ରେମକୁ ଭିନ୍ନ ଭାବରେ ଚିତ୍ରଣ କରାଯାଉଛି। କିଛି ଲୋକ କିଏ ଦେଶଭକ୍ତ ଓ କିଏ ନୁହେଁ ତାହା ସେମାନେ ବାଛିବାର ହକ୍‌ଦାର ବୋଲି ଭାବୁଛନ୍ତି। ସେମାନଙ୍କୁ ସେଭଳି ସୁଯୋଗ ଦେବା କଥା ନୁହେଁ। ଆମେ ଦେଶଭକ୍ତ ହେବା ବଦଳରେ ଯଦି ମଣିଷ କି ମାଟିକୁ ପ୍ରେମ କରିପାରିବା ତେବେ ତାହା ସବୁଠୁ ଶ୍ରେୟସ୍କର ହେବ ବୋଲି ସେ କହିଥିଲେ। ଜୟନ୍ତ ବାଗଙ୍କ ଭଳି ସାମାଜିକକର୍ମୀଙ୍କୁ ସାମାଜିକ ପରିଚୟ ଦେବାରେ ମଠଖାଇ ଯେଉଁ ପ୍ରୟାସ କରିଛି ତାହା ମହାନ୍ କାର୍ଯ୍ୟ ବୋଲି ସତପଥୀ କହିଛନ୍ତି। ସଭାରେ ଉପଦେଷ୍ଟା ପ୍ରଫେସର ମଧୁସୂଦନ ପତି ଓ ନାଟ୍ୟଭୂଷଣ ଜଗଦାନନ୍ଦ ଛୁରିଆ ମଞ୍ଚାସୀନ ଥିଲେ। ଛୁରିଆ ତାଙ୍କ ବକ୍ତବ୍ୟରେ ମଠଖାଇ ମହୋତ୍ସବ ଏକ ମିଳାମିଶାର ପର୍ବ ବୋଲି କହିଛନ୍ତି। କଳାକାରଟିଏ ସମାଜର ସବୁଠୁ ଆଗଧାଡ଼ିର ବ୍ୟକ୍ତି ବୋଲି ସେ କହିଛନ୍ତି। ଅନ୍ୟତମ ଉପଦେଷ୍ଟା ପତି ନାଟକ ପ୍ରଶାନ୍ତି ଓ ପରିତୃପ୍ତି ପ୍ରଦାନ କରେ।। ମଠଖାଇ ମହୋତ୍ସବ ବଲାଙ୍ଗୀରର ସମସ୍ତଙ୍କୁ ଏକାକାର କରିଦେଇଛି ବୋଲି ସେ କହିଛନ୍ତି। ମଠଖାଇ ଅଧ୍ୟକ୍ଷ ମିଶ୍ର ତାଙ୍କ ବକ୍ତବ୍ୟରେ ଏଇ ମଞ୍ଚ ରାଜନୀତି ମଞ୍ଚ ନୁହେଁ । ଏଠାକୁ ସବୁ ରାଜନୈତିକ ଦଳର ନେତାଙ୍କୁ ଆମନ୍ତ୍ରଣ କରାଯାଉଛି ଏବଂ ଏକତାର ବାର୍ତ୍ତା ଦିଆଯାଉଛି। ଏହାସତ୍ତ୍ୱେ ଏଠାକାର କେତେଜଣ ବିଜେଡି ନେତା ଏହି ମହୋତ୍ସବକୁ ଅସଫଳ କରିବାକୁ ଉଦ୍ୟମ କରୁଛନ୍ତି। ତେବେ ସେମାନେ ଏଭଳି ନ କରିବାକୁ ସେ ଅନୁରୋଧ କରିଛନ୍ତି।

ଏହି ଅବସରରେ ରିକ୍ସାଚାଳକ ଭାବେ ବୃତ୍ତିଗତ ଜୀବନରେ ଥାଇ ମଧ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ହେବ ସ୍ୱେଚ୍ଛାକୃତ ଭାବେ ସହସ୍ରାଧିକ ଶବଦାହ କରିଆସୁଥିବା ସାମାଜିକ କର୍ମୀ ଜୟନ୍ତ ବାଗଙ୍କୁ ଅତିଥିମାନେ ମଠଖାଇ ସମ୍ମାନ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ସଂଯୋତ କଳା କେନ୍ଦ୍ରର କଳାକାରମାନେ ମଧୁଶାଳା ନୃତ୍ୟ ପରିବେଷଣ କରିଥିଲେ। ସଭାକୁ ଚିତ୍ତରଞ୍ଜନ ଦାଶ ପରିଚାଳନା କରିଥିଲେ ଓ ଅଶୋକ ଦାସ ସ୍ୱାଗତ ବକ୍ତବ୍ୟ ଦେଇଥିଲେ। ଶେଷରେ ମୁରଲୀଧାରୀ ପତି ଧନ୍ୟବାଦ ଦେଇଥିଲେ। ସଭା ପରେ ଜାମଶେଦପୁରସ୍ଥିତ ଝାଡ଼ଖଣ୍ଡ ସାଂସ୍କୃତିକ ମଞ୍ଚର କଳାକାରମାନେ ସୁରେଶ ବର୍ମାଙ୍କ ରଚିତ ଏବଂ ସିବଲ ସାଗରଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ ସୁରଜ କି ଅନ୍ତମ କିରନ୍ ସେ ସୁରଜ କି ପହଲି କିରନ୍ ତକ୍ ମଞ୍ଚସ୍ଥ ହୋଇଥିଲା। ଏହି ନାଟକରେ କଳାକାରମାନେ ନିଖୁଣ ଅଭିନୟ କରିଥିଲେ। ଆଜିର ମଞ୍ଚକୁ ପ୍ରଖ୍ୟାତ ମଞ୍ଚ ତଥା ସିନେ କଳାକାର ଗୋପାଳ ସାହୁ (ଏଲି)ଙ୍କ ସ୍ମରଣରେ ସମର୍ପଣ କରାଯାଇଥିଲା।


ହିନ୍ଦୀ ନାଟକ ସୁରଜ କି ଅନ୍ତମ କିରନ୍ ସେ ସୁରଜ କି ପହଲି କିରନ୍ ତକ୍‌ର ଏକ ଦୃଶ୍ୟ।




# କଲେଜ ରୂପାନ୍ତରଣ କାର୍ଯ୍ୟ ଅଧାପନ୍ତରିଆ

ଯାଜପୁର,୮।୧(ହର୍ଷବର୍ଦ୍ଧନ ବେହେରା) :

■ ଅତ୍ୟାଧୁନିକ ଶିକ୍ଷା ଲାଭରୁ ବଞ୍ଚିତ ୧୬ କଲେଜର ଛାତ୍ରୀଛାତ୍ର
■ କମ୍ପ୍ୟୁଟର, ପ୍ୟାନେଲ, ଡେସ୍କ କିଣାରେ ହରିଲୁଟ ମସୁଧା
■ ଜିଇଏମ୍ ପୋର୍ଟାଲ କାମରେ ଅବହେଳାରୁ ବିଫଳତା

ଗଭର୍ଣ୍ଣମେଣ୍ଟ ଇ-ମାର୍କେଟିଂ(ଜିଇଏମ୍) ପୋର୍ଟାଲ ମାଧ୍ୟମରେ ଟେଣ୍ଡର ପ୍ରକ୍ରିୟାରେ ଅହେତୁକ ବିଳମ୍ବ ଯୋଗୁ ଜିଲାର ୧୬ କଲେଜର ରୁପାନ୍ତରଣ କାର୍ଯ୍ୟ ଅଧାପନ୍ତରିଆ ହୋଇ ପଡିଛି। ଫଳରେ ଗତ ପ୍ରାୟ ୧ ବର୍ଷ ହେବ ୫ ହଜାରରୁ ଉର୍ଦ୍ଧ୍ୱ କଲେଜ ଛାତ୍ରୀଛାତ୍ର କମ୍ପ୍ୟୁଟର, ଇ-ଲାଇବ୍ରେରୀ, ପରୀକ୍ଷାଗାର, ଡେସ୍କ ଓ ବେଞ୍ଚ ଇତ୍ୟାଦି ଅତ୍ୟାଧୁନିକ ଶିକ୍ଷା ସୁବିଧାରୁ ବଞ୍ଚିତ ରହୁଛନ୍ତି। ଏହାବାଦ୍ ଏହି ମହତ୍ ଉଦ୍ଦେଶ୍ୟ ପାଇଁ ପ୍ରାୟ ୭ କୋଟି ଟଙ୍କାର ମଞ୍ଜୁରୀ ଅନୁଦାନର ସିଂହଭାଗ ଅର୍ଥକୁ ମିଳିମିଶି ଲୁଟ କରିବାକୁ ଚକ୍ରାନ୍ତ ହେଉଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ମତପ୍ରକାଶ ପାଇଛି।

ଶାହା କମିଶନଙ୍କ ରିପୋର୍ଟ ଆଧାରରେ ସୁପ୍ରିମକୋର୍ଟ ପକ୍ଷରୁ ହୋଇଥିବା ନିର୍ଦ୍ଦେଶ ଅନୁସାରେ ଖଣି ଲୁଟ୍ ଜରିମାନା ଅର୍ଥରେ ପ୍ରଣୀତ ଓଡ଼ିଶା ଖଣିଜ ଧାରକ ଅଞ୍ଚଳ ଉନ୍ନୟନ ନିଗମ(ଓଏମ୍‌ବିଏଡ଼ିସି) ପାଣ୍ଠିରୁ ହାଇସ୍କୁଲଗୁଡ଼ିକର ରୁପାନ୍ତରଣ କାର୍ଯ୍ୟ ହୋଇଥିଲା। ଏଥିରେ ପ୍ରାୟ ୪ କୋଟି ଟଙ୍କା କମ୍ପ୍ୟୁଟର କିଣାରେ ଖର୍ଚ୍ଚ କରାଯାଇଛି। ସେଥିରୁ ଅଧିକାଂଶ ପୁରୁଣା ସଂସ୍କରଣର ଡେସ୍କଟପ୍ କମ୍ପ୍ୟୁଟର ସହିତ ଆଣ୍ଟି ଭାଇରସ ସଫ୍ଟୱେର ଓ ୟୁପିଏସ୍ ଚଢ଼ା ଦରରେ କ୍ରୟ କରାଯାଇ ଗୋଟିଏ କମ୍ପ୍ୟୁଟର ସେଟ୍ ପିଛା ପ୍ରାୟ ୧୦ ହଜାର ଟଙ୍କା ଲେଖାଏଁ ବିପୁଳ ଅର୍ଥ ହରିଲୁଟ୍ ହୋଇଛି ବୋଲି ପୂର୍ବରୁ ଜିଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏହାସହ ଲୋକାୟୁକ୍ତରେ ୨୧୭/୨୦୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଥିଲା। ଆଇନଜୀବୀ ଉଦୟନାଥ ସାହୁ କମ୍ପ୍ୟୁଟର କିଣାରେ ଦୁର୍ନୀତି ହେଉଥିବା ନେଇ ପ୍ରଥମେ ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହାପରେ ତତ୍କାଳୀନ ଜିଲାପାଳ ଚକ୍ରବର୍ତ୍ତୀ ସିଂହ ରାଠୋର ଅଭିଯୋଗକୁ ଗମ୍ଭୀରତାର ସହ ଗ୍ରହଣ କରି ସେହି ବିଡ଼ିଂର କର୍ଯ୍ୟାଦେଶକୁ ସ୍ଥଗିତ ରଖି ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ହେଲେ ଉକ୍ତ ନିର୍ଦ୍ଦେଶ ଚପି ଯାଇଥିଲା। ଏହାପରେ ରାଜ୍ୟ ସୂଚନା ଅଧିକାର ଆଇନର



ଆବାହକ ପ୍ରଦୀପ ପ୍ରଧାନଙ୍କ ଅଭିଯୋଗ ଅନୁଯାୟୀ ଲୋକାୟୁକ୍ତରେ ମାମଲା ରୁଜୁ ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ କଳେବଳେ କୌଶଳେ ଏହି ମାମଲାକୁ ଚପେଇ ଦେବାକୁ ସମ୍ପୃକ୍ତ ଅଧିକାରୀମାନେ ସଫଳ ହୋଇଥିଲେ ବୋଲି ସେତେବେଳେ ଚର୍ଚ୍ଚା ଜୋର ଧରିଥିଲା। ଅନୁରୂପ ପରସ୍ଥିତି ଏବେ କଲେଜ ରୁପାନ୍ତରଣ କାର୍ଯ୍ୟରେ ହେଉଥିବା ସନ୍ଦେହ କରାଯାଉଛି।

ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନ ପକ୍ଷରୁ ୧୬ଟି କଲେଜର ଶ୍ରେଣୀ ଗୃହ ନିର୍ମାଣ କାର୍ଯ୍ୟ ପ୍ରାୟ ୧ ବର୍ଷ ପୂର୍ବରୁ ସମ୍ପନ୍ନ ହୋଇ ସାରିଛି। କିନ୍ତୁ କମ୍ପ୍ୟୁଟର, ଲ୍ୟାବ୍, ପ୍ୟାନେଲ ଇତ୍ୟାଦି କିଣା ଯାଇ ନ ଥିବାରୁ ସେଗୁଡିକ ଖାଲି ପଡିଛି। ରିପୋର୍ଟ ଅନୁସାରେ ଖରସ୍ରୋତା ମହାବିଦ୍ୟାଳୟର ସାମ୍‌ସଙ୍ଗ କମ୍ପାନୀର ଇଣ୍ଟେରେକ୍ଟିଭ ପ୍ୟାନେଲ ପାଇଁ ୧୪ ଲକ୍ଷ ଟଙ୍କା, ଇ-ଲାଇବ୍ରେରୀରେ ଏଚ୍‌ପି କମ୍ପାନୀର କମ୍ପ୍ୟୁଟର ପାଇଁ ୭ଲକ୍ଷ ଟଙ୍କା, ଗୋଦ୍ରେଜ କମ୍ପାନୀର ଡେକ୍ସ କମ୍ ବେଞ୍ଚ ପାଇଁ ୨୦ ଲକ୍ଷ ୧୫ ହଜାର ୮୦୦ ଟଙ୍କା, ଗୋଦ୍ରେଜ କମ୍ପାନୀର ସାଇନ୍ସ ଲାବ୍ରୋରୋଟୋରୀରେ ଷ୍ଟିଲ ଷ୍ଟୁଲ୍ କିଣା ପାଇଁ ୫୩ ହଜାର ଟଙ୍କା ଓ ଚୌକି ପାଇଁ ୧ ଲକ୍ଷ ଟଙ୍କାର ଅଟକଳ କରାଯାଇଛି। ଅନୁରୂପ ଭାବେ ଅଙ୍ଗାଲୋ ଲଛମନ ବାଲାଜିଉ ହାୟର ସେକେଣ୍ଡାରୀ ସ୍କୁଲ, ବିଞ୍ଝାରପୁର ବରୁଣେଶ୍ୱର ମହାବିଦ୍ୟାଳୟ, ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ହାୟର ସେକେଣ୍ଡାରୀ ସ୍କୁଲ, କମ୍ପାଗଡ ସାବିତ୍ରୀ ଦେବୀ ସଂସ୍କୃତ ମହାବିଦ୍ୟାଳୟ, ଚିତାଲୋ ମହାବିଦ୍ୟାଳୟ, ବରୀ ରାଜତୋଟା କାଦମ୍ବିନୀପାଳ ହାୟର ସେକେଣ୍ଡେରୀ ସ୍କୁଲ ଓ କାଦମ୍ବିନୀପାଳ ମହିଳା ଡିଗ୍ରୀ କଲେଜ, ବାଇଁଶିରିଆ ସଛନ ହାୟର ସେକେଣ୍ଡେରୀ ସ୍କୁଲ, ଅଙ୍ଗାଲୋ ଲଛମାନ ବାଲାଜିଉ ଡିଗ୍ରୀ କଲେଜ, ରାମଚନ୍ଦ୍ରପୁର ଜି.ସି. ଡିଗ୍ରୀ କଲେଜ, ଚନ୍ଦ୍ରଶେଖରପୁର ପ୍ରଭାକର ସଂସ୍କୃତ ଡିଗ୍ରୀ କଲେଜ, କାଳୀପଡା କାଶିନାଥ ହାୟର ସେକେଣ୍ଡାରୀ ସ୍କୁଲ, ବାଲିଆ ଅଭିମନ୍ୟୁ ସାମନ୍ତସିଂହାର ଡିଗ୍ରୀ କଲେଜ, ଚିତାଲୋ ହାୟର ସେକେଣ୍ଡାରୀ ସ୍କୁଲ ଓ କାଶିନାଥ ଡିଗ୍ରୀ କଲେଜରେ ରୂପାନ୍ତରଣ କାର୍ଯ୍ୟଚାଲିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ସହାୟତା(ପୂର୍ବରୁ ୫-ଟି) ଯୋଜନାରେ ବିପୁଳ ଅର୍ଥ ମଞ୍ଜୁର ହୋଇଛି। ସଂପୃକ୍ତ କଲେଜଗୁଡ଼ିକର ପ୍ରିନ୍ସିପାଲମାନେ ଗୋଦ୍ରେଜ କମ୍ପାନୀର ଅଫିସ ଫର୍ନିଚର କିଣିବାକୁ ଅନୁରୋଧ କରିଛନ୍ତି। କିନ୍ତୁ ଉଚ୍ଚ କର୍ତ୍ତୃପକ୍ଷ ଜିଇଏମ୍ ପୋର୍ଟାଲ ମାଧ୍ୟମରେ ସମସ୍ତ କ୍ରୟ କରିବାକୁ ନିର୍ଦ୍ଦେଶ ଜାରି କରିଛନ୍ତି। ତେଣୁ ପ୍ରୋପ୍ରାଇଟର ଆର୍ଟିକିଲ ସାର୍ଟିଫିକେଟ(ପିଏସି) ନିହାତି ଆବଶ୍ୟକ ରହିଛି ବୋଲି ନିର୍ମାଣ ବିଭାଗ ପକ୍ଷରୁ ଜିଲାପାଳଙ୍କୁ ଅନୁରୋଧ କରାଯାଇଛି।

ଏ ସଂକ୍ରାନ୍ତରେ ଯାଜପୁର ଗ୍ରାମ୍ୟ ନିର୍ମାଣ ଡିଭିଜନର ଅଧୀକ୍ଷଣ ଯନ୍ତ୍ରୀ ଜ୍ଞାନରଞ୍ଜନ ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି ଜିଇଏମ୍ ପୋର୍ଟାଲରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଆବଶ୍ୟକ ସାମଗ୍ରୀ କିଣିବାରେ ବିଳମ୍ବ ହେଉଛି। ଏଥିରେ କୌଣସି ପ୍ରକାର ଦୁର୍ନୀତିର ସମ୍ଭାବନା ନାହିଁ।





@ ପ୍ରଶାନ୍ତ


@ ରାଜା


@ ଦୀପ୍ତି


@ ଶାଶ୍ୱତୀ


@ ଶଶିକାନ୍ତ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କୁ ପ୍ରତ୍ୟାହାର ନିର୍ଦ୍ଦେଶ

ଯାଜପୁର,୮।୧(ହର୍ଷବର୍ଦ୍ଧନ ବେହେରା) :

ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଡିଜାବିଲିଟି ପେନସନ(ଆଇଜିଏନଡିପି) ଯୋଜନାରେ କେତେକ ଅଯୋଗ୍ୟ ହିତାଧିକାରୀ ଭତ୍ତା ପାଉଛନ୍ତି। ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ(ଏସ୍‌ଏସ୍‌ଇପିଡି) ପକ୍ଷରୁ ଏନେଇ ନିୟମିତ ସମୀକ୍ଷା କରିବା ପରେ ଏଭଳି ସୂଚନା ହସ୍ତକ୍ଷେପ ହୋଇଛି। ଏହି ମର୍ମରେ ଏସ୍‌ଏସ୍‌ଇପିଡି ପକ୍ଷରୁ ଅଣ୍ଡର ସେକ୍ରେଟେରୀ ବନ୍ଦନା ପଣ୍ଡା ଆସନ୍ତା ୧୩ ତାରିଖ ସୁଦ୍ଧା ସମସ୍ତ ଅଯୋଗ୍ୟ ଭିନ୍ନକ୍ଷମ ହିତାଧିକାରୀଙ୍କ ନାମ ପ୍ରତ୍ୟାହାର କରିବାକୁ ରାଜ୍ୟର ସମସ୍ତ ଜିଲା ସାମାଜିକ ସୁରକ୍ଷା ଅଧିକାରୀ(ଡିଏସ୍‌ଏସ୍‌ଓ)ମାନଙ୍କୁ ବୁଧବାର ନିର୍ଦ୍ଦେଶ ଦିଆଯାଇଛି। ଧରିତ୍ରୀରେ ଗତ ୬ ତାରିଖରେ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ର୍‌ୟାକେଟ ସକ୍ରିୟ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସୂଚନା ମିଳିଛି। କଟକ ଏସ୍‌ସିବି ମେଡିକାଲ କଲେଜ ଏବଂ ହସ୍‌ପିଟାଲ ତଥା ବିଭିନ୍ନ ଜିଲା ସଦର ଡାକ୍ତରଖାନାଗୁଡିକରେ ନକଲି ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିବାକୁ ଏକ ର୍‌ୟାକେଟ କାମ କରୁଛି। ଏନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ହେବା ପରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ(ଏସ୍‌ଏସ୍‌ଇପିଡି) ପକ୍ଷରୁ ଅତିରିକ୍ତ ସଚିବ ସୋନିଆ ବେହେରା ଉପରୋକ୍ତ ବିଷୟ ଉପରେ ଆବଶ୍ୟକ ତଦନ୍ତ କରି ୭ ଦିନ ମଧ୍ୟରେ ସଂପୃକ୍ତ ବିଭାଗରେ ରିପୋର୍ଟ ଦାଖଲ କରିବା ପାଇଁ ଏସ୍‌ସିବି ମେଡିକାଲ କଲେଜର ଅଧକ୍ଷଙ୍କୁ ନିର୍ଦ୍ଦେଶ ଜାରି କରିଥିଲେ।



Government of Odisha
Department of Social Security & Empowerment of Persons with Disabilities

No. 244 /SSEPD Dt. 08.01.2025
SSEPD-SS2-SCH-0004-2022

From
Bandana Panda
Under Secretary to Government

To
All DSSOs

Sub: *Removal of ineligible beneficiaries under Indira Gandhi National Disability Pension (IGNDP) Scheme of NSAP.*

Madam/Sir,

I am directed to say that during routine review of NSAP Schemes, it has come to the notice of this Department that ineligible beneficiaries have been receiving social security pension under IGNDP through NSAP-PPS.

Since, the State Government has approved the enhancement of State top-up component of NSAP schemes for the beneficiaries of IGNDP through DBT, the above referred ineligible beneficiaries will stand to undue financial gain.

It is therefore requested to please ensure that all ineligible beneficiaries are removed from the IGNDP Scheme under NSAP-PPS by 13th January 2025.

This may be treated as ***MOST URGENT***.

Yours faithfully,
[signature] 8.1.2025
Under Secretary to Government

Memo No. 249 Dt. 08.01.2025
Copy forwarded to all Collectors for kind information and necessary action.

[signature] 8.1.2025
Under Secretary to Government

ପତ୍ରର ନକଲ ଯାଇଛି।

# ଚଣ୍ଡିଖୋଲରେ ଏଡିଜେ କୋର୍ଟ ଉଦ୍‌ଘାଟିତ



ଏଡିଜେ କୋର୍ଟ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥି।

ଚଣ୍ଡିଖୋଲ,୮।୧(ପ୍ରଦୀପ୍ତ କୁମାର ପୃଷ୍ଟି):

**ଆଭାସି ମାଧ୍ୟମରେ ଉଦ୍‌ଘାଟନ କଲେ ହାଇକୋର୍ଟ ମୁଖ୍ୟ ବିଚାରପତି**

ଯାଜପୁର ଜିଲା ଚଣ୍ଡିଖୋଲଠାରେ ବୁଧବାର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ) କୋର୍ଟ ଉଦ୍‌ଘାଟନ ହୋଇଛି। ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣସିଂ ଆଭାସି ମାଧ୍ୟମରେ ଏହି କୋର୍ଟକୁ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଉଚ୍ଚ ନ୍ୟାୟାଳୟ ବିଚାରପତି ଅରିନ୍ଦମ ସିହ୍ନା, ଯାଜପୁର ଜିଲା ଜଜ୍ ଅମୃତନନ୍ଦନ ନନ୍ଦ, ଚଣ୍ଡିଖୋଲ ବରିଷ୍ଠ ବିଚାରପତି ବିଶ୍ୱଦୀପକ ସାହୁ, କନିଷ୍ଠ ବିଚାରପତି ପରଞ୍ଜିନ ମଣ୍ଡଳ ଓ ସ୍ମୃତି ଅଭିଳାସା ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଦୀର୍ଘ ବର୍ଷ ହେବ ଚଣ୍ଡିଖୋଲ କୋର୍ଟରେ ଏଡିଜେ କୋର୍ଟ ଖୋଲିବା ପାଇଁ ଦାବି ହୋଇ ଆସୁଥିଲା। ସ୍ଥାନୀୟ ଅଞ୍ଚଳର ଲୋକମାନେ ଏଥିପାଇଁ ଅଧିକାଂଶ ସମୟରେ ଯାଜପୁର ଯିବାକୁ ପଡୁଥିଲା। ପୂର୍ବରୁ ଏଠାରେ ଜେଏମ୍‌ଏଫସି ଓ ସବ୍‌ଜଜ୍ କୋର୍ଟ ଥିବାବେଳେ ଏଡିଜେ କୋର୍ଟ ଖୋଲିବା ପାଇଁ ଚଣ୍ଡିଖୋଲ ବାର୍ ଆସୋସିଏଶନ ପକ୍ଷରୁ ରାଜ୍ୟ ଆଇନମନ୍ତ୍ରୀ ଓ ଉଚ୍ଚ ନ୍ୟାଳୟର ମୁଖ୍ୟବିଚାରପତିଙ୍କୁ ଭେଟି ଦାବି କରିଆସୁଥିଲେ। ଦୀର୍ଘ ଦିନର ଏହି ଦାବି ଓ ୫ ଥାନା ଅଞ୍ଚଳର ଲୋକମାନଙ୍କର ସମସ୍ୟାକୁ ଦୃଷ୍ଟିରେ ରଖି ବୁଧବାର ଏହି କୋର୍ଟକୁ ଉଦ୍‌ଘାଟନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ବାର ଆସୋସିଏଶନ ସଭାପତି ଦେବରାଜ ବେହେରା, ସମ୍ପାଦକ ପ୍ରକାଶ ଦାସ, ଉପସଭାପତି ଶ୍ରୀକାନ୍ତ ବଳ, ଯୁଗ୍ମ ସମ୍ପାଦକ ଶିରିଶ ସାମଲ, ପୂର୍ବତନ ସଭାପତି ପ୍ରତାପ ଦାସ, ଶରତ ଚନ୍ଦ୍ର ଷଡ଼ଙ୍ଗୀ, ଜନ୍ ବେହେରା, ଉଦୟନାଥ ସାହୁ, କୈଳାସ ଚନ୍ଦ୍ର ସାମଲ, ସୁରେଶ ପଣ୍ଡା, ପ୍ରେମାନନ୍ଦ ବେହେରା, ପ୍ରଦୀପ୍ତ କର, ଶ୍ୟାମସୁନ୍ଦର ଦାସ, ବିବେକ ତ୍ରିପାଠୀ ଓ ବୀରେନ ବିଶ୍ୱାଳ ପ୍ରମୁଖ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ। ଏଠାରେ ନୂତନ ଏଡିଜେ ଭାବେ ଗୋପବନ୍ଧୁ ଗଡ଼ନାୟକ ଯୋଗଦେଇଛନ୍ତି। ପୂର୍ବରୁ ରହିଥିବା ୪୫୩ ଫୌଜଦାରୀ, ୨୩୩ ଦେୱାନୀ ମାମଲା ସହିତ ଅନ୍ୟ ୬ଶହ ମକଦ୍ଦମା ନୂତନ ଅତିରିକ୍ତ ଜିଲାଦୌରା ଜଜ୍‌ଙ୍କ କୋର୍ଟରେ ବିଚାର ହେବ ବୋଲି ବାର୍ ଆସୋସିଏଶନ ସଭାପତି ପ୍ରକାଶ କରିଛନ୍ତି। ଏହି ନୂତନ କୋର୍ଟ ଖୋଲିବା ନେଇ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଓ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏବଂ ଉଚ୍ଚନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କୁ ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ଓ ଆଇନଜୀବୀମାନେ କୃତଜ୍ଞତା ଜଣାଇଛନ୍ତି।

# ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ଯାଜପୁର ଟାଉନ,୮।୧
(ପ୍ରଯୁକ୍ତା ପ୍ରିୟଦର୍ଶିନୀ ମହାନ୍ତି) :

ଯାଜପୁର ଜିଲାସ୍ତରୀୟ ୭୬ ତମ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ବୁଧବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଜିଲାପାଳ ପି. ଅନ୍ୱେଷା ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଗଣତନ୍ତ୍ର ଦିବସକୁ ଶାନ୍ତି, ଶୃଙ୍ଖଳାର ସହ ପାଳନ କରିବାକୁ ସ୍ଥିର କରାଯାଇଛି। କୁସୁମା ସମ୍ମୁଖ ପଡ଼ିଆରେ ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୫ ଅନୁଷ୍ଠିତ ହେବ। ସେଦିନ ପ୍ରତ୍ୟୁଷ ୪.୩୦ ମିନିଟ ସମୟରେ ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ସହରରେ ରାମଧୂନ୍ ପରିବେଷଣ କରାଯିବ। ପରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ପ୍ରଭାତଫେରୀ, ସକାଳ ୭.୩୦ ମିନିଟ ମଧ୍ୟରେ ସମସ୍ତ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ସକାଳ ଘ. ୮.୩୦ମିନିଟ ସମୟରେ କୁସୁମା ସମ୍ମୁଖ ପଡିଆ ଠାରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ, ପ୍ୟାରେଡ ପରିଦର୍ଶନ, ପ୍ୟାରେଡ ପ୍ରଦର୍ଶନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, ପ୍ୟାରେଡର ଶ୍ରେଷ୍ଠ ଦଳ ଓ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବ୍ୟକ୍ତି ବିଶେଷଙ୍କୁ ମୁଖ୍ୟ ଅତିଥି ପୁରସ୍କୃତ କରିବେ। ଉକ୍ତ ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ କୈଳାସ ଚ଼ନ୍ଦ୍ର ସେଠୀ, ଯାଜପୁର ଟାଉନ ଥାନା ଆଇଆଇସି ଶରତ ଚ଼ନ୍ଦ୍ର ପାତ୍ର, ଜିଲା ସଂସ୍କୃତି ଅଧିକାରୀ ସୋନାଲି ବେହେରା ପ୍ରମୁଖ ଆଲୋଚ଼ନାରେ ଅଂଶ ଗ୍ରହଣ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ନବକ୍ରିଷ୍ଣ ଜେନା ଓ ଜିଲର ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ,ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ପୁଷ୍ପଲତା ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ମଧୁସୂଦନପୁର ସରପଞ୍ଚଙ୍କ ନାମରେ ଅନସ୍ଥା ପ୍ରସ୍ତାବ

ଜଗତ୍‌ସିଂହପୁର, ୮।୧ (ପ୍ରମୋଦ କୁମାର ନାୟକ)

**ସବୁ ପରିସ୍ଥିତି ପାଇଁ ପ୍ରସ୍ତୁତ, ବିସ୍ଫୋରକ ବୟାନ ଦେଲେ ଦୀପ୍ତିମୟୀ**

ଜଗତ୍‌ସିଂହପୁର ବ୍ଲକ ଅନ୍ତର୍ଗତ ମଧୁସୂଦନପୁର ପଞ୍ଚାୟତ ରାଜନୀତି ଦିନକୁଦିନ ଭିନ୍ନ ମୋଡ଼ ନେବାରେ ଲାଗିଛି। ଏହି ପଞ୍ଚାୟତ ସରପଞ୍ଚ ଦୀପ୍ତିମୟୀ ନାଥଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଆସିଛି। ଏକାଧିକ ୱାର୍ଡ ସଭ୍ୟଙ୍କ ଦସ୍ତଖତରେ ଦରଖାସ୍ତ ଆସିଥିବା ଜଗତ୍‌ସିଂହପୁର ଉପଜିଲାପାଳ ପ୍ରଶାନ୍ତ କୁମାର ତରାଇ ସ୍ୱୀକାର କରିଛନ୍ତି। ତେବେ ଏହା ଉପରେ ସରପଞ୍ଚ ନାଥ କିନ୍ତୁ ବିସ୍ଫୋରକ ବୟାନ ଦେଇଛନ୍ତି। ସେ କହିଛନ୍ତି, ତାଙ୍କ ବିରୋଧରେ ହେଉଥିବା ଷଡ଼ଯନ୍ତ୍ର ବିଫଳ ହେବ। ତାଙ୍କ ବିରୋଧରେ ଯଦି ଅନାସ୍ଥା ପ୍ରସ୍ତାବ ଆସିଥାଏ ତେବେ ସେ ଏହାକୁ ସ୍ୱାଗତ କରୁଛନ୍ତି। ଯେକୌଣସି ପ୍ରକାର ପରିସ୍ଥିତିକୁ ସାମ୍ନା କରିବାକୁ ସେ ପ୍ରସ୍ତୁତ ବୋଲି ଦମ୍ଭର ସହ କହିଛନ୍ତି। କେବଳ ଏତିକି ନୁହେଁ, ଠିକଣା ସମୟରେ ଷଡ଼ଯନ୍ତ୍ରକାରୀଙ୍କ ଅସଲ ମୁଖା ଖୋଲି ଦେବେ ବୋଲି ଚ୍ୟାଲେଞ୍ଜ କରିଛନ୍ତି। ଯାହାକୁ ନେଇ କେବଳ ପଞ୍ଚାୟତ ନୁହେଁ, ଜଗତ୍‌ସିଂହପୁର ବ୍ଲକରେ ଆଲୋଚନାର ବିଷୟ ହୋଇଛି।

ଏ ସମ୍ପର୍କରେ ନାଥ କହିଛନ୍ତି, ପଞ୍ଚାୟତର ଜଣେ ଷଡ଼ଯନ୍ତ୍ରକାରୀ ଦୀର୍ଘ ୨୫ ବର୍ଷ ହେବ ଯିଏ ସରପଞ୍ଚ ହେଉଥିଲେ ତାଙ୍କୁ ମୋହରା କରି ଲୁଟୁଥିଲେ। କିନ୍ତୁ ସେ ମୋହରା ହୋଇପାରିବେ ନାହିଁ। ପଞ୍ଚାୟତର କେହି କାହାରିକୁ ଲାଞ୍ଚ ନ ଦେବାକୁ ସେ ପରାମର୍ଶ ଦେଇଛନ୍ତି। ଲାଞ୍ଚ ଓ ଦୁର୍ନୀତି ବିରୋଧରେ ଡାକବାଜି ଯନ୍ତ୍ର ସାହାର୍ଯ୍ୟରେ ସେ ପଞ୍ଚାୟତବାସୀଙ୍କୁ ସଚେତନ କରିଛନ୍ତି। ଏହି କାରଣରୁ ସମ୍ପୃକ୍ତ ବ୍ୟକ୍ତି କେତେଜଣ ୱାର୍ଡ ସଭ୍ୟଙ୍କୁ ଧରି ତାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିଥାଇପାରନ୍ତି। କିଛିଦିନ ପୂର୍ବେ ଏଭଳି ଯୋଜନା କରିଥିବା ସୂଚନା ମିଳିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ନୀରବ ରହିଥିଲେ। ବୁଧବାର ତାଙ୍କ ସ୍ୱାମୀ ଅଶୋକ ଜଗତ୍‌ସିଂହପୁର ବ୍ଲକର କେତେଜଣ ଲୋକ ପ୍ରତିନିଧିଙ୍କ ସହ ମିଶି ନାରାୟଣୀ ଓ ଭଗବତୀ ପୀଠ ଆଦି ସ୍ଥାନକୁ ପିକନିକ୍‌ରେ ଯାଇଥିଲେ। ଏହାର ସୁଯୋଗରେ ବିରୋଧୀ ଗାଁ ହନୁମାନ ମନ୍ଦିର ନିକଟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନେତୃତ୍ୱରେ ତାଙ୍କ ବିରୋଧରେ ବୈଠକ କରିଥିବା ଶୁଣିବାକୁ ପାଇଛନ୍ତି। ହେଲେ ଏଥିରେ ସେ ଆଦୌ ବିଚଳିତ ନୁହନ୍ତି। କାରଣ ତାଙ୍କ ବିରୋଧରେ ଥିବା ଜଣେ ୱାର୍ଡ ସଭ୍ୟଙ୍କ ୩ଟି ସନ୍ତାନ। ତାଙ୍କ ୱାର୍ଡ ସଭ୍ୟ କଟିଯିବା ଯଥେଷ୍ଟ ସମ୍ଭାବନା ଅଛି। ଏ ନେଇ ସେ ଉଚ୍ଚ ନ୍ୟାୟାଳୟରେ ମାମଲା ବିଚାରାଧୀନ ଅଛି। ଅନ୍ୟ ୨ରୁ ୩ ଜଣ ଲଗାତର ୩ଟି ବୈଠକରେ ଅନୁପସ୍ଥିତ ଅଛନ୍ତି। ଯାହାକି ଗ୍ରହଣୀୟ ନୁହେଁ। ତେଣୁ ସେମାନଙ୍କ ବିଷୟରେ ଗୁରୁବାର ସେ ଜିଲାପାଳ ଓ ଜଗତ୍‌ସିଂହପୁର ବିଡିଓଙ୍କ ନିକଟରେ ଅଭିଯୋଗ କରିବେ। ଏହି ୩ ଜଣଙ୍କ ସଭ୍ୟ ପଦ ରଦ୍ଦ ହୋଇଯିବା ସମ୍ଭାବନା ଅଛି। ଅନାସ୍ଥା ପାଇଁ ଦୁଇ ତୃତୀୟାଂଶ ୱାର୍ଡ ସଭ୍ୟଙ୍କ ସମର୍ଥନ ଦରକାର। ପଞ୍ଚାୟତରେ ମୋଟ ୧୪ ୱାର୍ଡ ସଭ୍ୟ ଥିବାବେଳେ ଅନାସ୍ଥା ପାଇଁ ୧୦ ଜଣଙ୍କ ସମର୍ଥନ ଦରକାର। କିନ୍ତୁ ତାଙ୍କ ସପକ୍ଷରେ ୫ ଜଣ ଏ ପର୍ଯ୍ୟନ୍ତ ଅଛନ୍ତି। ଯେଉଁ କାରଣରୁ ଅନାସ୍ଥା ପ୍ରସ୍ତାବ ଉପରେ ସେ ଆଦୌ ବିଚଳିତ ନୁହନ୍ତି। ଆଗକୁ ଦେଖିବାର ଅଛି କେଉଁ ପାଣି କୁଆଡେ ଯାଉଛି। ସୂଚନାଯୋଗ୍ୟ, ଏହି ପଞ୍ଚାୟତ ସରପଞ୍ଚ ଅତୀତରେ ବିଜେଡି ସମର୍ଥିତ ଥିଲେ। ନିକଟରେ ଭାଜପା ସମର୍ଥନରେ ଥିବା ଚର୍ଚ୍ଚା ଚାଲିଛି। ଷଡ଼ଯନ୍ତ୍ରକାରୀଙ୍କ ସାନ ଭାଇ ମିଥ୍ୟା ସାର୍ଟିଫିକେଟ୍ ବଳରେ ସରକାରୀ କାର୍ଯ୍ୟାଳୟରେ ଚାକିରି କରିଥିବା ପ୍ରସଙ୍ଗ ମଧ୍ୟ ରାଜନୈତିକ ପରିବେଶକୁ ସରଗରମ କରିଛି।

## ଇଜତମା ପାଇଁ ପ୍ରସ୍ତୁତି ବୈଠକ

ବାଲିଚନ୍ଦ୍ରପୁର,୮।୧(ଗିରିଜା ପ୍ରସାଦ ସାହୁ):

ବଡ଼ଚଣା ବ୍ଲକ ବିକ୍ରମତିରଣ ପଞ୍ଚାୟତ ଅନ୍ତର୍ଗତ କଟିକଟାଠାରେ ଆସନ୍ତା ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ତବ୍‌ଲିକ୍ ଇଜତମା ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆୟୋଜକ କମିଟିର ମୁଖ୍ୟ ମହମ୍ମଦ ଅଫସର ଅଲ୍ଲି, ଲାଇକ୍ ମହମ୍ମଦ, ଲ୍ୟାକତ୍ ଅଲ୍ଲି ପ୍ରମୁଖ ଇଜତମାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ଉପସ୍ଥିତ ଭଦ୍ରବ୍ୟକ୍ତିମାନେ ପରସ୍ପର ସହଯୋଗରେ ଶାନ୍ତି ଶୃଙ୍ଖଳାରେ ଇଜତମା ଶେଷ କରିବା ପାଇଁ ପରାମର୍ଶ ଦେଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସେକ୍ ଜିଆଉଲ୍ଲ, ରଞ୍ଜନ କୁମାର ବଳ, ମନ୍ମଥ କେଶରୀ ସାହେବରାୟ, ପୂର୍ବତନ ସରପଞ୍ଚ ଦେବେନ୍ଦ୍ର କୁମାର ସାମଲ, ଉମେଶ ଚନ୍ଦ୍ର ସାମଲ, ବସନ୍ତରାଜ ସାମଲ, ରାଜେନ୍ଦ୍ର ପ୍ରସାଦ ସାମଲ, ଅକ୍ଷୟ କୁମାର ବଳ, ମନୋରଞ୍ଜନ ମଳିକ, ଯଦୁନାଥ ସାମଲ, ପ୍ରଫୁଲ୍ଲ କୁମାର ଦାସ, ପ୍ରତାପ ଚନ୍ଦ୍ର ନାୟକ, ସେକ୍ ଇକ୍‌ବାଲ ହୁସେନ୍, ସୁଲତାନ ସଇଫୁଲ୍ଲା ଖାଁ, ସେକ୍ ଇଦ୍ରିସ, ନିଆଯୁଦ୍ଦିନ୍ ଖାଁ, ମାସଲେଉଦ୍ଦିନ୍ ଖାଁ, ଫିରୋଜ ଅକତାର ଖାଁ, ସାଦ ରସିଦ ଖାଁ, ବିକାଶ ରଞ୍ଜନ ବଳ, ଗଣେଶ୍ୱର ପଣ୍ଡା, ସତ୍ୟଜିତ୍ କାନୁନଗୋ, ନିରଞ୍ଜନ ନାୟକ, ମନୋଜ କୁମାର ବଳ ପ୍ରମୁଖ ଯୋଗଦେଇଥିଲେ।

# ବଡ଼ଚଣା ମହୋତ୍ସବ ଉଦ୍‌ଘାଟିତ


ବଡ଼ଚଣା ମହୋତ୍ସବ ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

ଚଣ୍ଡିଖୋଲ,୮।୧(ପ୍ରଦୀପ୍ତ କୁମାର ପୃଷ୍ଟି) :

ବଡ଼ଚଣା ଅଞ୍ଚଳର କଳା, ସଂସ୍କୃତି, ପରମ୍ପରାକୁ ନେଇ ନବମ ବାର୍ଷିକ ବଡ଼ଚଣା ମହୋତ୍ସବ ବୁଧବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟିର ସଭାନେତ୍ରୀ ମନୋରମା ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବିଧାୟକ ସିଦ୍ଧାନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ମହୋତ୍ସବ ଭାଇଚାରା ସମ୍ପର୍କକୁ ଦୃଢ଼ୀଭୂତ କରିଥାଏ। ଏହାଦ୍ୱାରା ଆମର ସାହିତ୍ୟ, ସଂସ୍କୃତି ଓ ଐତିହ୍ୟକୁ ଆମେ ମନେପକାଇଥାଉ, ଯାହାକି ଭବିଷ୍ୟତ ପିଢ଼ୀପାଇଁ ଶିକ୍ଷଣୀୟ ଅଟେ। ସମ୍ମାନୀତ ଅତିଥିଭାବେ କୋରେଇ ବିଧାୟକ ଆକାଶଦାସ ନାୟକ ଓ ବଡ଼ଚଣା ବିଧାୟକ ଅମର କୁମାର ନାୟକ ଯୋଗଦେଇ ବଡ଼ଚଣାର ଐତିହ୍ୟ ଓ ସଂସ୍କୃତି ବିରଳ ଅଟେ। ଏଠାରେ ସାଧୁସନ୍ଥମାନେ ସାଧନାକରି ସିଦ୍ଧିପ୍ରାପ୍ତ ହୋଇଛନ୍ତି। ସେହିଭଳି ଏଠାକାର ସ୍ୱାଧିନତା ସଂଗ୍ରାମୀମାନେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଇ ଆମର ଟେକ ରଖିଛନ୍ତି।

ପ୍ରାରମ୍ଭରେ ଅତିଥିମାନେ ପ୍ରଭୁ ଲକ୍ଷ୍ମୀନାରାୟଣଙ୍କ ପୂଜାମଣ୍ଡପ ପରିଦର୍ଶନ କରି ଆଶିଷ ଭୀକ୍ଷା ନେଇଥିଲେ। ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବକୁ ଶୁଭାରମ୍ଭ କରିବା ସହିତ ଅତିଥିମାନଙ୍କୁ କମିଟି ତରଫରୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ବଡ଼ଚଣା ସଂଗୀତ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରାରମ୍ଭିକ ସଂଗୀତ ପରିବେଷଣ କରାଯାଇଥିଲା। ମହୋତ୍ସବ କମିଟିର ଅନ୍ୟତମ ସଭ୍ୟ ବଳରାମ ରଣା ସ୍ୱାଗତ ଭାଷଣ ଓ ଅତିଥିପରିଚୟ ପ୍ରଦାନ କରିଥିଲାବେଳ କମିଟିର ସମ୍ପାଦକ ଦିଲ୍ଲୀପ କୁମାର ଚୌଧୁରୀ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ପ୍ରଭାସିନୀ ମହାନ୍ତି ମଞ୍ଚ ସଞ୍ଚାଳନା କରିଥିଲେ। କମିଟିର ଉପସଭାପତି ନୃସିଂହ ନାରାୟଣ ଓତା, ସଭ୍ୟ ରବିନ୍ଦ୍ର କୁମାର ପ୍ରଧାନ, ଲିପୁନା ସାମଲ ପ୍ରମୁଖ ସଭାକାର୍ଯ୍ୟରେ ସହଯୋଗ କରିଥିଲେ।

# ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କରେ ଅଚଳାବସ୍ଥା

ନୟାଗଡ଼,୮।୧(ଲୋକନାଥ ମିଶ୍ର)

ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କ ସମ୍ପାଦକ ଓ ବ୍ୟାଙ୍କର ପରିଚାଳନା ପରିଷଦର କର୍ମକର୍ତ୍ତାଙ୍କ ମଧ୍ୟରେ ଚାଲିଥିବା ବିବାଦ ବିସ୍ଫୋରକ ରୁପ ନେବା ପରେ ଅଚଳାବସ୍ଥା ସୃଷ୍ଟି ହୋଇଛି। ଏଭଳିସ୍ଥଳେ ସମ୍ପାଦକ ଅଜୟ ପଟ୍ଟନାୟକଙ୍କୁ ବ୍ୟାଙ୍କ ପରିଚାଳନା ପରିଷଦ ନିଲମ୍ବନ କରିଛି। ସେପଟେ ସମ୍ପାଦକଙ୍କ ଅଭିଯୋଗ କ୍ରମେ ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ ଓ ନିର୍ଦ୍ଦେଶକ ସନ୍ୟାସି ପ୍ରଧାନଙ୍କ ନାମରେ ନୟାଗଡ଼ ଟାଉନ ଥାନାରେ ମାମଲା ରୁଜୁ ହୋଇଛି। ଅନ୍ୟପଟେ ବ୍ୟାଙ୍କର ମହିଳା କର୍ମଚାରୀ ସସ୍ମିତା ଦାସଙ୍କୁ ପରିଚାଳନା ପରିଷଦ ପକ୍ଷରୁ ନିର୍ଯାତନା ଦେବା ପରି ଅଭିଯୋଗ ଉଠିବା ପରେ ଅଲ ଓଡ଼ିଶା କୋପରେଟିଭ ବ୍ୟାଙ୍କ ଏମ୍ପ୍ଲୋଇଜ ଫେଡେରେଶନ ଓ ନୟାଗଡ଼ ଡିଷ୍ଟ୍ରିକସେଣ୍ଟରାଲ କେପରେଟିଭ ବ୍ୟାଙ୍କ ଲିମିଟେଡର ୱାର୍କର ୟୁନିୟନ ପକ୍ଷରୁ ସମବାୟ ଓ ବୟନ ଶିଳ୍ପ ମନ୍ତ୍ରୀ, ସମବାୟ ବିଭାଗର କମିଶନର କମ୍ ସେକ୍ରେଟାରୀ, ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ, ରାଜ୍ୟ ମାନବିକ ଅଧିକାର, ରାଜ୍ୟ କୋପରେଟିଭ ସୋସାଇଟର ରେଜିଷ୍ଟ୍ରାର, ଓଏସସିବିର ମ୍ୟାନଜିଙ୍ଗ ଡାଇରେକ୍ଟର, ନୟାଗଡ଼ ଜିଲାପାଳଙ୍କ ନିକଟରେ ଫେରାଦ୍ ହୋଇଛନ୍ତି।

ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଅଭିଯୋଗ ଅନୁସାରେ ନୟାଗଡ କେନ୍ଦ୍ର ସମବାୟ ବ୍ୟାଙ୍କର ପରିଚାଳନା ପରିଷଦର କାର୍ଯ୍ୟକଳାପ ଦିନକୁ ଦିନ ଅସହ୍ୟ ହୋଇ ପଡୁଛି। ପରିଚାଳନା ପରିଷଦର ସଭାପତିଙ୍କୁ ଆଗରେ ରଖି ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ମନମୁଖୀ ଦୁର୍ନୀତି କରି ଚାଲିଛନ୍ତି। ଗତ ୬ ତାରିଖରେ ପରିଚାଳନା ପରିଷଦର ସଭାରେ କିଛି ବେନିୟମ କାର୍ଯ୍ୟ କରିବା ପାଇଁ ବ୍ୟାଙ୍କର ଜଣେ ମହିଳା କର୍ମଚାରୀ ସସ୍ମିତା ଦାସଙ୍କୁ ନିର୍ଦ୍ଦେଶକ ବାଧ୍ୟ କରିଥିଲେ। ମହିଳା କର୍ମଚାରୀ ଅସହଯୋଗ କରିବାରୁ ଦୁର୍ବ୍ୟବହାର କରିବା ସହ ମାନସିକ ଯନ୍ତ୍ରଣା ଦେଇଥିଲେ। ନିର୍ଦ୍ଦେଶକଙ୍କ ପ୍ରେସରରେ ମହିଳା କର୍ମଚାରୀ ଅସୁସ୍ଥ ହୋଇ ମେଡିକାଲରେ ଭର୍ତ୍ତି ହୋଇଥିଲେ। ଅନ୍ୟପକ୍ଷେ ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ ବ୍ୟାଙ୍କ କର୍ମଚାରୀମାନଙ୍କୁ ବିଭିନ୍ନ ସମୟରେ ଧମକଚମକ ଦେଇ ବିଭିନ୍ନ ଅନିୟମିତତା କାମ କରାଇବାକୁ ବାଧ୍ୟ କରୁଛନ୍ତି। ବ୍ୟାଙ୍କ ସମ୍ପାଦକ ପରିଚାଳନା ପରିଷଦର ଦୁର୍ନୀତି ପଦାରେ ପକାଇବା ପରେ ତାଙ୍କୁ କାର୍ଯ୍ୟରୁ ଅବ୍ୟାହତି ଦିଆଯାଇଛି। ଏଣୁ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ଏନେଇ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କ ଓ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ନିର୍ଦ୍ଦେଶକ ସନ୍ୟାସୀ ପ୍ରଧାନ କୁହନ୍ତି, ଗତ ୬ ତାରିଖରେ ନୟାଗଡ଼ କେନ୍ଦ୍ର ସମବାୟ ବ୍ୟାଙ୍କର ବୈଠକ ବସିଥିଲା। ସମ୍ପାଦକ

- ପରିଚାଳନା ପରିଷଦ ଓ ବ୍ୟାଙ୍କ ସମ୍ପାଦକ ବିବାଦ ଘନେଇଲା
- ସମ୍ପାଦକଙ୍କ ନିଲମ୍ବନ ପରେ ବ୍ୟାଙ୍କ ସଭାପତି ଓ ନିର୍ଦ୍ଦେଶକଙ୍କ ନାଁରେ ମାମଲା
- ମହିଳା କର୍ମଚାରୀ ଆହତ ଘଟଣାରେ ମୁଖ୍ୟମନ୍ତ୍ରୀଙ୍କୁ ଫେରାଦ
- ପରିଚାଳନା ପରିଷଦ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ନିବେଦନ

ବୈଠକରେ ଅନୁପସ୍ଥିତ ରହି ସଭା ବହିକୁ ନେଇ ଯାଇଥିଲେ। ସମ୍ପାଦକଙ୍କ ଅନୁପସ୍ଥିତି ଓ ସଭା ବହି ସମ୍ପର୍କରେ ସେକ୍ସନ ଅଫିସର ସସ୍ମିତା ଦାସଙ୍କୁ ପଚାରିବାରୁ ସମ୍ପାଦକ ସଭା ବହି ନେଇ ଯାଇଥିବା କହିଥିଲେ। ସଭା ବସିଥିବାବେଳେ ବୈଠକକୁ ନ ଆସିବା, ସଭା ବହି ନ ଦେବା ଘଟଣା ରେ ବୈଠକରେ ଅସନ୍ତୋଷ ଓ ଉଦ୍‌ବେଗ ପ୍ରକାଶ ପାଇଥିଲା।

ସମ୍ପାଦକ ସଭା ବହି ନେଇଥିବା ନେଇ ଲେଖିକରି ଦେବା ପାଇଁ ମହିଳା କର୍ମଚାରୀଙ୍କୁ କୁହାଯାଇଥିଲା। ସେ ଲେଖିକରି ଦେଇଥିଲେ। ତେବେ ଶ୍ୱାସ ରୋଗ ଓ ବିପି ବଢ଼ିଯିବା ଯୋଗୁ ମହିଳା କର୍ମଚାରୀ ଅସୁସ୍ଥ ହୋଇଥିଲେ। ମହିଳା କର୍ମଚାରୀଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ମୁଁ ଓ ସଭାର କୌଣସି ଲୋକ ପ୍ରତିନିଧି ବ୍ୟବହାର ଖରାପ ଦେଖାଇ ନାହାନ୍ତି। ଅନ୍ୟପକ୍ଷେ ସମ୍ପାଦକଙ୍କୁ ପରିଚାଳନା ପରିଷଦ ନିଲମ୍ବନ କରିଛି। ସେହିପରି ବ୍ୟାଙ୍କରେ ୧୫୭ କୋଟି ଦୁର୍ନୀତି ହୋଇଛି। ଆମେ ରେଜିଷ୍ଟ୍ରର, କମିଶନର, ଜିଲାପାଳଙ୍କୁ ବ୍ୟାଙ୍କର ଅସୁବିଧା, ସମସ୍ୟା ନେଇ ଜଣାଇଛୁ। ବ୍ୟାଙ୍କରେ ସିସିଟିଭି କ୍ୟାମେରା ଅଛି। ଯାହାର ତଦନ୍ତ କରାଗଲେ ସତ୍ୟ ପଦାକୁ ଆସିବ। ଆମେ ୬୫ ତଦନ୍ତ ଓ ବ୍ୟାଙ୍କର ସ୍ପେଶାଲ ଅଡିଟ୍ ପାଇଁ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିବୁ ବୋଲି କହିଛନ୍ତି। ପୁଣି ବିଭାଗୀୟ ଅଧିକାରୀ ପ୍ରଶାସନିକ ଅଧିକାରୀଙ୍କୁ ଭେଟି ସତ୍ୟ ପଦାକୁ ଆସୁ ବୋଲି ଉଦ୍ୟମ ଆରମ୍ଭ କରିଛୁ। ନିଲମ୍ବନ ହୋଇଥିବା ସମ୍ପାଦକ ଅଜୟ ପଟ୍ଟନାୟକ କୁହନ୍ତି,ବ୍ୟାଙ୍କରେ ଦୁର୍ନୀତି ଜଣାପଡିବା ପରେ ମୁଁ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲି। ଏହା ଜଣା ପଡିବା ପରେ ପରିଚାଳନା ପରିଷଦ ପକ୍ଷରୁ ଅକ୍ରୋଶମୂଳକ ଭାବେ ମୋତେ ଗତ ଡିସେମ୍ବର ୩୧ ତାରିଖରେ ରିଲିଭ କରାଯାଇଥିଲା। ଏନେଇ ମୁଁ ୨ ତାରଖରେ ଅତିରିକ୍ତ ଏଆରସିଏସ କୋର୍ଟରୁ ସ୍ଥଗିତାଦେଶ ଆଣିଥିଲି।

ଅପରପକ୍ଷେ ଗତ ୩ ତାରିଖରେ ୩ଜଣିଆ ଏଆରସିଏସ୍ କମିଟି ଦିନ ତମାମ ବ୍ୟାଙ୍କରେ ତଦନ୍ତ କରିଥିଲେ। ତଦନ୍ତ ରିପୋର୍ଟ ଶୀଘ୍ର ବାହାରିବ। ବ୍ୟାଙ୍କରେ ତଦନ୍ତ ପରେ କୋର୍ଟର ସ୍ଥଗିତାଦେଶ ଥାଇବି ୬ ତାରିଖରେ ମୋତେ ନିଲମ୍ବନ କରାଯାଇଛି। ବ୍ୟାଙ୍କ ସମ୍ପାଦକଙ୍କୁ ନିଲମ୍ବନ କରିବାର କ୍ଷମତା ପରିଚାଳନା ପରିଷଦର ନଥିଲେ ମଧ୍ୟ ନିଲମ୍ବନ କରାଯାଇଛି। ଅନ୍ୟପକ୍ଷେ ପ୍ରୋସଡିଂ ଖାତା ବ୍ୟାଙ୍କରେ ଥାଇ ମୋତେ ଓ ବ୍ୟାଙ୍କର ଜଣେ ମହିଳା କର୍ମଚାରୀଙ୍କୁ ହଇରାଣ ହରକତ କରାଯାଇଛି। ସେହିପରି ପରିଚାଳନା ପରିଷଦ ପକ୍ଷରୁ ବ୍ୟାଙ୍କ ଭିତରେ କାମ କରିବାର ସୁଯୋଗ ଦିଆଗଲାନି। ଶେଷରେ ଥାନାରେ ଅଭିଯୋଗ କରିଛି ଓ ଘଟଣା ସମ୍ପର୍କରେ ଓଡିଶା ରାଜ୍ୟ ସମବାୟ ବ୍ୟାଙ୍କଙ୍କୁ ଅବଗତ କରାଇଛି। ବ୍ୟାଙ୍କ ସଭାପତି ରବୀନ୍ଦ୍ର କୁମାର ସାହୁ କୁହନ୍ତି,ବ୍ୟାଙ୍କରେ ସରକାରୀ ଅଧିକାରୀ ଓ କର୍ମଚାରୀ ଘୋଟାଲା କରି ପରିଚାଳନା ପରିଷଦକୁ ଫସେଇବାକୁ ଉଦ୍ୟମ କରାଯିବା ପରେ ବିବାଦ ଘନେଇଛି। ପରିଚାଳନା ପରିଷଦକୁ ଅଣଦେଖା ଓ ଅସହଯୋଗ କରିବା ପରେ ସମ୍ପାଦକଙ୍କୁ ନିଲମ୍ବନ କରାଯାଇଛି। ନିଲମ୍ବନ ପରେ ପୁଣି ଗତ ୭ତାରିଖରେ ବ୍ୟାଙ୍କକୁ ଆସିଥିଲେ। ହେଲେ ତାଙ୍କୁ କିଛି ଖରାପ ବ୍ୟବହାର ନଦେଖାଇ ଆଇନ ଅନୁସାରେ କାମ କରିବାକୁ କୁହାଯାଇଥିଲା। ବ୍ୟାଙ୍କର ସମ୍ପାଦକ ହୋଇ ପରିଚାଳନା ପରିଷଦକୁ ଅସହଯୋଗ କରିବା ପରେ ବିବାଦ ଘନେଇଛି ବୋଲି କହିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ପ୍ରଶାନ୍ତ


@ ରାଜା


@ ଦୀପ୍ତି


@ ଶାଶ୍ୱତୀ


@ ଶଶିକାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ନୟାଗଡ଼/ଭାପୁର,୮।୧(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଭାପୁରଠାରୁ କଳାପଥର ବାଇପାସ୍ ରାସ୍ତା ମରିଚିଆଠାରେ ବିଳମ୍ବିତ ରାତିରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଗୋଲାପୋଖରୀ ଗ୍ରାମର ମଳୟ ରଞ୍ଜନ ମଳିକଙ୍କ ମୃତ୍ୟୁ ହୋଇଛି । ମଳୟ ଭୁବନେଶ୍ୱରରେ ଟ୍ୟାକ୍ସି ଚଳାନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଘରକୁ ଫୋନ କରି ଆସିବେ ବୋଲି କହିଥିଲେ। ରାତିରେ ବାଇକ୍ ଯୋଗେ ନିଜ ଗାଁକୁ ଆସୁଥିଲେ ।

ଭାପୁର ବାଇପାସ୍ ରାସ୍ତା ମରିଚିକାଠାରେ ଏକ ଗଛରେ ତାଙ୍କ ବାଇକ୍ ପିଟି ହୋଇ ରାସ୍ତା ତଳ ବିଲରେ ଛିଟିକି ପଡ଼ିଥିଲେ । ସ୍ଥାନୀୟ ଯୁବକ ମାନେ ଉଦ୍ଧାର କରି ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ମୃତ୍ୟୁ ଘୋଷଣା କରିଥିଲେ। ଭାପୁର ବିଟ୍ ହାଉସ ଅଧିକାରୀ ସଞ୍ଜୟ କୁମାର ପରିଡ଼ା ଓ ପୋଲିସ କର୍ମଚାରୀ ପହଞ୍ଚି ବାଇକ୍ ଓ ମୃତଦେହ ଜବତ କରିଥିଲେ। ବୁଧବାର ଖଣ୍ଡପଡ଼ାରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଚି। ଶୋକାକୁଳ ପରିବେଶରେ ଗୋଲାପୋଖରୀ ଶ୍ମଶାନରେ ମୃତଦେହ ସତ୍କାର କରାଯାଇଛି। ମୃତ ମଳୟଙ୍କର ଗୋଟିଏ ୮ବର୍ଷର ଝିଅ ଓ ୫ ବର୍ଷର ପୁଅ ଅଛନ୍ତି।

# ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ଉଦ୍‌ଘାଟିତ



ଡାକ ଟିକେଟ ପ୍ରଦର୍ଶନ କରି ଅତିଥିମାନେ ଜିଲାସ୍ତରୀୟ ଉତ୍ସବକୁ ଉଦ୍‌ଘାଟନ କରୁଛନ୍ତି।

ନୟାଗଡ଼,୮।୧(ଲୋକନାଥ ମିଶ୍ର)

- ଦେଶ ବିଦେଶର ୮ହଜାର ଡାକ ଟିକେଟ ପ୍ରଦର୍ଶିତ
- ପ୍ରଥମରେ ନୟାଗଡ଼ ରାଜାଙ୍କ ଡାକଟିକେଟର କ୍ୟାନ୍ସଲେଶନ

ଭାରତୀୟ ଡାକ ବିଭାଗର ନୟାଗଡ଼ ଡାକ ମଣ୍ଡଳ ପକ୍ଷରୁ ପ୍ରଥମ ଜିଲାସ୍ତରୀୟ ଡାକ ଟିକେଟ ପ୍ରଦର୍ଶନୀ ନୟାଗଡ଼ ସ୍ୱୟଂ ଶାଷିତ ମହାବିଦ୍ୟାଳୟର ଡାଇମଣ୍ଡ ଜୁବୁଲି ଅଡିଟୋରିୟମ ପରିସରରେ ବୁଧବାର ଉଦ୍‌ଘାଟିତ ହୋଇଛି। ପ୍ରଦର୍ଶନୀରେ ୧୬୦ଟି ଫ୍ରେମରେ ଭାରତର ବିଭିନ୍ନ ରାଜ୍ୟ, ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ୮ ହଜାର ଡାକଟିକେଟ, ଡାକ ଉପକରଣ ସ୍ଥାନ ପାଇଛି। ଏଥିରେ ପ୍ରଥମ ଫ୍ରେମରେ ନୟାଗଡ଼ ରାଜାଙ୍କ ଡାକଟିକେଟର କ୍ୟାନ୍ସଲେଶନ ପ୍ରକାଶ ପାଇଛି। ମୁଖ୍ୟ ଅତିଥି ରୁପେ ଡାକ ବିଭାଗର ମୁଖ୍ୟାଳୟ ନିର୍ଦ୍ଦେଶକ ଅମିତ୍ କୁମାର ଝା ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଫିଲାଟେଲଇଷ୍ଟ ଅନିଲ କୁମାର ଧିର, ଅଜୟ କୁମାର ବାରିକ, ନୟାଗଡ ଡାକ ମଣ୍ଡଳର ଅଧୀକ୍ଷକ ଖଗେଶ୍ୱର ମଲିକ ଯୋଗ ଦେଇଥିଲେ। ଅନ୍ୟପକ୍ଷେ ୮୦୦ ରୁ ଉର୍ଦ୍ଧ୍ୱ ସ୍କୁଲ ଛାତ୍ରୀଛାତ୍ର ଯୋଗ ଦେଇ ପରିଦର୍ଶନ କରିଥିଲେ। ଏହି ଅବସରରେ ଡାକ ବିଭାଗ ପକ୍ଷରୁ ସାଧାରଣ ଜ୍ଞାନ, ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ଜୁନିୟର ଓ ସିନିୟର ବର୍ଗର ୬୦୦ ଓ ନିମନ୍ତ୍ରିତ ବର୍ଗରେ ୧୬ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ପ୍ରଦର୍ଶନୀରେ ଓଡ଼ିଶାର ଆରାଧ୍ୟ ଦେବତା ଶ୍ରୀଜଗନ୍ନାଥ ଓ ଗୀତ ଗୋବିନ୍ଦର ଡାକଟିକେଟ ସ୍ଥାନ ପାଇଛି। ସେହିପରି ଭାରତୀୟ ଶିକ୍ଷା, ଭାରତୀୟ ମହିଳା, ମହାତ୍ମା ଗାନ୍ଧୀ, ପ୍ରାକୃତିକ ପରିବେଶରେ ଛାତ୍ରୀଛାତ୍ରଙ୍କ ପାଠପଢ଼ା, ହିମାଳୟର ପକ୍ଷୀଙ୍କ ଡାକଟିକେଟ ସ୍ଥାନ ପାଇଛି। ଓଡ଼ିଆ ଭାଷା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ, ସ୍ୱର୍ଗତ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମ, ଆୟାରଲ୍ୟାଣ୍ଡ ଦୀପ ଓ ମହାଦୀପର ଡାକଟିକେଟ ସମେତ ଦେଶ ବିଦେଶର ସ୍ୱାଧୀନତା ପୂର୍ବ ଓ ପରର ଡାକଟିକେଟ ଦେଖିବାକୁ ମିଳିଛି। ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ଡାକମଣ୍ଡଳ ସହ ଅଧୀକ୍ଷକ ସପନ କୁମାର ପାଣିଗ୍ରାହୀ, ନୟାଗଡ଼ ଡାକଘରର ପୋଷ୍ଟ ମାଷ୍ଟର ପ୍ରମୋଦ କୁମାର ସେଠୀ,ଡାକଟିକେଟ ସଂଗ୍ରାହକ ଅଜିତ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ପ୍ରଦର୍ଶନୀ ଉଦ୍‌ଯାପିତ ହେବ।

# ମାଘମେଳା ମହୋତ୍ସବ ପାଇଁ ନୂତନ କମିଟି ଗଠିତ

ଖଣ୍ଡପଡ଼ା,୮।୧ (ଅଜୟ କୁମାର ମହାରଣା)

ଜଗନ୍ନାଥ ସଂସ୍କୃତିର ଆଦି ପୀଠ କଂଟିଲୋର ଶ୍ରୀ ନୀଳମାଧବ ଜୀଉଙ୍କ ପବିତ୍ର ଭୈମୀ ଏକାଦଶୀ ତଥା ମାଘମେଳା ଆସନ୍ତା ଫେବୃୟାରୀ ମାସ ୮ ତାରିଖରୁ ଆରମ୍ଭ ହେବ। ଏ ଅବସରରେ ପୂର୍ବ ବର୍ଷ ପରି ଚଳିତ ବର୍ଷ ମାଘମେଳା ମହୋତ୍ସବ- ୨୦୨୫ ଅନୁଷ୍ଠିତ ହେବାର ନିଷ୍ପତ୍ତି ନିଆଯାଇଛି। ଚଳିତ ବର୍ଷ ଏହି ମହୋତ୍ସବକୁ ମାଘ ଦ୍ୱାଦଶୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ୪ ଦିନ ବ୍ୟାପୀ ଅନୁଷ୍ଠିତ ହେବ ବୋଲି ପ୍ରସ୍ତାବ ଗୃହିତ ହୋଇଛି। ଏହିଅବସରରେ ପୂର୍ବବର୍ଷର ମାଘ

ମଳା ମହୋତ୍ସବ କମିଟିର କାର୍ଯ୍ୟକାରୀ ସଭାପତି ପ୍ରଭାକର ଶିରୋମଣୀଙ୍କ ଆବାହକତ୍ୱରେ ତଥା ଅଧ୍ୟକ୍ଷତାରେ ମଙ୍ଗଳବାର ଅପରାହ୍ନରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ କଣ୍ଟିଲୋ ପୂର୍ତ୍ତ ବିଭାଗ ଡ଼ାକ ବଙ୍ଗଳାଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନୂତନ କମିଟି ଗଠନ ଅବସରରେ ମହୋତ୍ସବକୁ ସରସ ସୁନ୍ଦର ଓ ଶୃଙ୍ଖଳିତ ଢଙ୍ଗରେ ପରିଚାଳନା କରିବା ପାଇଁ ସର୍ବ ସମ୍ମତି କ୍ରମେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁଙ୍କୁ ମାଘମେଳା ମହୋତ୍ସବ କମିଟିର ଅଧ୍ୟକ୍ଷ ଭାବେ ଚୟନ କରାଯାଇଛି। ଯୁଗ୍ମ କାର୍ଯ୍ୟକାରୀ ସଭାପତି ଭାବେ ପ୍ରଭାକର ଶିରୋମଣୀ ଓ ଶରତ ଚନ୍ଦ୍ର ମହାରଣା, ଯୁଗ୍ମ ସମ୍ପାଦକ ସିଦ୍ଧାର୍ଥ ମହାପାତ୍ର ଓ ଶ୍ରୀପତି ମହାରଣା, ଯୁଗ୍ମ ସାଂସ୍କୃତିକ ସମ୍ପାଦକ ସନ୍ତୋଷ କୁମାର ସାହୁ ଓ ରାଜେଶ କୁମାର ଦାସ ଏବଂ ଯୁଗ୍ମ କୋଷାଧକ୍ଷ ଭାବେ ପ୍ରମୋଦ କୁମାର ଦଳେଇ ଓ ଶୁଭ୍ରାଂଶୁ କୁମାର ମହାରଣା ପ୍ରମୁଖଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଥିଲା। ଉପଦେଷ୍ଟା ଭାବେ ସଚ୍ଚିଦାନନ୍ଦ ଦାଶ, ଅଖିଳ କୁମାର ମହାରଣା, ମେଜର ରାଜ କିଶୋର ସାହୁ, ମାଧବ ଚନ୍ଦ୍ର ସାହୁ, ପ୍ରତାପ ଚନ୍ଦ୍ର ସାହୁ ଓ ଅନନ୍ତମହାପାତ୍ର ପ୍ରମୁଖଙ୍କୁ ଚୟନ କରାଯାଇଥିବା କାର୍ଯ୍ୟକାରୀ ସଭାପତି ଶିରୋମଣୀଙ୍କ ଠାରୁ ପ୍ରକାଶ । ପରିଶେଷରେ ପ୍ରମୋଦ କୁମାର ଦଳେଇ ଧନ୍ୟବାଦ ପ୍ରଦାନ କରିଥିଲେ।

# ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

ଶରଣକୁଳ,୮।୧(ଦୀପକ କର)

ଶରଣକୁଳ ଭିକାରୀପଡାସ୍ଥିତ କେଏସ୍‌ବି ପବ୍ଲିକ ସ୍କୁଲରେ ୩ ଦିନ ଧରି ଚାଲିଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ବୁଧବାର ଉଦଯାପିତ ହୋଇଯାଇଛି। ସୋମବାର ଅନୁଷ୍ଠିତ ଏହି ବାର୍ଷିକ କ୍ରୀଡାର ଉଦଘାଟନୀ ଉତ୍ସବ ଲଡୁବାବା ମନ୍ଦିର ସିଂହଦ୍ୱାରରେ ଅନୁଷ୍ଠିତ ହୋଇଥିଲା। ଶରଣକୁଳ ମହା ବିଦ୍ୟାଳୟର କ୍ରୀଡ଼ା ଅଧ୍ୟାପକ ମନୋରଞ୍ଜନ ଦାଶ, ଶିକ୍ଷବିତ୍ ପ୍ରଶାନ୍ତ କୁମାର ଦାଶ, ଅଧକ୍ଷ ନୀଳମାଧ ତ୍ରିପାଠୀ, ବରିଷ୍ଠ ଶିକ୍ଷାବିତ୍ କିଶୋର ଚନ୍ଦ୍ର କର, ରାଜେନ୍ଦ୍ର କୁମାର ତ୍ରିପାଠୀ ପ୍ରମୁଖ ଅତିଥି ରୁପେ ଯୋଗ ଦେଇଥିଲେ। ସୁନିଲ କୁମାର ବଡ଼ପଣ୍ଡା ଲଡୁବାବା ଅଖଣ୍ଡ ଦୀପରୁ ଅଗ୍ନି ଆଣିବା ପରେ ମୁଖ୍ୟଅତିଥି ଦାଶ ମଶାଲ ପ୍ରଜ୍ୱଳନ କରି କ୍ରୀଡା ଉତ୍ସବକୁ ଉଦଘାଟନ କରିଥିଲେ। ପରେ ଏକ ମଶାଲ ଶୋଭାଯାତ୍ରାରେ ଛାତ୍ରୀଛାତ୍ରମାନେ ବିଦ୍ୟାଳୟର କ୍ରୀଡା ପ୍ରାଙ୍ଗଣରେ ପହଞ୍ଚିଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହଯୋଗ କ୍ରମେ କ୍ରୀଡା ପ୍ରତିଯୋଗିତା ଗୁଡିକ ସୁଚାରୁରୂପେ ପରିଚାଳିତ ହୋଇଥିଲା। ଉଦଯାପନୀ ଦିବସ ଅପରାହ୍ନରେ ବିଦ୍ୟାଳୟର ସଭାପତି ମନୋରଞ୍ଜନ ଦାଶଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଶରଣକୁଳ ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଶ୍ମି ରଞ୍ଜନ ମିଶ୍ର ଏବଂ ମୁଖ୍ୟ ବକ୍ତାଭାବେ ବରିଷ୍ଠ କ୍ରୀଡ଼ାବିତ୍ କିଶୋର ଚନ୍ଦ୍ର ଦାଶ ଯୋଗ ଦେଇଥିଲେ। ପ୍ରଶାନ୍ତ କୁମାର ଦାଶ ସ୍ୱାଗତ ଭାଷଣ ଦେଇଥିବା ବେଳେ ନୀଳମାଧବ ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥଲେ। କୃତିତ୍ୱ ଅର୍ଜନ କରିଥିବା ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଛାତ୍ରଙ୍କୁ ଏହି ଉତ୍ସବରେ ପୁରସ୍କୃତ କରାଯାଇଥିଲା।



ଅତିଥିଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

# ମହୁଲପଡ଼ା ଗ୍ରାମରେ କଙ୍ଗାରୁ କୋର୍ଟ

ନୟାଗଡ/ଭାପୁର,୮।୧(ଲୋକନାଥ ମିଶ୍ର/ଭରତ କୁମାର ବେହେରା)

ନୟାଗଡ଼ ଜିଲା ଫତେଗଡ଼ ଥାନା ଜଗନ୍ନାଥ ପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ମହୁଲପଡ଼ା ଗ୍ରାମରେ ଜାଗା ବାଡିକୁ କେନ୍ଦ୍ର କରି କଙ୍ଗାରୁ କୋର୍ଟ ବସି ଜରିମାନା ପରି ସାଙ୍ଘାତିକ ଅଭିଯୋଗ ଆସିଛି। ପୋଲିସଙ୍କଠାରୁ ନ୍ୟାୟ ନ ପାଇ ପରିବାର ଲୋକ ନୟାଗଡ଼ ଜିଲ୍ଲାପାଳ ଓ ଜିଲାଆରକ୍ଷୀ ଅଧୀକ୍ଷକଙ୍କୁ ଭେଟି ଅଭିଯୋଗପତ୍ର ପ୍ରଦାନ କରିଥିବା ଜଣା ପଡିଛି। ଅଭିଯୋଗ ଅନୁସାରେ ଗ୍ରାମର ମଞ୍ଜୁବାଳା ପ୍ରଧାନଙ୍କ ପରିବାରକୁ ବାସନ୍ଦ କରାଯାଇଛି। ମଞ୍ଜୁଲତା ନିଜ ପରିବାର ସହ ଦୀର୍ଘ ୩୫ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ବାପା ଘର ମହୁଲପଡ଼ା ଗ୍ରାମରେ ରହି ଆସୁଛନ୍ତି। ବସୁନ୍ଧରା ଯୋଜନାରେ ରାଜ୍ୟ ସରକାର ଯୋଗାଇ ଦେଇଥିବା ୪ ଡିସିମିଲ ଜାଗାରେ ମଞ୍ଜୁଲତା ଏକ ନୂତନ ବାସଗୃହ ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିବା ବେଳେ ବାସଗୃହ ସମ୍ମୁଖସ୍ଥ ସରକାରୀ ଜାଗାରେ ସେ କିଛି ଗଛ ଲଗାଇଥିଲେ। ଗ୍ରାମବାସୀ ପ୍ରଥମେ ସରକାରୀ ଜାଗାରେ


ଭାଙ୍ଗି ଦିଆଯାଇଥିବା ଘର।

ଲଗା ଯାଇଥିବା ଗଛ ଗୁଡ଼ିକୁ କାଟିବାରୁ ମଞ୍ଜୁଲତାଙ୍କ ପରିବାର ବିରୋଧ କର ଯାଇଥିଲା। ଏହାକୁ ନେଇ ଗଣ୍ଡଗୋଳର ସୂତ୍ରପାତ ହୋଇଥିଲା। ମଞ୍ଜୁଲତାଙ୍କ ପରିବାରଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ପାଇଖାନା ଘର ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ପରେ ପରେ ଗ୍ରାମରେ କଙ୍ଗାରୁ କୋର୍ଟ ବସାଇ ମଞ୍ଜୁଙ୍କ ପରିବାରବର୍ଗଙ୍କୁ ଜରିମାନା କର ଯାଇଛି। ଜରିମାନାକୁ ବିରୋଧ ଓ ବାସନ୍ଦକୁ ପ୍ରତିବାଦ ପରେ ବାସନ୍ଦକୁ ଶୀଘ୍ର ଲାଗୁ କରାଯାଇଛି।। ତେବେ ନିର୍ଯାତନାର ଶିକାର ହୋଇ ମଞ୍ଜୁଙ୍କ ପରିବାର ନ୍ୟାୟ ପାଇଁ ପ୍ରଥମେ କାଦୁଆ ଫାଣ୍ଡି ଓ ପରେ ଫତେଗଡ଼ ଥାନାର ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ପୋଲିସ ଅଭିଯୋଗ ପ୍ରତି ଗୁରୁତ୍ୱ ଦେଉ ନ ଥିବା ସେ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧିଙ୍କ ଆଗରେ କହିଛନ୍ତି। ଆହୁରି ମଧ୍ୟ ଗ୍ରାମର କେହି ବ୍ୟକ୍ତି ମଞ୍ଜୁଙ୍କ ପରିବାର ସହ କଥା ହେଲେ କିମ୍ବା ସହଯୋଗର ହାତ ବଢ଼ାଇଲେ ସମ୍ପୃକ୍ତ ବ୍ୟକ୍ତି ଗ୍ରାମକୁ ଜରିମାନା ବାବଦରେ ଆର୍ଥିକ ଜରିମାନା ଦେବା ପାଇଁ କଙ୍ଗାରୁ କୋର୍ଟରେ ନିଷ୍ପତ୍ତି ହୋଇଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି।

# ନିଆଁ ଆଁରେ ଲସ୍‌ଏଞ୍ଜେଲ୍ସ ଜଙ୍ଗଲ

**ଆମେରିକାର ଲସ୍‌ଏଞ୍ଜେଲ୍ସ ଉପକୂଳ ପାସିଫିକ୍ ପାଲିସାଡେସ୍ ଓ ପାସାଡେନା ଜଙ୍ଗଲରେ ଭୟଙ୍କର ନିଆଁ ଲାଗିଛି। ଖୁବ୍ ଜୋର୍‌ରେ ପବନ ବହୁଥିବାରୁ ବନାଗ୍ନି ମାଡ଼ିଚାଲିଛି। ବୁଧବାର ସୁଦ୍ଧା ୩,୦୦୦ରୁ ଊର୍ଦ୍ଧ୍ୱ ଏକର ବିସ୍ତୃତ ଜଙ୍ଗଲ ଧ୍ୱଂସ ହୋଇସାରିଛି। ଜୀବନ ବଞ୍ଚାଇବା ପାଇଁ ୩୦,୦୦୦ରୁ ଅଧିକ ଲୋକ ସୁରକ୍ଷିତ ସ୍ଥାନକୁ ଚାଲିଯାଇଛନ୍ତି। ସ୍ଥିତି ଆହୁରି ଭୟାବହ ହୋଇପାରେ ବୋଲି ନ୍ୟାଶନାଲ ୱେଦର ସର୍ଭିସ୍ ପକ୍ଷରୁ ସତର୍କତା ଜାରି କରାଯାଇଛି।**

ଲସ୍‌ଏଞ୍ଜେଲ୍ସ,୮।୧

ଲସ୍‌ଏଞ୍ଜେଲ୍ସ ଜଙ୍ଗଲରେ ମଙ୍ଗଳବାର ସକାଳଠାରୁ ଲାଗିଥିବା ନିଆଁକୁ ଆୟତ୍ତ କରାଯାଇପାରି ନାହିଁ। ପାସିଫିକ୍ ପାଲିସାଡେସ୍ ଓ ପାସାଡେନା ଆଖପାଖରେ ଏହା ଦ୍ରୁତଗତିରେ ମାଡ଼ି ଚାଲିଛି। ସାଣ୍ଟା ଆନା ପବନର ଗତି ଘଣ୍ଟା ପ୍ରତି ୧୬୦ କି.ମି. ରହିଥିବାରୁ ନିଆଁ ବ୍ୟାପିବାରେ ଲାଗିଛି। ଏପରି କି ମାଲିବୁ ଓ ସାଣ୍ଟା ମୋନିକା ଅଞ୍ଚଳରେ ମଧ୍ୟ ଏହାର ପ୍ରଭାବ ଦେଖିବାକୁ ମିଳିଲାଣି। ଫଳରେ ହଲିଉଡ୍ କଳାକାର ଓ ସେଲିବ୍ରିଟିଙ୍କ ସମେତ ୩୦,୦୦୦ରୁ ଊର୍ଦ୍ଧ୍ୱ ଲୋକ ସମ୍ପୃକ୍ତ ଅଞ୍ଚଳରୁ ସୁରକ୍ଷିତ ସ୍ଥାନକୁ ପଳାୟନ କଲେଣି। ବିସ୍ଥାପିତଙ୍କୁ ଉଦ୍ଧାରକରିବା ପାଇଁ ଅନେକ ଇଭାକ୍ୟୁଏଶନ୍ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ନିଆଁ ଲିଭାଇବା କାର୍ଯ୍ୟରେ ଅଗ୍ନିଶମ ବିଭାଗର ୧,୪୦୦ରୁ ଅଧିକ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ଦ୍ରୁତଗତିରେ ଶୁଷ୍କ ପବନ ବନାଗ୍ନି ବ୍ୟାପିବା ସ୍ଥିତିର ଭୟାବହତାକୁ ବଢ଼ାଇଦେଇଛି।

ଜଙ୍ଗଲ ନିଆଁ ବଢ଼ିବାରେ ଲାଗିଥିବାରୁ ବହୁ ସଂଖ୍ୟକ ଘର, କୋଠା ଜଳିପୋଡ଼ି ପାଉଁଶ ହୋଇଯାଇଛି। ତେବେ ଅଦ୍ୟାବଧି ଏଥିରେ କାହାର ପ୍ରାଣହାନି ନ ଘଟିବା ଏକ ଚମତ୍କାର ବୋଲି ଅଧିକାରୀମାନେ ପ୍ରକାଶ କରିଛନ୍ତି। ବନାଗ୍ନି ଯୋଗୁ ଲସ୍‌ଏଞ୍ଜେଲ୍ସର ୨ ଲକ୍ଷ ୨୦ ହଜାରରୁ ଊର୍ଦ୍ଧ୍ୱ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନର ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଯାଇଛି। ଫଳରେ ଲୋକେ ବହୁ ଅସୁବିଧାରେ ସମୟ ବିତାଇବାକୁ ବାଧ୍ୟ ହୋଇଛନ୍ତି। କାଲିଫର୍ନିଆ ଗଭର୍ନର ଗଭିନ୍ ନ୍ୟୁସୋମ୍ ରାଜ୍ୟରେ ଜରୁରିକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି। ରାଷ୍ଟ୍ରପତି ଜୋ ବାଇଡେନ୍ ବିପନ୍ନମାନଙ୍କୁ ସରକାରୀ ସହାୟତା ଘୋଷଣା କରିଛନ୍ତି। ବାଇଡେନ୍ ଲସ୍ ଏଞ୍ଜେଲ୍ସକୁ ଏୟାର ଫୋର୍ସ ୱାନ୍ ବିମାନରେ ଯିବା ପାଇଁ ଯୋଜନା କରିଥିଲେ। ତେବେ ବନାଗ୍ନିର ଭୟାବହତାକୁ ଦେଖି ସେ ଏଥିରୁ ଓହରିଯାଇଛନ୍ତି। ପ୍ରଭାବିତ ଅଞ୍ଚଳର ବାସିନ୍ଦାମାନଙ୍କୁ ସ୍ଥାନାନ୍ତର ନିର୍ଦ୍ଦେଶର ଅନୁପାଳନ ପାଇଁ ପରାମର୍ଶ ଦିଆଯାଇଛି। ଲୋକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।



**➙୩,୦୦୦ ଏକର ଜଙ୍ଗଲ ଧ୍ୱଂସ**

**➙୩୦,୦୦୦ ଲୋକ ସ୍ଥାନାନ୍ତରିତ**



ବନାଗ୍ନି ଦାଉରୁ ରକ୍ଷା ପାଇବା ପାଇଁ ଜଣେ ମହିଳା ନିଜ ମୁହଁକୁ କପଡ଼ାରେ ଢାଙ୍କିଛନ୍ତି।

## ସଂକ୍ଷେପରେ

### ୨୦ ସୁଦ୍ଧା ପଣବନ୍ଦୀଙ୍କୁ ଛାଡ଼: ହମାସକୁ ଟ୍ରମ୍ପଙ୍କ ମହଲତ

ୱାଶିଂଟନ, ୮।୧



ଆମେରିକାର ନିର୍ବାଚିତ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଗାଜାର ସଶସ୍ତ୍ର ଶାସକ ହମାସକୁ ଏକ ନୂତନ ଚେତାବନୀ ଦେଇଛନ୍ତି। ଟ୍ରମ୍ପ ଏକ ଗଣମାଧ୍ୟମକୁ ସାକ୍ଷାତ୍କାର ଦେଇ କହିଛନ୍ତି, ଆସନ୍ତା ୨୦ରେ ସେ ଶପଥ ନେବା ପୂର୍ବରୁ ଯଦି ହମାସ ଆମେରିକୀୟ ପଣବନ୍ଦୀମାନଙ୍କୁ ମୁକ୍ତ ନ କରେ ତେବେ ହମାସ ପାଇଁ ସ୍ଥିତି ଭୟାବହ ହେବ।

### ଉତ୍ସବରେ ମାତିଲା ହାତୀପଲ: ୨୩ ଆହତ

ମଲପ୍ପୁରମ୍,୮।୧

କେରଳର ମଲପୁରମ ଜିଲ୍ଲା ତିରୁରଠାରେ ଏକ ମସ୍‌ଜିଦ୍‌ରେ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବାବେଳେ ହାତୀ ଆକ୍ରମଣରେ ୨୩ ଜଣ ଆହତ ହୋଇଛନ୍ତି। ମଙ୍ଗଳବାର ବିଳମ୍ବିତ ରାତିରେ ଏହି ଉତ୍ସବ ଚାଲିଥିବା ସମୟରେ ୫ ହାତୀଙ୍କ ଏକ ଦଳ ହଠାତ୍ ହିଂସ୍ର ହୋଇ ସେଠାକୁ ଆସି ଉତ୍ପାତ କରିଥିଲେ। ଏହାର କିଛି ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହାତୀମାନେ ଉପସ୍ଥିତ ଲୋକମାନଙ୍କୁ ଶୁଣ୍ଢରେ ଟେକି ଝୁଲାଉଥିବା ସହ ସେମାନଙ୍କୁ ଦୂରକୁ ଫିଙ୍ଗି ଦେଉଥିଲେ। ଘଟଣାସ୍ଥଳରେ ହାତୀ ଉତ୍ପାତ ଯୋଗୁ ଲୋକମାନେ ଏଣେତେଣେ ଦୌଡ଼ିବାକୁ ଲାଗିଥିଲେ। ଫଳରେ ସେଠାରେ ଦଳାଚକଟା ସ୍ଥିତି ସୃଷ୍ଟି ହୋଇଥିଲା। ଆହତମାନଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଥିମଧ୍ୟରୁ ଜଣଙ୍କର ଅବସ୍ଥା ଗୁରୁତର ରହିଛି। ପ୍ରାୟ ୨ ଘଣ୍ଟାର ଅପରେଶନ ପରେ ବନ ବିଭାଗର ଟିମ୍ ଉକ୍ତ ମସ୍‌ଜିଦ୍‌ରୁ ହାତୀମାନଙ୍କୁ ଘଉଡ଼ାଇବାରେ ସଫଳ ହୋଇଥିଲା।

### ଏକକାଳୀନ ନିର୍ବାଚନ: ପ୍ରଶ୍ନ ଉଠାଇଲେ ବିରୋଧୀ

ନୂଆଦିଲ୍ଲୀ, ୮।୧ (ପି.ଟି.)

ଏକ ଦେଶ ଏକ ନିର୍ବାଚନକୁ ନେଇ ରହିଥିବା ୨ଟି ବିଲ୍ ଉପରେ ବିଚାର କରିବା ପାଇଁ ଗଠିତ ସଂସଦୀୟ କମିଟିର ପ୍ରଥମ ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଉଭୟ ଶାସକ ଏବଂ ବିରୋଧୀ ଦଳର ସଦସ୍ୟମାନେ ସେମାନଙ୍କ ବିଚାର କମିଟି ସମ୍ମୁଖରେ ରଖିଥିଲେ। ଶାସକ ଦଳର ସଦସ୍ୟମାନେ 'ଏକ ଦେଶ ଏକ ନିର୍ବାଚନ' ବିଲ୍‌କୁ ସମର୍ଥନ କରିଥିବାବେଳେ ବିରୋଧୀ ଏମ୍‌ପିମାନେ ଏହି ବିଲ୍ ରାଜ୍ୟର ଅଧିକାରଗୁଡ଼ିକୁ ଛଡ଼ାଇ ନେଉଥିବା କହିଛନ୍ତି। ବୈଠକରେ ଆଇନ ମନ୍ତ୍ରଣାଳୟର ଅଧିକାରୀମାନେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱାଧୀନ କମିଟି ଦ୍ୱାରା ପ୍ରସ୍ତୁତ ରିପୋର୍ଟ ସମ୍ପର୍କରେ ସଦସ୍ୟମାନଙ୍କୁ ଜଣାଇଥିଲେ। କମିଟିର ସମସ୍ତ ସଦସ୍ୟଙ୍କୁ ଏକ ବଡ଼ ସୁଟ୍‌କେଶରେ ୧୮ ହଜାରରୁ ଅଧିକ ପୃଷ୍ଠା ଦସ୍ତାବିଜ ହସ୍ତାନ୍ତର କରାଯାଇଥିଲା। ବୈଠକରେ କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ କହିଛନ୍ତି, 'ଏକ ଦେଶ ଏକ ନିର୍ବାଚନ' ଲାଗୁ କରାଗଲେ ଦେଶର କେତେ ଟଙ୍କା ସଞ୍ଚୟ ହେବ ସେନେଇ କେନ୍ଦ୍ର ସରକାର ସ୍ପଷ୍ଟ କରନ୍ତୁ।

### ଭାରତୀୟ ଛାତ୍ରୀଙ୍କୁ କାର୍ ମଡ଼ାଇ ହତ୍ୟା: ପୋଲିସ ବହିଷ୍କୃତ

ଲାସ୍ ଭେଗାସ୍, ୮।୧

୨୦୨୩ ଜାନୁଆରୀରେ ଆମେରିକାର ସିଏଟଲ ସହରରେ ଭାରତୀୟ ଛାତ୍ରୀ ଜାହ୍ନବୀ କାଣ୍ଡୁଲାଙ୍କୁ କାର ମଡ଼ାଇ ସ୍ଥାନୀୟ ପୋଲିସ ଅଧିକାରୀ କେଭିନ ଡେଭ୍ ହତ୍ୟା କରିଥିଲେ। ମଙ୍ଗଳବାର ସିଏଟଲ ପୋଲିସ ବିଭାଗ କେଭିନଙ୍କୁ ଚାକିରିରୁ ବହିଷ୍କାର କରିଛି। ଏନେଇ ସିଏଟଲ ପୋଲିସର ଅନ୍ତରୀଣ ମୁଖ୍ୟ ସୁ ରାହର ସୂଚନା ଦେଇଛନ୍ତି। କେଭିନ ନିୟମ ଉଲ୍ଲଂଘନ କରିଥିବାରୁ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଛି। କେଭିନଙ୍କ ବିପଜ୍ଜନକ ଡ୍ରାଇଭିଂ ଯୋଗୁ ଜଣକ ଜୀବନ ଯିବା ସହ ସିଏଟଲ ପୋଲିସକୁ ବହୁ ମାତ୍ରାରେ ବଦନାମ ହେବାକୁ ପଡ଼ିଥିବା ସେ କହିଛନ୍ତି।

## ମହିଳାଙ୍କ ଶାରୀରିକ ଗଠନ ଉପରେ ମନ୍ତବ୍ୟ ଦେବା ଯୌନ ଉତ୍ପୀଡ଼ନ: ହାଇକୋର୍ଟ

କୋଚି,୮।୧



ଜଣେ ମହିଳାଙ୍କ ଶାରୀରିକ ଗଠନ ଉପରେ ମନ୍ତବ୍ୟ ଦେବା ଯୌନ ଅପରାଧ ସଦୃଶ। ତେଣୁ ଏଭଳି ମନ୍ତବ୍ୟ ପ୍ରଦାନକାରୀ ବ୍ୟକ୍ତିଙ୍କ ବିରୋଧରେ ଯୌନ ଉତ୍ପୀଡ଼ନ ଅପରାଧ ପାଇଁ ଉଦ୍ଦିଷ୍ଟ ଦଣ୍ଡବିଧାନ କରାଯିବ ବୋଲି କେରଳ ହାଇକୋର୍ଟ ରାୟ ଦେଇଛନ୍ତି। ଜଷ୍ଟିସ୍ ଏ. ବଧରୁଦ୍ଦିନଙ୍କ ଖଣ୍ଡପୀଠ କେରଳ ଷ୍ଟେଟ୍ ଇଲେକ୍ଟ୍ରିସିଟି ବୋର୍ଡ (କେଏସ୍‌ଇବି)ର ଜଣେ ପୂର୍ବତନ କର୍ମଚାରୀଙ୍କ ଆବେଦନକୁ ଖାରଜ କରି ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ସମ୍ପୃକ୍ତ କର୍ମଚାରୀ ଜଣକ କେଏସ୍‌ଇବିରେ କାର୍ଯ୍ୟରତ ତାଙ୍କର ଜଣେ ସହକର୍ମୀ ମହିଳା ଆଣିଥିବା ଅଭିଯୋଗକୁ ଖାରଜ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମହିଳାଙ୍କ ଅଭିଯୋଗ ହେଲା, ୨୦୧୩ରୁ ସେହି କର୍ମଚାରୀ ତାଙ୍କ ବିରୋଧରେ ଅଶ୍ଳୀଳ ଭାଷା ପ୍ରୟୋଗ କରିଆସୁଥିଲେ। ୨୦୧୬-୧୭ରୁ ସେ ଆପତ୍ତିଜନକ ମେସେଜ୍ ଓ ଭଏସ୍ କଲ୍ ପଠାଇବାରେ ଲାଗିଥିଲେ। ଏନେଇ କେଏସ୍‌ଇବି ଏବଂ ପୋଲିସ ନିକଟରେ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ ସେ ଏହି ଧାରା ଜାରି ରଖିଥିଲେ। ଶେଷରେ ଅଭିଯୁକ୍ତଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନ (ଆଇପିସି) ଦଫା ୩୫୪ (ଯୌନ ଉତ୍ପୀଡ଼ନ), ୫୦୯ (ମହିଳାଙ୍କ ମର୍ଯ୍ୟାଦାହାନି) ଏବଂ କେରଳ ପୋଲିସ ଆଇନର ଧାରା ୧୨୦ (ଠ) (ଅବାଞ୍ଛିତ କଲ୍, ଚିଠି, ଲେଖା, ମେସେଜ୍ ଜରିଆରେ ହଇରାଣ କରିବା) ବଳରେ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତ ଏହି ମାମଲାକୁ ରଦ୍ଦ କରିବା ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଜଣଙ୍କ ଶରୀର ସୁନ୍ଦର ବୋଲି କହିବା ଆଇପିସି ଏବଂ କେରଳ ପୋଲିସର ଏହି ଦଫା ପରିସରଭୁକ୍ତ ନୁହେଁ ବୋଲି ସେ ନିଜ ଆବେଦନରେ ଉଲ୍ଲେଖ କରିଥିଲେ।

ଅନ୍ୟପକ୍ଷେ ଅଭିଯୁକ୍ତଙ୍କଠାରୁ ଆସିଥିବା କଲ୍ ଓ ମେସେଜ୍‌ଗୁଡ଼ିକ ଯୌନ ଉତ୍ପୀଡ଼ନକାରୀ ଥିଲା। ତାଙ୍କ ମର୍ଯ୍ୟାଦାହାନି ପାଇଁ ସେସବୁ ଉଦ୍ଦିଷ୍ଟ ଥିଲା ବୋଲି ସରକାରୀ ଓକିଲ ଓ ଅଭିଯୋଗକାରୀ ମହିଳା ଯୁକ୍ତି ବାଢ଼ିଥିଲେ। କେରଳ ହାଇକୋର୍ଟ ଏହାକୁ ଗ୍ରହଣ କରିବା ସହ କହିଛନ୍ତି, ମେସେଜ୍‌ରେ ରହିଥିବା ଉପାଦାନ କ୍ଷେତ୍ରରେ ଉପରୋକ୍ତ ଦଫାଗୁଡ଼ିକ ପ୍ରଯୁଜ୍ୟ। ତେଣୁ ତାଙ୍କ ବିରୋଧରେ ମହିଳା ବିରୋଧୀ ଯୌନ ଉତ୍ପୀଡ଼ନ ମାମଲା ଚାଲିବା ଉଚିତ ବୋଲି ଜଷ୍ଟିସ୍ ଏ. ବଧରୁଦ୍ଦିନଙ୍କ ଜଣିକିଆ ଖଣ୍ଡପୀଠ ସୋମବାର ସ୍ପଷ୍ଟ କରିଛନ୍ତି।

## ୨୬ତମ ବିବାହ ବାର୍ଷିକୀ ପାଳି ଆତ୍ମହତ୍ୟା

ନାଗପୁର, ୮।୧

ମହାରାଷ୍ଟ୍ର ନାଗପୁରର ଜରିପଟକା ଥାନା ମାର୍ଟିନ୍ ନଗର ଅଞ୍ଚଳରେ ଏକ ଦମ୍ପତି ନିଜ ୨୬ତମ ବିବାହ ବାର୍ଷିକୀରେ ଆତ୍ମହତ୍ୟା କରିଛନ୍ତି। ଆତ୍ମହତ୍ୟା କରିବାର ଠିକ୍ ପୂର୍ବରୁ ସେମାନେ ବରକନ୍ୟା ବେଶ ହୋଇ ବିବାହ ବାର୍ଷିକୀକୁ ଧୁମ୍‌ଧାମରେ ପାଳନ କରିଥିଲେ ଏବଂ ଉକ୍ତ ଭିଡିଓକୁ ହ୍ୱାଟ୍ସଆପ୍‌ରେ ଷ୍ଟାଟସ୍ ଦେଇ ଆତ୍ମହତ୍ୟା କରିବାର କାରଣ ସମ୍ପର୍କରେ ବି ନିଜ ସ୍ୱପରିଜନଙ୍କୁ ଜଣାଇଥିଲେ।

ବୁଧବାର ସ୍ଥାନୀୟ ଜରିପଟକା ଥାନା ପୋଲିସ ମାର୍ଟିନ୍ ନଗରନିବାସୀ ଜେରିଲ ଡାମ୍‌ସନ ଓସ୍କାର ମନକ୍ରିଫ୍(୫୭) ଏବଂ ତାଙ୍କ ସ୍ତ୍ରୀ ଆନି(୪୬)ଙ୍କର ମୃତଦେହକୁ ସେମାନଙ୍କ ବାସଭବନରୁ ଜବତ କରିଛି। ପୋଲିସର ପ୍ରାରମ୍ଭିକ ତଦନ୍ତ ଅନୁଯାୟୀ, ମଙ୍ଗଳବାର ମଧ୍ୟରାତିରେ ନିଜ ବିବାହ ବାର୍ଷିକୀକୁ ପୁଣିଥରେ ପାଳନ କରିବାକୁ ଏହି ଦମ୍ପତି ବର ଏବଂ କନ୍ୟା ବେଶରେ ସଜ୍ଜିତ ହୋଇଥିଲେ। ଉଭୟ କେକ୍ କାଟିବା ସହ ଧୁମ୍‌ଧାମ୍‌ରେ ବିବାହ ବାର୍ଷିକୀ ପାଳନ କରିଥିଲେ। ଏହାପରେ ସେମାନେ ତାଙ୍କ ପରିଜନ, ବନ୍ଧୁବାନ୍ଧବ ଓ ସମ୍ପର୍କୀୟଙ୍କ ଉଦ୍ଦେଶ୍ୟରେ ଏକ ଭିଡିଓ ପ୍ରସ୍ତୁତକରି ଏହାକୁ ହ୍ୱାଟ୍ସଆପ୍ ଷ୍ଟାଟସରେ ପକାଇଥିଲେ। ଏହି ଭିଡିଓରେ ଉଭୟ ସେମାନଙ୍କ ବନ୍ଧୁବାନ୍ଧବଙ୍କୁ ନିଜ ପିଲାଙ୍କ ଯତ୍ନ ନେବା ପାଇଁ ଅନୁରୋଧ କରିଥିଲେ। ସେହିପରି ସେମାନେ ଯିବା ପରେ ଦୁଃଖ କରିବେ ନାହିଁବୋଲି ଏହି ଦମ୍ପତି ଭିଡିଓ ଜରିଆରେ ଅନୁରୋଧ କରିଥିଲେ। ହ୍ୱାଟ୍ସଆପ୍‌ରେ ଉକ୍ତ ଭିଡିଓ ବୁଧବାର ସକାଳ ୫.୧୭ରେ ଅପ୍‌ଲୋଡ୍ ହୋଇଥିବା ପୋଲିସ କହିଛି। ଏହାପରେ ଜେରିଲ ଓ ଆନି ରଶିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ପ୍ରଥମେ ଆନି ଆତ୍ମହତ୍ୟା କରିଥିଲେ। ଏହାପରେ ଜେରିଲ ତାଙ୍କ ମୃତଦେହରେ ଫୁଲମାଳ ପକାଇ ଆତ୍ମହତ୍ୟା କରିଛନ୍ତି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍)ର ଧାରା ୧୯୪ ଅନୁଯାୟୀ, ପୋଲିସ ନିଜଆଡ଼ୁ ମାମଲା ରୁଜୁକରି ଘଟଣାର ତଦନ୍ତ ଜାରି ରଖିଛି ବୋଲି ସ୍ଥାନୀୟ ଜରିପଟକା ଥାନାର ସିନିୟର ଇନ୍ସପେକ୍ଟର ଅରୁଣ କ୍ଷୀରସାଗର ସୂଚନା ଦେଇଛନ୍ତି। ପ୍ରକାଶ ଯେ, ଜେରିଲ ୪ ବର୍ଷ ତଳେ ଏକ ହୋଟେଲରେ ସେଫ୍ ଭାବେ କାର୍ଯ୍ୟ କରୁଥିଲେ। ତେବେ କରୋନା ସମୟରେ ସେ ଚାକିରି ହରାଇଥିଲେ। ଏହାପରଠାରୁ ସେ ବେରୋଜଗାର ଥିଲେ। ସେହିପରି ଆନି ଜଣେ ଗୃହିଣୀ ଥିଲେ। ଜେରିଲ ଓ ଆନିଙ୍କର କୌଣସି ସନ୍ତାନ ନ ଥିଲେ। ରୋଜଗାର ନ ଥିବା ସହ ନିଃସନ୍ତାନ ଥିବାରୁ ଏହି ଦମ୍ପତି ଅଧିକାଂଶ ସମୟ ଦୁଃଖରେ ରହୁଥିଲେ ବୋଲି ସେମାନଙ୍କ ପଡ଼ୋଶୀ କହିଛନ୍ତି।



ଆନିଙ୍କ ସହ ଜେରିଲ।

## ଫୁର୍‌ସତ୍

### ପଞ୍ଜାବରୁ ଅଯୋଧ୍ୟା ଦୌଡ଼ିଲେ

ଅଯୋଧ୍ୟା

ପଞ୍ଜାବର ଅବୋହର ସହରରେ ରହୁଥିବା ୬ ବର୍ଷୀୟ ବାଳକ ମୋହବତ ଦୌଡ଼ି ଦୌଡ଼ି ପଞ୍ଜାବରୁ ଅଯୋଧ୍ୟା ପର୍ଯ୍ୟନ୍ତ ପ୍ରାୟ ୧୧୦୦ କି.ମି. ଯାତ୍ରା ୧ ମାସ ୨୩ ଦିନ ମଧ୍ୟରେ ସମାପ୍ତ କରିଛନ୍ତି। ୟୁକେଜିରେ ପଢୁଥିବା ମୋହବତ ଏହି ବିରଳ କୀର୍ତ୍ତିମାନ ହାସଲ କରି ବୁଧବାର ଅଯୋଧ୍ୟାରେ ପହଞ୍ଚିବା ସହ ଭଗବାନ ରାମଲାଲାଙ୍କ ଦର୍ଶନ କରିଛନ୍ତି। ରାମଲାଲାଙ୍କ ପ୍ରତି ଭକ୍ତି ଏବଂ ନିଜର ଦୃଢ଼ ସଂକଳ୍ପ ଯୋଗୁ ତାଙ୍କର ଏହି ଯାତ୍ରା ସଫଳ ହୋଇପାରିଛି ବୋଲି ସେ କହିଛନ୍ତି। ଗତବର୍ଷ ଜାନୁଆରୀରେ ହୋଇଥିବା ଅଯୋଧ୍ୟା ରାମ ମନ୍ଦିରର ପ୍ରାଣପ୍ରତିଷ୍ଠା ସମୟରେ ହିଁ ମୋହବତ ଦୌଡ଼ି ଦୌଡ଼ି ଅଯୋଧ୍ୟାରେ ପହଞ୍ଚି ରାମଲାଲାଙ୍କ ଦର୍ଶନ କରିବେ ବୋଲି ସ୍ଥିର କରିଥିବା ନେଇ ତାଙ୍କ ବାପା ରିଙ୍କୁ କୁମାର କହିଛନ୍ତି। ମୋହବତ ପଞ୍ଜାବରେ ନିଜ ସହର ଅବହୋରରୁ ଏହି ଯାତ୍ରା ଆରମ୍ଭ କରିଥିଲେ। ସେଠାରେ ଜଣେ ସେନା ଅଧିକାରୀ ପତାକା ଦେଖାଇ ତାଙ୍କର ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଦୌଡ଼ ଯାତ୍ରା ସମୟରେ ବିଭିନ୍ନ ସ୍ଥାନରେ ଲୋକମାନେ ତାଙ୍କୁ ସମ୍ମାନିତ କରିଥିଲେ। ଏହି ଯାତ୍ରାର କେତେକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି, ଯାହାଫଳରେ ମୋହବତଙ୍କୁ ଚାରିଆଡ଼ୁ ପ୍ରଶଂସାର ସୁଅ ଛୁଟିଛି।



### ସବୁ ମହିଳାଙ୍କ କେଶ ୬ରୁ ୭ ଫୁଟ୍ ଲମ୍ବା

ବେଜିଂ

ବିଶ୍ୱରେ ଏପରି ଏକ ଗ୍ରାମ ରହିଛି, ଯେଉଁଠାରେ ରହୁଥିବା ସବୁ ମହିଳାଙ୍କ କେଶ ୬ରୁ ୭ ଫୁଟ ଲମ୍ବା। ଏହି ଗ୍ରାମର ମହିଳାମାନେ ନିଜ ଜୀବନରେ କେବଳ ଥରଟିଏ କେଶ କାଟନ୍ତି।

ଦକ୍ଷିଣ ଚାଇନାର ଗୁଇଲିନ୍ ସହରଠାରୁ ୫୦ କି.ମି. ଦୂରରେ ହୁଆଙ୍ଗଲୁଓ ନାମକ ଏକ ଗ୍ରାମ ରହିଛି। ଏହି ଗ୍ରାମରେ ମହିଳାମାନଙ୍କର କେଶ ସେମାନଙ୍କ ଉଚ୍ଚତାଠାରୁ ମଧ୍ୟ ଅଧିକ ଲମ୍ବା। ୪ ଫୁଟ ଉଚ୍ଚତାରୁ ଅଧିକ ଲମ୍ବର କେଶ ରଖିବା ଏହି ମହିଳାମାନଙ୍କ ପାଇଁ ଅତି ସାଧାରଣ କଥା। ଗ୍ରାମରେ ରହୁଥିବା ଅନେକ ମହିଳାଙ୍କ କେଶର ଲମ୍ବ ୬ ଫୁଟ ପର୍ଯ୍ୟନ୍ତ ହୋଇଥିବାବେଳେ ୨୦୦୪ରେ ଗ୍ରାମର ଜଣେ ମହିଳାଙ୍କ କେଶର ଲମ୍ବ ୭ ଫୁଟ ହୋଇଥିବା ନେଇ ମପାଯାଇଥିଲା।

ହୁଆଙ୍ଗଲୁଓ ଗ୍ରାମରେ ୟାଓ ଜନଜାତିର ଲୋକେ ବସବାସ କରନ୍ତି। ଏହି ଜନଜାତିର ମହିଳାମାନେ ନିଜର କେଶକୁ ସବୁବେଳେ ଲମ୍ବା ରଖିଥାନ୍ତି। ସେମାନେ ତାଙ୍କ ଜୀବନରେ କେବଳ ଥରଟିଏ କେଶ କାଟନ୍ତି। ଗ୍ରାମର ତରୁଣୀମାନେ ୧୭/୧୮ ବର୍ଷର ହୋଇଯିବା ପରେ ଏକ ସ୍ୱତନ୍ତ୍ର ଉତ୍ସବ ମାଧ୍ୟମରେ ସେମାନଙ୍କ କେଶ କଟାଯାଇଥାଏ। ଏହାପରଠାରୁ ସେମାନେ କେବେ ମଧ୍ୟ କେଶ କାଟନ୍ତି ନାହିଁ। ଏହି ମହିଳାମାନଙ୍କୁ ନିଜ ନିଜର କେଶକୁ ଲମ୍ବା ଏବଂ ମୋଟା ରଖିବା ପାଇଁ ଏହାର ଖୁବ୍ ଯତ୍ନ ନେବାକୁ ପଡ଼ିଥାଏ।



### ୧୦ରୁ ଓଟିଟିରେ 'ଦି ସାବରମତି ରିପୋର୍ଟ'

ମୁମ୍ବାଇ

ଅଭିନେତା ବିକ୍ରାନ୍ତ ମେସି ଓ ଅଭିନେତ୍ରୀ ରାଶି ଖାନ୍ନାଙ୍କ ଅଭିନୀତ 'ଦି ସାବରମତି ରିପୋର୍ଟ' ଫିଲ୍ମ ଗତ ନଭେମ୍ବର ୧୫ରେ ସିନେମା ହଲ୍‌ଗୁଡ଼ିକରେ ମୁକ୍ତିଲାଭ କରିଥିଲା। ଏହି ଫିଲ୍ମ ଓଟିଟି ପ୍ଲାଟ୍‌ଫର୍ମ 'ଜି୫'ରେ ଆସନ୍ତା ୧୦ ତାରିଖରୁ ଷ୍ଟ୍ରିମିଂ ହେବାକୁ ଯାଉଛି। ବୁଧବାର ଏନେଇ 'ଜି୫' ଏବଂ 'ଦି ସାବରମତି ରିପୋର୍ଟ' ପ୍ରଡକ୍ସନ କମ୍ପାନୀ 'ବାଲାଜୀ ମୋଶନ ପିକ୍ଚର' ପକ୍ଷରୁ ଇନ୍‌ଷ୍ଟାଗ୍ରାମରେ ଏକ ପୋଷ୍ଟ ମାଧ୍ୟମରେ ସୂଚନା ଦିଆଯାଇଛି। ଏହାର କ୍ୟାପ୍‌ଶନ୍‌ରେ ଲେଖାଯାଇଛି, ଦେଶର ସବୁଠୁ ବଡ଼ ବିବାଦୀୟ ପ୍ରସଙ୍ଗର ପର୍ଦ୍ଦାଫାଶ ହେବ। ଆସନ୍ତା ୧୦ରୁ କେବଳ 'ଜି୫'ରେ ସତ୍ୟ ସାମ୍ନାକୁ ଆସିବ।



ବିକ୍ରାନ୍ତ ମେସି

# ୨ ଖଣି ଅଧିକାରୀଙ୍କ ଘରେ ସିବିଆଇ ଚଢ଼ାଉ

ଟେନ୍‌ସା,୮।୧(ସମୀର କୁମାର ପାଢ଼ୀ)

ବେଆଇନ ଅର୍ଥକାରବାର ନେଇ ସୁନ୍ଦରଗଡ଼ ଜିଲା ଟେନ୍‌ସା ସ୍ଥିତ ବରସୁଆଁ ଲୌହ ଖଣି (ସେଲ୍)ରେ ୨ ଅଧିକାରୀଙ୍କ କ୍ୱାର୍ଟର୍ସରେ ବୁଧବାର ସିବିଆଇ ଚଢ଼ାଉ କରିଛି। ୨ ଅଧିକାରୀ ହେଲେ ସରୋଜ ପଟ୍ଟନାୟକ ଏବଂ ସୁନନ୍ଦ ପରିଡ଼ା। ଏଥିସହ ଖଣି ବ୍ୟବସାୟୀ ରତ୍ନାକର ରାଉତଙ୍କ ଘରେ ମଧ ଚଢ଼ାଉ ହୋଇଛି। ଉକ୍ତ ବ୍ୟବସାୟୀଙ୍କ ଢେଙ୍କାନାଳ ଘର ଓ ଫାର୍ମହାଉସ, ହିନ୍ଦୋଳସ୍ଥିତ ବ୍ୟବସାୟିକ ସଂସ୍ଥା, ଭୁବନେଶ୍ୱରର ୩ଟି ସ୍ଥାନରେ ଚଢ଼ାଉ ଜାରି ରହିଛି। ଉଚ୍ଚ ମାନର ଲୁହାପଥରକୁ ନିମ୍ନମାନର ଦର୍ଶାଇ ବିକ୍ରି ହୋଇଥିବା ଅଭିଯୋଗରେ ସିବିଆଇ ଚଢ଼ାଉ କରିଥିବା ଜଣାପଡ଼ିଛି । ଏଥିରେ ଶହ ଶହ କୋଟି ଟଙ୍କାର ହେରଫେର ହୋଇଛି । ଅପରାହ୍ନ ୨ଟା ୩୦ରୁ ସନ୍ଧ୍ୟା ୫ଟା ୩୦ ପର୍ଯ୍ୟନ୍ତ ସିବିଆଇ ଛାନଭିନ୍ନ କରିଥିଲା। ଚଢ଼ାଉ ବେଳେ ଟଙ୍କା କାରବାରର ଗୁରୁତ୍ୱପୂର୍ଣ୍ଣ କାଗଜ ଜବତ ହୋଇଥିବା ଜଣାପଡିଛି।

ସୂଚନାଯୋଗ୍ୟ, ୨୦୨୩ ଫେବୃଆରୀରେ ବରସୁଆଁ ଲୌହ ଖଣିର ଭେଲିରୁ କିଛି ଲୁହାପଥର ଗୁଣ୍ଡ ବିକ୍ରି ହେବା ପାଇଁ ଷ୍ଟାକ୍ କରାଯାଇଥିଲା। ଏହି ଷ୍ଟାକ୍ ପ୍ରଥମେ ଖଣି ଉପନିର୍ଦ୍ଦେଶକ ଅଫିସରୁ ମାନ ନିରୂପଣ କରିସାରିବା ପରେ ପରିବହନ ପାଇଁ ଅନୁମତି ଦିଆଯାଇଥିଲା। କିନ୍ତୁ ଯେଉଁ ମାନ ନିରୂପଣ କରାଯାଇଥିଲା ସେହି ଗ୍ରେଡ୍‌ର ଲୁହାପଥର ଗୁଣ୍ଡ ପରିବହନ ନ କରି ଅଧିକ ଗ୍ରେଡ୍‌ର ଲୁହାପଥର ଗୁଣ୍ଡ ପରିବହନ ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ପ୍ରଥମେ ଇଣ୍ଟରନାଲ ଭିଜିଲାନ୍ସ ଯାଞ୍ଚ କରିଥିଲା। ହେଲେ ତାହା ସନ୍ତୋଷଜନକ ହୋଇପାରି ନ ଥିଲା। ଉକ୍ତ କେସ୍‌କୁ ସିବିଆଇକୁ ହସ୍ତାନ୍ତର କରାଯାଇଥିଲା। ସିବିଆଇର ଏକ ୫ଜଣିଆ ଟିମ୍ ୨୦୨୪ ସେପ୍ଟେମ୍ବର ୫ ତାରିଖଠାରୁ ୭ଦିନ ଧରି ବରସୁଆଁ ଲୌହଖଣିର ଭେଲି ଏରିଆ ପରିଦର୍ଶନ କରିବା ସହିତ ଏହି ମାମଲାରେ ଜଡ଼ିତ ଥିବା କେତେଜଣ ଅଧିକାରୀଙ୍କୁ ପଚରାଉଚରା ଜାରି ରଖିଥିଲା। ବରସୁଆଁ ଲୌହ ଖଣି ସମେତ ବଲାଣୀ (ସେଲ୍) ଲୌହ ଖଣିର ୮ରୁ ଊର୍ଦ୍ଧ୍ୱ ଅଫିସ ଓ କର୍ମଚାରୀଙ୍କୁ ସିବିଆଇ ଜେରା କରିଥିଲା।

# ଏମ୍‌ପି ପ୍ରଦୀପ ପାଣିଗ୍ରାହୀ ନିର୍ଦ୍ଦୋଷ



ବ୍ରହ୍ମପୁର,୮।୧(ସୁବାସ ଚନ୍ଦ୍ର ପାଢ଼ୀ)

## ଚାକିରି ନାଁରେ ଠକେଇ ମାମଲା

ଟାଟା ମୋଟର୍ସରେ ଚାକିରି ଦେବା ନାଁରେ ଟଙ୍କା ଠକେଇ ମାମଲାରେ ବ୍ରହ୍ମପୁର ଏମ୍‌ପି ଡ. ପ୍ରଦୀପ କୁମାର ପାଣିଗ୍ରାହୀ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ଠକେଇ ନେଇ ହୋଇଥିବା ୫ ମାମଲାରୁ ମଙ୍ଗଳବାର ୨ଟିରେ କୋର୍ଟ ପ୍ରଦୀପଙ୍କ ସମେତ ଅଭୟ ପାଠକ ଓ ତାଙ୍କ ପୁଅ ଆକାଶ ପାଠକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ବୁଧବାର ଏମ୍‌ପି ଓ ବିଧାୟକଙ୍କ ପାଇଁ ରହିଥିବା ସ୍ୱତନ୍ତ୍ର କୋର୍ଟ ତଥା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ(ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକ ଅନ୍ୟ ୩ଟି ମାମଲାର ଶୁଣାଣି କରି ପ୍ରଦୀପଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିବା ବେଳେ ଗୋଟିଏ ମାମଲାରେ ଆକାଶଙ୍କୁ ଦୋଷମୁକ୍ତ କରିଛନ୍ତି। ଗୋଳନ୍ଥରା ଥାନାରେ ୨୦୨୦ରେ ପ୍ରଶାନ୍ତ କରଙ୍କ ଏତଲାକ୍ରମେ ରୁଜୁ ହୋଇଥିବା ମାମଲା, ୨୦୨୧ରେ ପ୍ରଭାତ ନାୟକ ଓ ଶିବ ପାତ୍ରଙ୍କ ଅଭିଯୋଗ ଅନୁସାରେ ରୁଜୁ ମାମଲାର ଶୁଣାଣି କରି କୋର୍ଟ ବୁଧବାର ପ୍ରଦୀପଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ତେବେ ଚାକିରି ନାଁରେ ଠକେଇ ନେଇ ରୁଜୁ ହୋଇଥିବା ମୋଟ ୫ଟି ମାମଲାରେ ପ୍ରମାଣ ଅଭାବରୁ ପ୍ରଦୀପ ଓ ପାଠକ ବାପପୁଅ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି।

ସୂଚନାଯୋଗ୍ୟ, ଟାଟା କମ୍ପାନୀରେ ଚାକିରି ନାଁରେ ଟଙ୍କା ଠକେଇ କରିଥିବା ନେଇ ଗୋପାଳପୁରର ପୂର୍ବତନ ବିଧାୟକ ତଥା ବର୍ତ୍ତମାନର ବ୍ରହ୍ମପୁର ଏମ୍‌ପି ପ୍ରଦୀପ ଓ ବହିଷ୍କୃତ ଆଇଏଫ୍‌ଏସ୍ ଅଭୟ ପାଠକ ଓ ତାଙ୍କ ପୁଅ ଆକାଶଙ୍କ ନାମରେ ଅଭିଯୋଗ ହୋଇଥିଲା। ପ୍ରଥମେ କ୍ରାଇମ୍‌ବ୍ରାଞ୍ଚ ନିକଟରେ ଅଭିଯୋଗ ପରେ କଟକ ସାଇବର୍ ଥାନାରେ ମାମଲା ରୁଜୁ ହୋଇଥିଲା। ତଦନ୍ତ ପାଇଁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ୨୦୨୦ ନଭେମ୍ବର ମାସରେ ବ୍ରହ୍ମପୁର ଆସିଥିଲା। ତଦନ୍ତ ପରେ ପର୍ଯ୍ୟାୟକ୍ରମେ ଗୋଳନ୍ଥରା ଓ ବୈଦ୍ୟନାଥପୁର ଥାନାରେ ପ୍ରଦୀପଙ୍କ ନାମରେ ୫ଟି ମାମଲା ରୁଜୁ ହୋଇଥିବା ବେଳେ ଅଭୟଙ୍କ ନାମରେ ୨ଟି ଓ ଆକାଶଙ୍କ ନାମରେ ୩ଟି ମାମଲା ରୁଜୁ ହୋଇଥିଲା। ଏମ୍‌ପି ପ୍ରଦୀପଙ୍କ ତରଫରୁ ଅସିତ୍ ଶତପଥୀ ମାମଲା ପରିଚାଳନା କରିଥିବା ବେଳେ ପାଠକ ବାପପୁଅଙ୍କ ତରଫରୁ ଦୀପକ ପଟ୍ଟନାୟକ ମାମଲା ପରିଚାଳନା କରିଥିଲେ।

# ଖଣି ବ୍ୟବସାୟୀଙ୍କ ଘରେ ପଶିଲା ଇଡି

ଭୁବନେଶ୍ୱର,୮।୧
(ସୂର୍ଯ୍ୟକାନ୍ତ ବେହେରା)

ବେଆଇନ ଖଣି ଖନନ କରି ବହୁ କୋଟି ଟଙ୍କା ରାଜସ୍ୱ ହରିଲୁଟ୍ କରିଥିବା ଅଭିଯୋଗରେ ବ୍ୟବସାୟୀ ରତିକାନ୍ତ ରାଉତ ଓରଫ ଜୁଲୁଙ୍କ ଘରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ସକାଳେ ଚଢ଼ାଉ କରିଛି। ଭୁବନେଶ୍ୱର ରଘୁନାଥପୁର ଫ୍ଲାଟ୍, ଘର, ଢେଙ୍କାନାଳ ଅଫିସ୍, କୋଲକାତା ସହ ମୋଟ୍ ୧୨ଟି ସ୍ଥାନରେ ଚଢ଼ାଉ କରିଥିବାବେଳେ ଟଙ୍କା, ସୁନା, କିଛି ଖଣି ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂତ୍ରରୁ ସୂଚନା ମିଳିଛି।

ସୂଚନାନୁସାରେ ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ଗୁଡ଼ିଆକାଟେଣି ଛକ ନିକଟସ୍ଥ ପତଳା ଗାଁ ଖଣି ବ୍ୟବସାୟୀ ଜୁଲୁ ଗତ କିଛି ବର୍ଷ ହେବ ଖଣି ଖନନ କରି କୋଟି କୋଟି ଟଙ୍କା ରୋଜଗାର କରୁଥିବା ନେଇ ଅଭିଯୋଗ ଆସିବା ପରେ ଗତ କିଛି ମାସ ତଳେ ଆୟକର ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଏହାପରେ ଇଡି ନିଜ ଆଡ୍ରୁ ମାମଲା ରୁଜୁ କରି ଆର୍ଥିକ କାରବାର ଉପରେ ତଥ୍ୟ ଜାଣିବାକୁ ବୁଧବାର ଖୋଳତାଡ଼ କରିଥିଲା। ତେବେ ଅନ୍ୟାନ୍ୟ ସ୍ଥାନରେ ତାଙ୍କର ଥିବା ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଉପରେ ଚଢ଼ାଉ ହୋଇଛି କି ନାହିଁ ତାହା ଜଣାପଡ଼ିନାହିଁ।

# ହଂସିତା, ଅନିଲଙ୍କୁ ଆଜି ଦିନିକିଆ ରିମାଣ୍ଡରେ ନେବ ପୋଲିସ

ଭୁବନେଶ୍ୱର,୮।୧(ସୂର୍ଯ୍ୟକାନ୍ତ ବେହେରା)

**ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବଙ୍କ ଝିଅ, ଜ୍ୱାଇଁ କହି ଠକେଇ ଘଟଣା**

**ହଂସିତାଙ୍କ ଆଉ ଜଣେ ସ୍ୱାମୀ ଭୁବନେଶ୍ୱରରୁ ଠାବ**

ନିଜକୁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ପି.କେ. ମିଶ୍ରଙ୍କ ଝିଅ ଓ ଜ୍ୱାଇଁ ପରିଚୟ ସହ ବିଭିନ୍ନ ସମୟରେ ନାମ ପରିବର୍ତ୍ତନ କରି ବଡ଼ବଡ଼ିଆଙ୍କୁ ଠକୁଥିବା ହାଇପ୍ରୋଫାଇଲ୍ ଠକ ଯୋଡ଼ି ହଂସିତା ଅଭିଲିପ୍‌ସା (ବିଷ୍ଣୁପ୍ରିୟା ଚାନ୍ଦ ଓରଫ ରାକ୍ଷୀ) ଓ ଅନିଲ କୁମାର ମହାନ୍ତିଙ୍କୁ ଦିନିକିଆ ରିମାଣ୍ଡରେ ନେବାକୁ ପୋଲିସକୁ ଅନୁମତି ମିଳିଛି। ଗୁରୁବାର ଉଭୟଙ୍କୁ ରିମାଣ୍ଡରେ ଆଣି ମାରାଥନ ଜେରା କରିବ ପୋଲିସ। ସେହିପରି ହଂସିତାଙ୍କ ଆଉ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ହଂସିତାଙ୍କ କଳାକାରନାମା ସାମ୍ନାକୁ ଆସିବା ପରେ ନନ୍ଦନକାନନ ରଘୁନାଥପୁର ଅଞ୍ଚଳରେ ରହୁଥିବା ଫ୍ଲାଟରୁ ଫେରାର ଥିବା ଆଉ ଜଣେ ସ୍ୱାମୀଙ୍କୁ ଭୁବନେଶ୍ୱର ଖଣ୍ଡଗିରିରୁ ଆୟକର ଟିମ୍ ଠାବ କରିଛି। ସେ ହେଲେ ଗଞ୍ଜାମର ବ୍ୟବସାୟୀ ସରୋଜ ସାହୁ ବୋଲି କୁହାଯାଉଥିବାବେଳେ ଆୟକର ପକ୍ଷରୁ ଏବାବଦରେ କୌଣସି ସୂଚନା ଦିଆଯାଇ ନାହିଁ। ଅନିଲ ଓ ସରୋଜ ଏକ ଆପାର୍ଟମେଣ୍ଟର ଅଲଗା ଅଲଗା ବ୍ଲକରେ ରହୁଥିବା ସୂଚନା ମିଳିଛି । ଅନ୍ୟପଟେ ବୁଧବାର ଦିନତମାମ ଆୟକର ଟିମ ହଂସିତାଙ୍କ ଅନ୍ୟତମ ସ୍ୱାମୀ କନ୍ଧମାଳ ବାଲିଗୁଡ଼ାର ମନୋଜ ଆଚାର୍ଯ୍ୟଙ୍କ ଘରେ ଚଢ଼ାଉ କରିଛି। ମନୋଜ, ତାଙ୍କ ବାପାଙ୍କ ସମେତ ପରିବାରବର୍ଗଙ୍କୁ ଘନଘନ ଜେରା କରାଯାଇଥିବା ସୂଚନା ମିଳିଛି। ତାଙ୍କ ଘରୁ ମିଳିଥିବା କାଗଜପତ୍ର ଧରି ବାଲିଗୁଡ଼ା ଏସ୍‌ବିଆଇ ବ୍ୟାଙ୍କ ଯାଇ ତନାଘନା କରିଛି। ହଂସିତାଙ୍କ ଆର୍ଥିକ କାରବାରରେ ସେମାନଙ୍କ କ'ଣ ସବୁ ସମ୍ପର୍କ ରହିଛି, ସେ ନେଇ ଅଧିକାରୀ ଖୋଳତାଡ଼ ଜାରି ରଖିଛନ୍ତି।

ସୂଚନା ଅନୁଯାୟୀ, ହଂସିତା ରଘୁନାଥପୁରରେ ଏକ ଆପାର୍ଟମେଣ୍ଟରେ ଅନିଲଙ୍କ ସହ ସ୍ୱାମୀସ୍ତ୍ରୀ ଭାବେ ରହୁଥିଲେ। ଅନିଲଙ୍କ ନାଁରେ ଦୁଇଟି କମ୍ପାନୀ ଥିବାବେଳେ ପଟିଆ ଅଞ୍ଚଳରେ ଏକ ଅଫିସ୍ କରି ଲୋକମାନଙ୍କୁ ଠକୁଥିଲେ। ଏପରି କି ସେମାନେ ଶିଳ୍ପ ନାଁରେ ଜମି ଅଧିଗ୍ରହଣ, ଶିଳ୍ପକୁ କଞ୍ଚାମାଲ ଯୋଗାଇବା ପାଇଁ ଖଣିମାଲିକଙ୍କୁ ଟେଣ୍ଡର, ବିଲ୍ଡରଙ୍କୁ ଜମି, କୋଠା ଆପ୍ରୁଭାଲ କରାଇବା ଆଦି କହି ବଡ଼ବଡ଼ିଆଙ୍କୁ ଫସାଉଥିଲେ। ବଡ଼ବଡ଼ିଆଙ୍କ ବିଶ୍ୱାସ ଜନ୍ମାଇବା ପାଇଁ ସେମାନେ ମୁଖ୍ୟଶାସନ ସଚିବ ମନୋଜ ଆହୁଜା ଓ ପୂର୍ବତନ ସିଏଜି ଗିରିଶ ମୁର୍ମୁଙ୍କ ଫଟୋ ସହ ନିଜ ଫଟୋ ଏଡିଟ୍ କରି ଏହାକୁ ବିଭିନ୍ନ ସ୍ଥାନରେ ବ୍ୟବହାର କରୁଥିଲେ।

# ଖୋର୍ଦ୍ଧାରେ ଇଡି ପକ୍ଷରୁ ଚଢାଉ

ଖୋର୍ଦ୍ଧା,୮।୧(ପ୍ରଭାତ ପାଣିଗ୍ରାହୀ)

- ଜଣେ ଅବସରପ୍ରାପ୍ତ ଅଧିକାରୀଙ୍କୁ ୧୨ ଘଣ୍ଟା ଜେରା
- ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର, ମୂଲ୍ୟବାନ ସାମଗ୍ରୀ ଜବତ

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଭୁବନେଶ୍ୱର ପକ୍ଷରୁ ବୁଧବାର ପୂର୍ବାହ୍ନରେ ଖୋର୍ଦ୍ଧା ବିଡିଏ କଲୋନୀରେ ଜଣେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀଙ୍କ ଘରେ ଚଢାଉ କରାଯାଇଛି। ୯ଜଣିଆ ଟିମ୍ ଏହି ଚଢାଉ କରିଥିବାବେଳେ ଏଥିରେ ଇଡି ଭୁବନେଶ୍ୱର ଓ ଦିଲ୍ଲୀ ଅଧିକାରୀମାନେ ସାମିଲ ଥିଲେ। ଦୀର୍ଘ ୧୨ଘଣ୍ଟା ଧରି ଚଢାଉ ଜାରି ରହିଥିଲା। ବନ୍ଧୁକଧାରୀ ସିଆର୍‌ପିଏଫ୍ ଯବାନଙ୍କ କଡ଼ା ସୁରକ୍ଷା ବଳୟ ମଧ୍ୟରେ ଚଢାଉ ଚାଲିଥିଲା। ବାହାର ଫାଟକ ବନ୍ଦ ରଖି ରୁଦ୍ଧଦ୍ୱାର ଘରେ ଅଧିକାରୀମାନେ ବିଭିନ୍ନ କାଗଜପତ୍ର ସମେତ ବ୍ୟାଙ୍କ ଆକାଉଣ୍ଟ, ଟ୍ରାଞ୍ଜକଶନ ଆଦି ତନ୍ନତନ୍ନ ଯାଞ୍ଚ କରିଥିଲେ। ବାରମ୍ବାର ବାହାରୁ ବିଭିନ୍ନ ଜେରକ୍ସ କାଗଜପତ୍ର ଘର ଭିତରକୁ ଯାଉଥିଲା। ଦୁଇଜଣ ସଦସ୍ୟ କାରରେ ବାହାରକୁ ଯାଇ ମେଞ୍ଚାଏ କାଗଜପତ୍ର ଆଣୁଥିବା ଦେଖିବାକୁ ମିଳିଥିଲା। ଇଡି ଅଧିକାରୀମାନେ ଦୀର୍ଘ ସମୟ ଧରି ଯାଞ୍ଚ କରିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଏବଂ କିଛି ମୂଲ୍ୟବାନ ସାମଗ୍ରୀ ଜବତ କରି ଚାଲିଯାଇଥିଲେ। ତେବେ ଏହି ଚଢାଉ କାହିଁକି ହୋଇଥିଲା, ସେ ନେଇ କିଛି ସ୍ପଷ୍ଟ ସୂଚନା ମିଳିପାରିନାହିଁ।

# ସ୍ୱାମୀଙ୍କୁ ପିଟି ମାରିଦେଲେ ଅବକାରୀ କର୍ମଚାରୀ: ମମତା

## ଗଞ୍ଜେଇ ଚୋରାଚାଲାଣ ବେଳେ ଦୁର୍ଘଟଣା ଘଟି ମୃତ୍ୟୁ: ଅବକାରୀ ବିଭାଗ





ମୃତ ସୂର୍ଯ୍ୟମଣୀ । ତାଙ୍କ ପତ୍ନୀ ମମତା।

ଢେଙ୍କାନାଳ,୮।୧(ରତନ ନାୟାର)

ଗଞ୍ଜେଇ ଚୋରାଚାଲାଣ ଅଭିଯୋଗରେ ବୁଧବାର ଅବକାରୀ ବିଭାଗ ଚଢ଼ାଉ କରି ଧରିଥିବା ଶଙ୍କରପୁର ଗ୍ରାମର ସୂର୍ଯ୍ୟମଣୀ ସେନାପତି (୩୮)ଙ୍କ ମୃତ୍ୟୁ ଘଟିଛି। ସୂର୍ଯ୍ୟମଣୀଙ୍କୁ ଅବକାରୀ ବିଭାଗ କର୍ମଚାରୀ ପିଟି ପିଟି ମାରିଦେଇଥିବା ତାଙ୍କ ସ୍ତ୍ରୀ ମମତା ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସୂର୍ଯ୍ୟମଣୀଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଥିବା ଅବକାରୀ ବିଭାଗ କହିଛି। ଏହି ଘଟଣାକୁ ନେଇ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ମୃତଦେହ ଜିଲା ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଛି ।

ଅବକାରୀ ବିଭାଗ ଅଧୀକ୍ଷକ କ୍ରିଷ୍ଣା ନାୟକଙ୍କ ସୂଚନା ଅନୁସାରେ ଶଙ୍କରପୁର ଗ୍ରାମର ସୂର୍ଯ୍ୟମଣୀ ସେନାପତି ଏକ ସ୍କୁଟିରେ ୪ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଧରି ଚୋରାଚାଲାଣ କରୁଥିଲେ। ସଦର ଥାନା ବଡ଼ଗିଲା ନିକଟରେ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ଅଟକାଇବାରୁ ସେ ଅଟକି ନ ଥିଲେ । ତେଣୁ ତାଙ୍କୁ ଗୋଡ଼ାଇବାରୁ ସେ ସ୍କୁଟି ସହ ଏକ ପୋଲରେ ପିଟିହୋଇ ପଡ଼ିଯାଇଥିଲେ । ଅବକାରୀ ବିଭାଗ ତାଙ୍କୁ ଉଦ୍ଧାର କରିଥିଲା। ଅଣ୍ଟାରେ ଜଖମ ହୋଇଥିବା ସୂର୍ଯ୍ୟମଣୀ କହବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆଣି ଏକ୍ସ-ରେ କରାଯିବା ପରେ ସେଭଳି ଆଘାତ ହୋଇ ନ ଥିବା ଜଣାପଡ଼ିଥିଲା। ପରେ ଅବକାରୀ ବିଭାଗ ସୂର୍ଯ୍ୟମଣୀଙ୍କୁ ନେଇ କାର୍ଯ୍ୟାଳୟକୁ ଯାଇଥିଲେ। କିଛି ସମୟ ପରେ ପୁଣି ସୂର୍ଯ୍ୟମଣୀ ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି କହିଛନ୍ତି। ଏହାପରେ ଅବକାରୀ ଅଧିକାରୀ ଓ କର୍ମଚାରୀମାନେ ଜିଲା ମୁଖ୍ୟ ଚିକିତ୍ସାଳୟ ଛାଡ଼ି ପଳାଇଥିଲେ। ଖବରପାଇ ସୂର୍ଯ୍ୟମଣୀଙ୍କ ସ୍ତ୍ରୀ ମମତା ଓ ମାମୁ ବ୍ରହ୍ମାନନ୍ଦ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ମମତା କହିଛନ୍ତି, ଅପରାହ୍ନରେ ସୂର୍ଯ୍ୟମଣୀ ଫୋନ୍ କରି ତାଙ୍କୁ ଅବକାରୀ କର୍ମଚାରୀ ଧରି ପକାଇଛନ୍ତି ବୋଲି କହିଥିଲେ। ଏପରି କି ତାଙ୍କୁ ପିଟି ପିଟି ଗୋଡ଼ହାତ ଭାଙ୍ଗି ଦେବା ସହ ଜୀବନରେ ମାରିଦେବେ ବୋଲି ଅବକାରୀ କର୍ମଚାରୀ ଧମକ୍ ଦେଉଥିବା ସୂର୍ଯ୍ୟମଣୀ କହିଥିଲେ। ଏହାଶୁଣି ଜିଲା ମୁଖ୍ୟ ଚିକିତ୍ସାଳୟକୁ ଆସି ଦେଖିଲା ବେଳକୁ ସ୍ୱାମୀଙ୍କ ମୃତ୍ୟୁ ଘଟିସାରିଛି। ତେଣୁ ଅବକାରୀ କର୍ମଚାରୀମାନେ ତାଙ୍କୁ ପିଟି ପିଟି ମାରି ଦେଇଛନ୍ତି ବୋଲି ମମତା ଅଭିଯୋଗ କରିଛନ୍ତି। ମାମୁ ବ୍ରହ୍ମାନନ୍ଦ କହିଛନ୍ତି, ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରଞ୍ଜନ କୁମାର ସାମଲ କହିଛନ୍ତି, ଅବକାରୀ କର୍ମଚାରୀ ରୋଗୀଙ୍କୁ ନେଇ ଆମ ପାଖକୁ ଆସିଥିଲେ । ଆମେ ଏକ୍ସ-ରେ ଓ ପରୀକ୍ଷା ନିରୀକ୍ଷା କରିଥିଲୁ । ତାଙ୍କ ଅଣ୍ଟାରେ ଜଖମ ହୋଇଥିଲା । ପ୍ୟାଣ୍ଟରେ ରକ୍ତ ଲାଗିଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ଡାକ୍ତର ସାମଲ କହିଛନ୍ତି। ଏ ସମ୍ପର୍କରେ ଅବକାରୀ ଅଧୀକ୍ଷକ କ୍ରିଷ୍ଣା ନାୟକ ମାଡ଼ ମାରିବା ଘଟଣାକୁ ଅସ୍ୱୀକାର କରିବା ସହିତ ସୂର୍ଯ୍ୟମଣୀ ଖସି ପଳାଉଥିବା ବେଳେ ଦୁର୍ଘଟଣାରେ ଗୁରୁତର ଆହତ ହୋଇଥିଲେ। ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କହିଛନ୍ତି।

# ଆରପିଏଫ୍ ଏଏସ୍‌ଆଇ ଗିରଫ

ଭୁବନେଶ୍ୱର,୮।୧
(ସୂର୍ଯ୍ୟକାନ୍ତ ବେହେରା)

## ସାହାଯ୍ୟ ଆଳରେ ଯୁବତୀଙ୍କୁ ଅସଦାଚରଣ



ସାହାଯ୍ୟ କରିବା ବାହାନାରେ ଜଣେ ଯୁବତୀଙ୍କୁ ଟଣାଓଟରା କରି ଅସଦାଚରଣ ସହ ଏକ ପରିତ୍ୟକ୍ତ ଘରେ ବନ୍ଦ କରିବା ଜଣେ ଆର୍‌ପିଏଫ୍ ଏଏସ୍‌ଆଇଙ୍କୁ ମହଙ୍ଗା ପଡ଼ିଛି। ଯୁବତୀଙ୍କ ଅଭିଯୋଗ ପରେ ଜିଆର୍‌ପି ଏକ ମାମଲା ରୁଜୁ କରି ଉକ୍ତ ଆର୍‌ପିଏଫ୍ ଏଏସ୍‌ଆଇଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ସେ ହେଲେ ଖୋର୍ଦ୍ଧା ବାଲୁଗାଁ ଥାନା ଅଞ୍ଚଳର ନିରଞ୍ଜନ ଜେନା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ସୂଚନାନୁସାରେ ଗତ ୬ତାରିଖରେ ଜଗତ୍‌ସିଂହପୁରର ପୀଡ଼ିତା ଯୁବତୀ ଭୁବନେଶ୍ୱର ଆସିଥିଲେ। ମାଷ୍ଟରକ୍ୟାଣ୍ଟିନଠାରେ ଓହ୍ଲାଇ ଭିଏସ୍‌ଏସ୍‌ନଗରରେ ରହୁଥିବା ହଷ୍ଟେଲକୁ ଯାଇଥାନ୍ତେ। ମାତ୍ର ହଷ୍ଟେଲ ରାତି ୧୦ଟା ପରେ ବନ୍ଦ ରହିବାରୁ ଯୁବତୀଜଣଙ୍କ ଘରକୁ ଫୋନ କରି କେଉଁଠାରେ ରହିବେ ବୋଲି ପଚାରି ବୁଝିଥିଲେ। ଏହାପରେ ଘର ଲୋକଙ୍କ କଥାରେ ଯୁବତୀ ରେଳଷ୍ଟେଶନକୁ ସୁରକ୍ଷିତ ସ୍ଥାନ ଭାବି ଚାଲିଯାଇଥିଲେ। ରେଳ ଷ୍ଟେଶନରେ ଅଭିଯୁକ୍ତ ନିରଞ୍ଜନ ଯୁବତୀଙ୍କ ପାଖକୁ ଆସି କିଛି ସମୟ କଥା ହେବା ପରେ ଏଠି ସୁରକ୍ଷିତ ନୁହେଁ ବୋଲି କହିବା ସହ ଆର୍‌ପିଏଫ ଥାନାକୁ ପଳାଇ ଆସ ସେଠାରେ ରହିବ ବୋଲି କହିଥିଲେ। ନିରଞ୍ଜନ ୟୁନିଫର୍ମରେ ଥିବାରୁ ଯୁବତୀ ଜଣକ ତାଙ୍କ କଥାରେ ରାଜି ହୋଇଯାଇଥିଲେ। ଆର୍‌ପିଏଫ୍ ଥାନାରେ ପହଞ୍ଚିବା ପରେ ଥାନାକୁ ଲାଗି ଏକ ପରିତ୍ୟକ୍ତ ଘରକୁ ନେଇଥିଲେ। ସେଠାରେ ନିରଞ୍ଜନ ଯୁବତୀଙ୍କୁ ଟଣାଓଟରା କରି ଅସଦାଚରଣ କରିଥିଲେ। ଯୁବତୀ ବିରୋଧ କରିବାରୁ ନିରଞ୍ଜନ ଜୀବନରୁ ମାରିଦେବାକୁ ଧମକ ଦେବା ସହ ପରିତ୍ୟକ୍ତ ଘରେ ଭିତରେ ପୂରାଇ ବାହାର ପଟୁ ତାଲା ପକାଇ ଦେଇଥିଲେ। ଯୁବତୀଜଣଙ୍କ ଜୀବନ ପ୍ରତି ବିପଦ ଥିବା ଭାବି ତାଙ୍କ ପୁରୁଷବନ୍ଧୁଙ୍କୁ ଫୋନ୍ ଯୋଗେ ଘଟଣା ସଂକ୍ରାନ୍ତରେ କହିବା ସହ ଲୋକେଶନ ଶେୟାର କରିଥିଲେ। ପୁରୁଷ ବନ୍ଧୁ ଜଣଙ୍କ ତୁରନ୍ତ ଥାନାକୁ ଯାଇ ବୁଝିବା ବେଳେ ନିରଞ୍ଜନଙ୍କ ସହ ଯୁକ୍ତିତର୍କ ହେବାରୁ ସନ୍ଦେହ ହୋଇଥିଲା। ଏହାପରେ ପୁରୁଷ ବନ୍ଧୁ ସେଠାରେ ଅନ୍ୟ କର୍ମଚାରୀଙ୍କ ସହାୟତାରେ ଯୁବତୀଙ୍କୁ ଉଦ୍ଧାର କରିବାରୁ ଘଟଣା ସାମ୍ନାକୁ ଆସିଥିଲା।


## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଠାଇ ପଣା ସ୍ତ୍ରୀର ଠାଣି ଦେଖି**
**ଠସା କରି ପଡ଼ୋଶୀ ମାରନ୍ତି ଆଖି ।**

ସୌନ୍ଦର୍ଯ୍ୟ ପ୍ରତି ମହିଳାଙ୍କ ମନରେ ଅହେତୁକ ଆକର୍ଷଣ ଭାବ ରହିଥାଏ। ବେଶ ପରିପାଟୀ ହୋଇ ଅନ୍ୟ ଆଗରେ ନିଜକୁ ଦେଖେଇ ହେବାରେ ସେମାନେ ଖୁସି ଅନୁଭବ କରିଥାନ୍ତି। ଏପରି ସ୍ଥଳେ ସଜେଇ ହୋଇ ଛଇ ଛଟକି ଦେଖେଇ ହେଉଥିବା ମହିଳାଙ୍କୁ ଦେଖି ଅନ୍ୟ ପଡ଼ୋଶୀମାନେ ଥଟ୍ଟା ପରିହାସ କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଠାକୁର ଖାଇ ଖଟୁଲି ଖାଇବା।**

ଠକ ବା ଧୂର୍ତ୍ତ ଶ୍ରେଣୀର ବ୍ୟକ୍ତି ଟିକିଏ ସୁବିଧା ସୁଯୋଗ ପାଇଲେ ସବୁକିଛି ଅନାୟାସରେ ଚଳୁ କରିଦେଉଥିବାର ଦେଖିବାକୁ ମିଳିଥାଏ। ଲାଭ ସହ ମୂଳଧନ ଖାଉଥିବା ଲୋଭୀ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏପରି କଟୁକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ





ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ୩ ଅଭିଯୁକ୍ତଙ୍କୁ ୩ ଦିନ ରିମାଣ୍ଡରେ ନେଲା କ୍ରାଇମ୍‌ବ୍ରାଞ୍ଚ

ସାଲେପୁର,୮।୧(ଅରବିନ୍ଦ ଭୂୟାଁ)

**ରାମେଶ୍ୱର ଗଣବଳାତ୍କାର ଘଟଣା**

କଟକ ଜିଲା ସାଲେପୁର ଥାନା ଅନ୍ତର୍ଗତ ରାମେଶ୍ୱର ବଜାରରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ଗଣବଳାତ୍କାର ଘଟଣାରେ ୩ଜଣ ଗିରଫ ହୋଇ ଜେଲ ହାଜତରେ ଅଛନ୍ତି। ଏହି ମାମଲାର ତଦନ୍ତ କ୍ରାଇମ୍‌ବ୍ରାଞ୍ଚ ନେଇଥିବାବେଳେ ଅନ୍ୟ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ତଦନ୍ତରୁ ଜାଣିବାକୁ ପାଇଛି। ଏହି ମାମଲାରେ ଗିରଫ ହୋଇଥିବା ୩ଜଣ ଅଭିଯୁକ୍ତଙ୍କୁ ୩ଦିନ ପାଇଁ ବୁଧବାର କ୍ରାଇମ୍‌ବ୍ରାଞ୍ଚ ରିମାଣ୍ଡରେ ନେଇଥିବା ଜଣାଯାଇଛି।

୨୦୨୪ ନଭେମ୍ବର ୨୭ରେ ଜଣେ ମାନସିକ ବିକାରଗ୍ରସ୍ତ ମହିଳା ରାମେଶ୍ୱର ବଜାରରେ ଥିବା ଏକ ଦୋକାନ ବାରଣ୍ଡାରେ ଶୋଇଥିବାବେଳେ କେତେଜଣ ବ୍ୟକ୍ତି ହାଟ ଚାଳିଆକୁ ଟେକି ନେଇ ଗଣବଳାତ୍କାର କରିଥିଲେ। ଏହି ଘଟଣା ପ୍ରଚାରିତ ହେବାପରେ ସାଲେପୁର ପୋଲିସ ସିସିଟିଭିକୁ ଆଧାର କରି ନିଜଆଡୁ ନଂ. ୪୫୪/୨୪ରେ ମାମଲା ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରିଥିଲା। ପରେ ଏହି ଘଟଣା କ୍ରାଇମ୍‌ବ୍ରାଞ୍ଚ ରାମେଶ୍ୱର ଗଣବଳାତ୍କାର ଘଟଣା ।ଞ୍ଚ ହାତକୁ ନେବା ପରେ ଆଇଜି ଘଟଣାସ୍ଥଳ ପରିଦର୍ଶନ କରି ଏହି ଘଟଣାରେ ତୃତୀୟ ଅଭିଯୁକ୍ତଙ୍କୁ ଗିରଫ କରିଥିଲେ। ଏହି ଘଟଣାରେ ଅନ୍ୟ ଅଭିଯୁକ୍ତମାନେ ସମ୍ପୃକ୍ତ ଥିବା ଆଶଙ୍କା କରି ଗିରଫ ହୋଇଥିବା ରାମେଶ୍ୱର ଗ୍ରାମର ମାନଗୋବିନ୍ଦ ଭୋଇ(୩୮), କାଙ୍ଗାଳି ମହାରଣା(୫୮) ଓ ଅଜୟ କୁମାର ସାମଲ(୨୪)ଙ୍କୁ ଘଟଣାର ଅଧିକ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ବୁଧବାର ସାଲେପୁର ଜେଏମ୍‌ଏଫ୍‌ସିରେ ରିମାଣ୍ଡରେ ନେବାକୁ ଆବେଦନ କରିଥିଲେ। ସାଲେପୁର ଜେଏମ୍‌ଏଫ୍‌ସି ୩ ଅଭିଯୁକ୍ତଙ୍କୁ ୩ଦିନ ପାଇଁ ରିମାଣ୍ଡରେ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିବା ସରକାରୀ ଓକିଲ ତ୍ରିଲୋଚନ ବରାଳ ପ୍ରକାଶ କରିଛନ୍ତି।

# ଆଇଇଡି ସହ ମାଓବାଦୀ ସାମଗ୍ରୀ ଜବତ



ଜବତ ମାଓବାଦୀ ସାମଗ୍ରୀ।



ଜବତ ଆଇଇଡି।

ଫୁଲବାଣୀ/ ବାଲିଗୁଡ଼ା, ୮।୧(ରାକେଶ କୁମାର ରାଉତ/ ସଞ୍ଜୟ ପାଣିଗ୍ରାହୀ)

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳ ମାର୍ଦୁଲି ଗ୍ରାମ ନିକଟ ଜଙ୍ଗଲରେ ସିଆର୍‌ପିଏଫ୍ ଓ ଏସ୍‌ଓଜି ଯବାଙ୍କ ମିଳିତ କୋମ୍ବିଂ ଅପରେଶନ ବେଳେ ଏକ ମାଓବାଦୀ କ୍ୟାମ୍ପ ଠାବ ହୋଇଛି। ସେଠାରୁ ୨ଟି ଆଇଇଡି ସମେତ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ ଜବତ କରାଯାଇଛି। ସିଆର୍‌ପିଏଫ୍ ବୋମା ନିଷ୍କ୍ରିୟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଆଇଇଡିକୁ ନଷ୍ଟ କରିଛନ୍ତି। ଏନେଇ ବୁଧବାର ଏସ୍‌ପି ହରିଶ ବିସି ସୂଚନା ଦେଇଛନ୍ତି । ଏସ୍‌ପି କହିଛନ୍ତି, ସୁରକ୍ଷା ବାହିନୀକୁ ଟାର୍ଗେଟ୍ କରାଯାଇ ଏହି ଆଇଇଡିରଖା ଯାଇଥିଲା। ବିଶ୍ୱସ୍ତ ସୂତ୍ରରୁ ଖବରପାଇ ଏସ୍‌ଓଜି ଯବାନ ଏବଂ ସିଆର୍‌ପିଏଫ୍ ପକ୍ଷରୁ କୋମ୍ବିଂ ଅପରେଶ୍‌ନ ବାଲିଗୁଡ଼ା, ତୁମଡ଼ିବନ୍ଧ ଥାନା, କଳାହାଣ୍ଡି ଜିଲାର ଏମ୍ ରାମପୁର ଥାନା ଅଞ୍ଚଳରେ ଜାନୁଆରୀ ୩ ରେ ଆରମ୍ଭ କରା ଯାଇଥିଲା। ସେଠାରୁ ୧କେ.ଜି ବିଶିଷ୍ଟ ୨ଟି ଆଇଇଡି ଠାବ ସହ ଗୋଟିଏ ଦେଶୀ ବନ୍ଧୁକ, ସୋଲାର ପ୍ଲେଟ୍, ବିଦ୍ୟୁତ୍ ତାର, ପୋଷାକ, ଖାଦ୍ୟ ସାମଗ୍ରୀ ମିଳିଥିଲା। ଏହି କ୍ୟାମ୍ପରେ ୧୦ରୁ ୧୫ ମାଓବାଦୀ କେକେବିଏନ୍ ସଙ୍ଗଠନର ରହିଥିବା ଅନୁମାନ କରାଯାଉଛି। ପୋଲିସକୁ ଦେଖି ସେମାନେ ଛତ୍ରଭଙ୍ଗ ଦେଇଥିଲେ। ବର୍ତ୍ତମାନ ଛତିଶଗଡ଼ରେ ବାଓବାଦୀ ବିରୋଧୀ ଅଭିଯାନ ଜୋର୍‌ଦାର ଚାଲିଥିବାରୁ ସେମାନେ ଓଡ଼ିଶା ଭିତରେ ପଶିବାକୁ ଉଦ୍ୟମ କରୁଛନ୍ତି । ଓଡ଼ିଶା ପୋଲିସ ପକ୍ଷରୁ ସେମାନଙ୍କ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖାଯାଇଛି। ୨୦୨୬ ସୁଦ୍ଧା କନ୍ଧମାଳ ଜିଲାରୁ ମାଓବାଦୀ ସମସ୍ୟା ସମ୍ପୂର୍ଣ୍ଣ ଦୂରହେବ ବୋଲି ଏସ୍‌ପି କହିଛନ୍ତି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..............................

ବୟସ:..............................

ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସୁନା କ୍ରୟରେ ଭାରତ ଦ୍ୱିତୀୟ

## ୧୧ ମାସରେ ୭୩ ଟନ୍ ସୁନା କ୍ରୟ

**ଭୁବନେଶ୍ୱର,୮।୧(ଅନୁରାଧା ମହାରଣା)**

ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୦୨୪ ଜାନୁଆରୀରୁ ନଭେମ୍ବର ମଧ୍ୟରେ ୭୩ ଟନ୍ ସୁନା କିଣିଛି। କେବଳ ନଭେମ୍ବରରେ ଆର୍‌ବିଆଇ ୮ ଟନ ସୁନା କିଣିଥିବା ସୂଚନା ରହିଛି। ୨୦୨୪ ଶେଷ ସୁଦ୍ଧା ଆର୍‌ବିଆଇର ମୋଟ ସୁନା ପରିମାଣ ୮୭୬ ଟନ୍‌କୁ ବୃଦ୍ଧି ପାଇବ ବୋଲି ଆଶା କରାଯାଉଛି। ନଭେମ୍ବରରେ ଭାରତ ସୁନା କ୍ରୟ କ୍ଷେତ୍ରରେ ବିଶ୍ୱରେ ଦ୍ୱିତୀୟ ସ୍ଥାନରେ ରହିଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ ପୋଲାଣ୍ଡ (ଏନ୍‌ବିପି) ବିଶ୍ୱରେ ସୁନା ଭଣ୍ଡାର କ୍ଷେତ୍ରରେ ପ୍ରଥମ ସ୍ଥାନରେ ରହିଛି। ୱାର୍ଲ୍ଡ ଗୋଲ୍ଡ କାଉନସିଲ ଅନୁଯାୟୀ, ଏନ୍‌ବିପି ନଭେମ୍ବରରେ ୨୧ ଟନ୍ ସୁନା କିଣିଛି, ଯାହା ପରେ ଜାନୁଆରୀରୁ ନଭେମ୍ବର ମଧ୍ୟରେ ଏହାର ମୋଟ ସୁନା କ୍ରୟ ୯୦ ଟନ୍ ହୋଇଯାଇଛି। ଏହାର ସମୁଦାୟ ସୁନା ସଂରକ୍ଷଣ ୪୪୮ ଟନ୍‌ରେ ରହିବ, ଯାହାକି ଏହାର ସମୁଦାୟ ଭଣ୍ଡାରର ୧୮ ପ୍ରତିଶତ । ପିପୁଲ୍ସ ବ୍ୟାଙ୍କ ଅଫ୍ ଚାଇନା ୬ ମାସ ପରେ ସୁନା କ୍ରୟ ଆରମ୍ଭ କରିଛି ଏବଂ ଏହାର ଭଣ୍ଡାରରେ ୬ ଟନ୍ ଯୋଡ଼ିଛି। ନଭେମ୍ବର ପର୍ଯ୍ୟନ୍ତ ଏହା ସମୁଦାୟ ୩୪ ଟନ୍ ସୁନା କିଣିଛି। ଏହା ପରେ ଏହାର ମୋଟ ସୁନା ସଂରକ୍ଷଣ ୨୨୬୪ ଟନ୍‌କୁ ବୃଦ୍ଧି ପାଇଛି ଏବଂ ଏହା ଚାଇନାର ମୋଟ ସଂରକ୍ଷଣର ୫ ପ୍ରତିଶତ । ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଉଜ୍‌ବେକିସ୍ତାନ ମଧ୍ୟ ୩ ମାସ ପରେ ସୁନା କିଣିଛି ଏବଂ ଏହା ଅଧୀନରେ ନଭେମ୍ବର ୨୦୨୪ ରେ ୯ ଟନ୍ ସୁନା କିଣିଛି। ଏହିପରି ନଭେମ୍ବର ୨୦୨୪ ସୁଦ୍ଧା ଏହାର ମୋଟ ସୁନା କ୍ରୟ ୧୧ ଟନ୍ ପର୍ଯ୍ୟନ୍ତ ବୃଦ୍ଧି ପାଇଛି ଏବଂ ଏହାର ମୋଟ ସୁନା ସଂରକ୍ଷଣ ପରିମାଣ ୩୮୨ ଟନ୍‌ରେ ପହଞ୍ଚିଛି। ନ୍ୟାଶନାଲ ବ୍ୟାଙ୍କ ଅଫ୍ କାଜାଖସ୍ତାନ ନଭେମ୍ବରରେ ୫ ଟନ୍ ସୁନା କିଣିଛି ଏବଂ ଏହା ପରେ ଏହି ଦେଶର ମୋଟ ସୁନା ସଂରକ୍ଷଣ ୨୯୫ ଟନ୍‌କୁ ବୃଦ୍ଧି ପାଇଛି। ସେହିପରି ତୁର୍କୀର ସେଣ୍ଟ୍ରାଲ ବ୍ୟାଙ୍କ ୩ ଟନ୍ ସୁନା ଏବଂ ଚେକ୍ ନ୍ୟାଶନାଲ ବ୍ୟାଙ୍କ (ଚେକ୍ ରିପବ୍ଲିକ୍‌ର କେନ୍ଦ୍ରୀୟ ବ୍ୟାଙ୍କ) ୨ ଟନ ସୁନା କିଣିଛି। ନଭେମ୍ବରରେ ସିଙ୍ଗାପୁରର ମୁଦ୍ରା ପ୍ରାଧିକରଣ ସୁନା ବିକ୍ରିକରି ଏହାର ସୁନା ଭଣ୍ଡାରକୁ ୫ ଟନ୍ ହ୍ରାସ କରିଛି। ନଭେମ୍ବର ୨୦୨୪ ସୁଦ୍ଧା ଏହି ଦେଶ ସମୁଦାୟ ୭ ଟନ୍ ସୁନା ବିକ୍ରି କରିଛି ଏବଂ ସେମାନଙ୍କର ମୋଟ ସୁନାଭଣ୍ଡାର ୨୨୩ ଟନ୍‌କୁ ଖସି ଆସିଛି।



# ବିଜେନ୍ଦ୍ର ପ୍ରତାପ ନାଲ୍‌କୋର ନୂଆ ସିଏମ୍‌ଡି

**ଭୁବନେଶ୍ୱର,୮।୧: (ଅଭୟ ଦାଶ)**

ନ୍ୟାଶନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ)ର ନୂଆ ସିଏମ୍‌ଡି (ଚେୟାରମ୍ୟାନ କମ୍ ମ୍ୟାନେଜିଂ ଡାଇରେକ୍ଟର) ଭାବେ ବିଜେନ୍ଦ୍ର ପ୍ରତାପ ସିଂ ବୁଧବାର ଭୁବନେଶ୍ୱରସ୍ଥିତ ନାଲ୍‌କୋ ମୁଖ୍ୟ କାର୍ଯ୍ୟାଳୟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସିଂ ସେଲ୍‌ର ବର୍ଣ୍ଣପୁର ଏବଂ ଦୁର୍ଗାପୁର ଇସ୍ପାତ କାରଖାନାର ନିର୍ଦ୍ଦେଶକ (ଇନ୍-ଚାର୍ଜ) ସହ ସେଲ୍ ବୋର୍ଡର ସଦସ୍ୟ ମଧ୍ୟ ଥିଲେ। ସେହିଭଳି ଖଣି ଏବଂ ଇସ୍ପାତ କ୍ଷେତ୍ରରେ ତାଙ୍କର ଦୀର୍ଘ ୩୫ ବର୍ଷରୁ ଅଧିକ ସମୟର ଅଭିଜ୍ଞତା ସହ ସିଂଙ୍କ କାର୍ଯ୍ୟଶୈଳୀ ଏବଂ ଶିଳ୍ପକ୍ଷେତ୍ରରେ ତାଙ୍କର ପାରଦର୍ଶିତା ସେଲ୍‌ର ଆଧୁନିକୀକରଣ ନିମନ୍ତେ ପ୍ରମୁଖ ଭୂମିକା ଗ୍ରହଣ କରିଛି,ଯାହା ଭାରତର ଇସ୍ପାତ କ୍ଷେତ୍ରର ଅଭିବୃଦ୍ଧି ଏବଂ ସ୍ଥାୟିତ୍ୱକୁ ସୁନିଶ୍ଚିତ କରିପାରିଛି। ଏପରିକି ମାଇନିଂ, ବ୍ଲାଷ୍ଟ ଫର୍ନେସ, ସିଣ୍ଟର ପ୍ଲାଣ୍ଟ, ମେଣ୍ଟେନାନ୍ସ ଏବଂ ପ୍ଲାଣ୍ଟ ପରିଚାଳନା କ୍ଷେତ୍ରରେ ତାଙ୍କର ବିସ୍ତୃତ ଅଭିଜ୍ଞତା ରହିଛି। ବିଜେନ୍ଦ୍ର ପ୍ରତାପ ସିଂଙ୍କ ଯୋଗଦାନ ହେତୁ ନାଲ୍‌କୋର ବିଭିନ୍ନ ପ୍ରକଳ୍ପର ସମ୍ପ୍ରସାରଣ ତଥା ନୂତନ ପ୍ରକଳ୍ପଗୁଡ଼ିକର ଆଶାନ୍ୱିତ ରୂପାୟନ ସୁନିଶ୍ଚିତ ହୋଇପାରିବ।



ବିଜେନ୍ଦ୍ର ପ୍ରତାପ ସିଂ

# ଶେୟାର ବଜାର କାରବାରରେ ହ୍ରାସ

**ମୁମ୍ବାଇ, ୮।୧**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୫୧ (୫୦.୬୨) ପଏଣ୍ଟ କମି ୭୮,୧୪୮ (୭୮,୧୪୮.୪୯) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ ରେ ମଧ୍ୟ ୧୯ (୧୮.୯୫) ପଏଣ୍ଟ ହ୍ରାସ ଘଟି ୨୩,୬୮୯ (୨୩,୬୮୮.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍‌ଇ ସେନ୍‌ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହ ଏନ୍‌ଏସ୍‌ଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡ଼ିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ଦୁଲ୍‌ଦୁଲିରେ ଶୁଭଲକ୍ଷ୍ମୀ ମହିଳା ସମିତିର ଉତ୍ସାହଜନକ କାରବାର

**ଭୁବନେଶ୍ୱର,୮।୧**

ବେଦାନ୍ତ ଆଲୁମିନିୟମ ଦ୍ୱାରା ସମର୍ଥିତ ମହିଳା ସମବାୟ ସମିତି 'ଶୁଭଲକ୍ଷ୍ମୀ ବହୁମୁଖୀ ମହିଳା ସମବାୟ ସମିତି ଲିମିଟେଡ୍' ନିକଟରେ ଶେଷ ହୋଇଥିବା ଦୁଲ୍‌ଦୁଲି ପ୍ରଦର୍ଶନୀ-୨୦୨୫ରେ ବେଶ୍ ଉତ୍ସାହଜନକ କାରବାର କରିଥିଲା।

ଉଲ୍ଲେଖଯୋଗ୍ୟ, ଓର୍‌ମାସ ଏବଂ ଜିଲା ପ୍ରଶାସନ ଝାରସୁଗୁଡ଼ାର ମିଳିତ ସହଭାଗିତାରେ ଆୟୋଜିତ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୨୫ ନିକଟରେ ଉଦ୍‌ଯାପିତ ହୋଇଯାଇଛି। ଏହି ମେଳାରେ ଶୁଭଲକ୍ଷ୍ମୀ ବହୁମୁଖୀ ମହିଳା ସମବାୟ ସମିତି ଲିମିଟେଡ୍‌ର ଆକର୍ଷଣୀୟ ଷ୍ଟଲ୍ ବେଶ୍ ଚର୍ଚ୍ଚାରେ ରହିଥିଲା। ଏପରିକି ଏହି ଷ୍ଟଲ୍‌କୁ ଓଡ଼ିଶା ସରକାରଙ୍କ ଗ୍ରାମୀଣ ବିକାଶ ଓ ମାର୍କେଟିଂ ସୋସାଇଟିର ସିଇଓ ଯୁବରାଜ ସାହୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସେହିଭଳି ଏହି ଷ୍ଟଲ୍ ଜରିଆରେ ସମିତିର ସଦସ୍ୟାମାନଙ୍କ ସୃଜନଶୀଳତା ଓ ଉଦ୍ୟୋଗୀ ମନୋଭାବକୁ ପ୍ରଦର୍ଶିତ କରାଯାଇଥିଲା। ଏପରିକି ଏଥିରେ ବିଭିନ୍ନ ପ୍ରକାର ଖାଦ୍ୟ, ଫିନାଇଲ, ସୁଗନ୍ଧିତ କ୍ୟାଣ୍ଡେଲ ଓ ଅନ୍ୟାନ୍ୟ ହସ୍ତଶିଳ୍ପ ସାମଗ୍ରୀ ଉଭୟ ବିକ୍ରୟ ଓ ପ୍ରଦର୍ଶିତ ପାଇଁ ରହିଥିଲା। ଏହି ଷ୍ଟଲ୍ ୧୦,୦୦୦ରୁ ଅଧିକ ପରିଦର୍ଶକଙ୍କୁ ଆକୃଷ୍ଟ କରିଥିଲା।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଥିଲେ, ଶୁଭଲକ୍ଷ୍ମୀ ବହୁମୁଖୀ ମହିଳା ସମିତି ଲିମିଟେଡ୍ ନେତୃତ୍ୱରେ ଉଦ୍ୟୋଗର ପରିବର୍ତ୍ତନଶୀଳ ଶକ୍ତି ଆମ ସମସ୍ତଙ୍କ ପାଇଁ ଏକ ଉଦାହରଣ ପାଲଟିଛି। ଏହାର ପ୍ରଭାବଶାଳୀ କାରିଗରଙ୍କୁ ଏକ ପ୍ଲାଟ୍‌ଫର୍ମ ଯୋଗାଇଦେଇଥିବାରୁ ଆମେ ବେଶ୍ ଉତ୍ସାହିତ ଓ ଗର୍ବିତ ଥିଲାବେଳେ ଆମେ ଚାହୁଁ ଆମ ଗୋଷ୍ଠୀର ବିକାଶ ହେଉ। ସେହିପରି ଶୁଭଲକ୍ଷ୍ମୀ ବହୁମୁଖୀ ମହିଳା ସମିତି ଲିମିଟେଡ୍‌ର ସଭାପତି ପଙ୍କଜିନୀ ଓରାମ କହିଥିଲେ, ସମିତି ମାଧ୍ୟମରେ ଆମେ ଆମର ପ୍ରତିଭା ପ୍ରଦର୍ଶନ କରୁଛୁ। ଏପରିକି ବେଦାନ୍ତ ଆଲୁମିନିୟମ ଆମକୁ ସୁଯୋଗ ଦେଇଥିବାରୁ ଆମେ ବହୁ ଖୁସି ଅନୁଭବ କରୁଛୁ। ଅପରପକ୍ଷରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀ କହିଥିଲେ, ଶୁଭଲକ୍ଷ୍ମୀ ମହିଳା ସମିତି ପରି ପଦକ୍ଷେପ କେବଳ ମହିଳାମାନଙ୍କୁ ସଶକ୍ତ କରେ ନାହିଁ ବରଂ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିଥାଏ।



# ବିଏମ୍‌ଏଫ୍‌ର ନୂତନ ଉତ୍ପାଦ

**ନୂଆଦିଲ୍ଲୀ,୮।୧**

ବନ୍ଧନ ମ୍ୟୁଚୁଆଲ ଫଣ୍ଡର ନୂତନ ଉତ୍ପାଦ 'ବନ୍ଧନ ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହା ଏକ ଓପନ୍-ଏଣ୍ଡେଡ୍ ସ୍କିମ୍ ହୋଇଥିଲାବେଳେ ଯାହା ଦୁଇଟି ନିବେଶ କାରକ ଯଥା ଆଲ୍‌ଫା ଓ ଲୋ ଭୋଲାଟିଲିଟିକୁ ଏକତ୍ରିତ କରୁଛି। ସେହିଭଳି ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସକୁ ଟ୍ରାକ୍‌କରି ଏହି ଫଣ୍ଡ ଉକ୍ତ ଷ୍ଟକ୍‌ଗୁଡ଼ିକୁ ଚୟନ କରିଥାଏ, ଯାହା ନିମ୍ନ ଅସ୍ଥିରତା ବଜାୟ ରଖି ପୂର୍ବରୁ ସୃଷ୍ଟି ହୋଇଥିବା ଆଲ୍‌ଫାକୁ ପ୍ରଦର୍ଶିତ କରୁଛି। ଏହି ରଣନୀତି ମଜଭୁତ ଅଭିବୃଦ୍ଧି ସୁଯୋଗଗୁଡ଼ିକୁ ହାସଲ କରିବା ସହ ଅନିଶ୍ଚିତ ବଜାରଗୁଡ଼ିକରେ ଅପେକ୍ଷାକୃତ ସ୍ଥିରତା ପ୍ରଦାନ କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ଦୁଇଟି କାରକକୁ ଏକତ୍ରିତକରି ଏହି ଫଣ୍ଡ ବଜାର ଚକ୍ରଗୁଡ଼ିକରେ ନିରବଚ୍ଛିନ୍ନ ପ୍ରଦର୍ଶନ କରିବା,ଊର୍ଦ୍ଧ୍ୱମୁଖୀ ସମ୍ଭାବନାକୁ ଧ୍ୟାନରେ ରଖିବା ଏବଂ ନିମ୍ନଗାମୀ ହେବାର ବିପଦକୁ ଦୂରକରିବା ପାଇଁ ଚାହୁଁଛି। ଏହି ନୂତନ ଫଣ୍ଡ ଅଫର ବା ଏନ୍‌ଏଫ୍‌ଓ ୨୦୨୫ ଜାନୁଆରୀ ୮ରେ ଆରମ୍ଭ ହୋଇ ୨୦୨୫ ଜାନୁଆରୀ ୨୦ରେ ବନ୍ଦ ହେବ।

ଏ ସମ୍ପର୍କରେ ବନ୍ଧନ ଏଏମ୍‌ସିର ସିଇଓ ବିଶାଳ କପୁର କହିଛନ୍ତି, ବନ୍ଧନ ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ଫଣ୍ଡ୍‌ର ରଣନୀତି ଅଭିବୃଦ୍ଧି ସମ୍ଭାବନା ପାଇଁ ଆଲ୍‌ଫାକୁ ସ୍ଥିରତା ପାଇଁ ନିମ୍ନ ଅସ୍ଥିରତା ସହ ଏକତ୍ରିତ କରିଥାଏ, ଯାହା ବିଭିନ୍ନ ପ୍ରକାର ବଜାର ସ୍ଥିତିରେ ମଜଭୁତ ରିସ୍କ-ଆଡ୍‌ଜଷ୍ଟେଡ୍ ରିଟର୍ନ ଦେବାକୁ ଲକ୍ଷ୍ୟ ରଖିଛି। ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ପୂର୍ବରୁ ଉଭୟ ବିସ୍ତୃତ ବଜାର ସୂଚକାଙ୍କ ଓ ସିଙ୍ଗଲ୍-ଫ୍ୟାକ୍ଟର ସୂଚକାଙ୍କଗୁଡ଼ିକୁ ପ୍ରଦର୍ଶନ ପଛରେ ପକାଇଛି, ବିସ୍ତୃତ ବଜାର ସୂଚକାଙ୍କଗୁଡ଼ିକ ତୁଳନାରେ ନିମ୍ନ ଓ ସମାନ ଅସ୍ଥିରତା ସ୍ତରରେ ଏହି ଉନ୍ନତ ପ୍ରଦର୍ଶନ ହାସଲ କରିଛି। ବନ୍ଧନ ନିଫ୍ଟି ଆଲ୍‌ଫା ଲୋ ଭୋଲାଟିଲିଟି ୩୦ ଇଣ୍ଡେକ୍ସ ଫଣ୍ଡ୍‌କୁ ଉଚ୍ଚ ରିସ୍କ ନେବାକୁ ଚାହୁଁଥିବା ନିବେଶକଙ୍କ ପାଇଁ ଡିଜାଇନ କରାଯାଇଛି। ଯେଉଁମାନେ ଏକ ଗତିଶୀଳ, ମଲ୍ଟି-ଫ୍ୟାକ୍ଟର ରଣନୀତି ସହ ନିଜର ପୋର୍ଟଫୋଲିଓକୁଉନ୍ନତକରିବାକୁଚାହୁଁଛନ୍ତି।


# Classified Everyday

0674-2580101, 9692975378



REAL ESTATE

**SALE**

**4BHK Luxurious flat for sale at Unit-3 Kharavelanagar back side of Ram Mandir handover within 2months. Please contact- 9438362399.** D-2494

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9777554170, 7978874990.** D-2519



Healthcare

Newly open health benefits spa special offer @799, Bapujinagar, 8018429809. D-76183

Full Body Massage Experience, Good Looking Therapist @999 (Bhubaneswar). 9078484455. D-2485

Newly open health benefits spa by experience lady therapist. 8117972440. D-76182

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-2491



education

ଘରେ ରହି Online Class କରିବାକୁ ଚାହୁଁଛନ୍ତି କି? Std 1-7 CBSE Odia ଯୋଗାଯୋଗ- 7735223768. D-74322

**AFFIDAVIT**

I, Pramita, D/o Prakash Chandra Pal, resident of C-7/3, Highland Residency, Sailashreevihar, Bhubaneswar, Pin-751021, Odisha, declare by affidavit No. 19752, Dtd. 27.10.2024, that now onwards I shall be known as PRAMITA PAL, for all future purposes. D-2518

As per affidavit before Executive Magistrate, Bahanaga, I, Nalita Naik, W/o Utpal Kumar Mohapatra, Vill.- Athilabaj, P.O.- Avana, P.S.- Soro, Dist.- Balasore, Odisha but wrongly made as Namita Naik in Aadhaar Card No. xxxx xxxx 4245. Henceforth, I shall be known as Nalita Naik for all purposes in future. D-2522

I, Prasanta Das, old name Budhia Das, S/o- Dhadi Das, At- Alana, P.O.- Nimol, P.S.- Tirtol, Dist.- Jagatsinghpur, Odisha- 754138 do here by declare by this affidavit No. C.F.No.- 40, dated on 08.01.2025 I shall be known as Prasanta Das for all purposes. D-73571

By virtue of an affidavit sworn before Notary Public, Khordha, SL-28 dated 07.01.2025, I, Hrudanand Jena (New Name), Address: At- Baraara (Haripur), P.O.- Aragul, P.S.- Jatni, Dist.- Khordha, State- Odisha, Pin- 752050 declare that I have changed my name from Hrudananda Jena (Old name) to Hrudanand Jena (New name). Henceforth, I shall be known as HRUDANAND JENA (New name) for all purposes. D-76187

By virtue of an affidavit sworn before Executive Magistrate, Bhubaneswar, dated 02.01.2025, I, Sarat Kumar Majhi, Address: At- Laxminagar, Saliasahi, P.O.- RRL, Jaydev Vihar, P.S.- Maitrivihar, Bhubaneswar, Dist.- Khordha, Odisha- 751013 declare that I have changed my son's name from Sushanta Majhi to Sushanta Kumar Majhi. Henceforth, he shall be known Sushanta Kumar Majhi for all purposes. (Sarat Kumar Majhi) D-2521

**LOST**

I, Rati Ranjan Paltasingh, S/o- Rohit Paltasingh, resident at Jethisahi, P.O.- Daruthenga, P.S.- Chandaka, Bhubaneswar, Dist.- Khurda. I am the owner of Vacant Land vide Plot No.- 235/1387 & 232/1388, Khata No.- 105/2360, Area- Ac. 0.094 dec. at Mouza- Tulasadeipur, Tahasil-Bhubaneswar Dist.-Khurda. I have lost original link Document. 1- Sale deed No.- 4945 dtd. 15.12.1998. 2- Sale deed No.- 1831 dtd. 15.04.1997. 3- Sale deed No.- 11131015861 dtd.23.12.2010. 4- ROR Khata No.- 105/848 & 105/847 (Patta) at my village. Therefore notice is hereby given to general public anybody has got any right, title, interest over the said property on the missing document they have to claim before within 10 days of publication. Contact details : Mr. Rati Ranjan Paltasingh, contact number- 8327778338. D-2520

**ପାଠକଙ୍କ ପାଇଁ ସୂଚନା-** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ୨୦୨୭ ସେପ୍ଟେମ୍ବର ସୁଦ୍ଧା ତାଳଚେର ଥର୍ମାଲର ପ୍ରଥମ ୟୁନିଟ୍ କାର୍ଯ୍ୟକ୍ଷମ





ଥର୍ମାଲ ସମ୍ମିଳନୀ କକ୍ଷରେ ଖବରଦାତା ସମ୍ମିଳନୀରେ ପ୍ରକଳ୍ପ ଅଧିକାରୀଙ୍କ ସମେତ ଅନ୍ୟମାନେ।

**ଅନୁଗୋଳ,୮।୧(ମାନସ ବିଶ୍ୱାଳ)/ ତାଳଚେର (ମନୋଜ ନନ୍ଦ)**

ଅନୁଗୋଳ ଜିଲା ଏନ୍‌ଟିପିସି ତାଳଚେର ଥର୍ମାଲ୍‌ର ପ୍ରଥମ ୟୁନିଟ୍ ସେପ୍ଟେମ୍ବର ୨୦୨୭ ସୁଦ୍ଧା କାର୍ଯ୍ୟକ୍ଷମ ହେବ। ଥର୍ମାଲ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକଳ୍ପ ମୁଖ୍ୟ ଜେନେରାଲ ମ୍ୟାନେଜର ବିଜୟ ଚାନ୍ଦ ଏହି ସୂଚନା ଦେଇଛନ୍ତି। ଚାନ୍ଦ କହିଛନ୍ତି, ସମ୍ପ୍ରତି ୨୦ ପ୍ରତିଶତ ନିର୍ମାଣ କାର୍ଯ୍ୟ ସମାପ୍ତ ହୋଇଛି ଏବଂ ସମୟସୀମା ମଧ୍ୟରେ ଏହା ପୂରଣ ପାଇଁ ପ୍ରୟାସ ଜାରି ରହିଛି। ପରିବେଶ ସଂରକ୍ଷଣ ଏବଂ ସମ୍ପ୍ରଦାୟର କଲ୍ୟାଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। ଶୂନ୍ୟ ତରଳ ନିଷ୍କାସନ, ବୃହତ୍ ଚାରା ରୋପଣ ଏବଂ ସମ୍ପ୍ରଦାୟର ବିକାଶ କାର୍ଯ୍ୟକ୍ରମ ଭଳି ପଦକ୍ଷେପ ସହିତ ମିଳିତ ଭାବରେ ଏନ୍‌ଟିପିସି ତାଳଚେର ଥର୍ମାଲର ଦାୟିତ୍ୱ ଶକ୍ତି ଉତ୍ପାଦନ ଏବଂ ନିରନ୍ତର ଅଭିବୃଦ୍ଧି ପାଇଁ ଉତ୍ସର୍ଗୀକୃତ ହୋଇଛି। ଏହି ନୂତନ ପ୍ରକଳ୍ପ ଏକ ପ୍ରମୁଖ ଶକ୍ତି ହବ୍ ହେବା ସହ ଓଡ଼ିଶାର ଭୂମିକାକୁ ମଜଭୁତ କରିବ ବୋଲି ପ୍ରକଳ୍ପ ମୁଖ୍ୟ ଚାନ୍ଦ ପ୍ରକାଶ କରିଛନ୍ତି।


## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



**ସ୍ୱ ଶର୍ମିଷ୍ଠା ମହାନ୍ତି**

MIG - 69, Phase - 3, Lane - 5
Ananta Vihar, Pokhariput
Bhubaneswar - 751020

ଆବିର୍ଭାବ : ୨୫.୦୫.୧୯୬୩
ତିରୋଧାନ : ୦୨.୦୧.୨୦୨୩

ତୁମର ପୂଣ୍ୟ ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।

ଶୋକସନ୍ତପ୍ତ ପରିବାରବର୍ଗ

ସ୍ୱାମୀ - ଭଗବାନ ମହାନ୍ତି, ପୁଅ - ଦେବାଶିଷ, ବୋହୂ - ଅପରାଜିତା, ଝିଅ - ଆଲିଶା, ଜ୍ୱାଇଁ - ରାଜୀବ, ନାତି - ସାତ୍ତ୍ୱିକ, ବନ୍ଧୁ ଓ ପରିବାରବର୍ଗ।

D-2461


# ସ୍କ୍ୱିଡ୍ ଗେମ୍ ସହ ରୟାଲ ଷ୍ଟାଗ୍‌ର ବୁଝାମଣା

**ନୂଆଦିଲ୍ଲୀ,୮।୧**

ନେଟ୍‌ଫ୍ଲିକ୍ସର ରେକର୍ଡ ବ୍ରେକିଂ ସିରିଜ ସ୍କ୍ୱିଡ୍ ଗେମ୍ ସିଜନ-୨ ସହ ସିଗ୍ରାମ୍‌ର ରୟାଲ ଷ୍ଟାଗ୍‌ର ବୁଝାମଣା ହୋଇଛି। ଏପରିକି ସ୍କ୍ୱିଡ୍ ଗେମ୍ ସିଜନ-୨ ପାଇଁ ବ୍ରାଣ୍ଡ ଏହି ସହଭାଗିତା କରିଛି। ଏହା ରୟାଲ ଷ୍ଟାଗ୍‌ର 'ଲିଭ୍ ଇଟ୍ ଲାର୍ଜ' ଦର୍ଶନ ସହ ଗଭୀର ଭାବେ ଜଡ଼ିତ ରହିଛି। ବିଶେଷକରି ଏହା ଦର୍ଶକଙ୍କୁ ବିଶ୍ୱର ଏକ ସର୍ବାଧିକ ଲୋକପ୍ରିୟ ସାଂସ୍କୃତିକ ଉତ୍ସବର ଅଂଶ ହେବାର ଉନ୍ନତ ଅନୁଭବ ପ୍ରଦାନ କରୁଛି, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ଅନେକ ଲକ୍ଷ ଲୋକଙ୍କ ହୃଦୟ ଜିତିଛି। ଆଜିର ଯୁବପିଢ଼ିଙ୍କ ମଧ୍ୟରେ କେ-ଡ୍ରାମା ଅତ୍ୟଧିକ ଲୋକପ୍ରିୟ ହୋଇଛି। ତେଣୁ ଏହି ସହଭାଗିତା ବ୍ରାଣ୍ଡକୁ ଯୁବପିଢ଼ିଙ୍କ ଉତ୍ସାହର ଅଂଶ ହେବା ସହିତ ସେମାନଙ୍କ ସହ ଜଡ଼ିତ ହେବା ଓ ସେମାନଙ୍କ ଆକାଂକ୍ଷାରେ ସାମିଲହେବା ପାଇଁ ଏକ ଉତ୍ତମ ସୁଯୋଗ ପ୍ରଦାନ କରୁଛି। ରୟାଲ ଷ୍ଟାଗ୍ ମୁଖା ପିନ୍ଧିଥିବା ଗାର୍ଡ ଓ ଶୋ'ର ସିଗ୍ନେଚର ପ୍ରତୀକ ସହ 'ସ୍କ୍ୱିଡ୍ ଗେମ୍'ର ଏଲିମେଣ୍ଟକୁ ପ୍ରଦର୍ଶିତ କରୁଛି ଏବଂ ବିଭିନ୍ନ ଡିଜିଟାଲ ପ୍ଲାଟ୍‌ଫର୍ମରେ ଏହି ସହଭାଗିତାର ଲାଭ ଉଠାଉଛି। ଅପରପକ୍ଷରେ ଦର୍ଶକମାନେ www.royalstagfan.com ରେ ରୋମାଞ୍ଚକର ରୟାଲ ଷ୍ଟାଗ୍ ସ୍କ୍ୱିଡ୍ ଗେମ୍ ଗିଭ୍‌ଆୱେକୁ ଜିତିବାର ସୁଯୋଗ ପାଇପାରିବେ। ଏପରିକି ଶୋ'ର ପ୍ରିମିୟର ପରଠାରୁ ଏହା ବ୍ରାଣ୍ଡର ସ୍ୱତନ୍ତ୍ର କ୍ୟାମ୍ପେନ ଟ୍ୱିଟରରେ ମଧ୍ୟ ଟ୍ରେଣ୍ଡ କରୁଛି। ପର୍ନୋଡ ରିକାର୍ଡ ଇଣ୍ଡିଆର ମାର୍କେଟିଂ ଜେନେରାଲ ମ୍ୟାନେଜର ଜୟଦୀପ ବସୁରାୟ କହିଛନ୍ତି, ନେଟ୍‌ଫ୍ଲିକ୍ସର ସ୍କ୍ୱିଡ୍ ଗେମ୍ ସହ ରୟାଲ ଷ୍ଟାଗ୍‌ର ଏହି ସହଭାଗିତା ବ୍ରାଣ୍ଡକୁ କେ-କଲ୍ଚର ପ୍ରତି ଯୁବପିଢ଼ିଙ୍କ ଆକର୍ଷଣର ଲାଭ ଉଠାଇବାରେ ସାହାଯ୍ୟ କରିବ। ଉକ୍ତ ସହଭାଗିତା ସହ ବ୍ରାଣ୍ଡ ଯୁବପିଢ଼ିଙ୍କ ସହ ଭାବନାତ୍ମକ ଭାବେ ଜଡ଼ିତ ହେବା ସହ ଏହାଦ୍ୱାରା ବ୍ରାଣ୍ଡର ଯୁବ ଛବି ବିକଶିତ ହୋଇପାରିବ। ରୟାଲ ଷ୍ଟାଗ୍ ବ୍ରାଣ୍ଡ ସବୁବେଳେ ବଡ଼ ସ୍ୱପ୍ନ ଦେଖୁଥିବା ଏବଂ ନିଜ ଆଗ୍ରହ ଓ ଉଦ୍ଦେଶ୍ୟ ସହ ଜୀବନ ବଞ୍ଚୁଥିବା ଲୋକଙ୍କୁ ସମର୍ଥନକରି ଆସିଛି। ଠିକ୍ ଏହି ଶୋ' ଭଳି। 'ସ୍କ୍ୱିଡ୍ ଗେମ୍ ସିଜନ-୨ ସହ ଏହି ସହଭାଗିତା ଆମକୁ ନିଜ ଦର୍ଶକ ଓ ଆଜିର ପିଢ଼ିକୁ ଏକ ଜୀବନ୍ତ ଅନୁଭବ ଓ ସାମାଜିକ ମୂଲ୍ୟବୋଧ ପ୍ରଦାନ କରିବାରେ ସାହାଯ୍ୟ କରିବ।

# ୭ ମାସରେ ଆଇନଶୃଙ୍ଖଳା ଚିନ୍ତାଜନକ: ବିଜେଡି

ଭୁବନେଶ୍ୱର,୮।୧(ଅନିଲ ଦାସ)

ପ୍ରବାସୀ ଭାରତୀୟ ଦିବସ କାର୍ଯ୍ୟକ୍ରମ ବୁଧବାରଠାରୁ ଭୁବନେଶ୍ୱରରେ ଆରମ୍ଭ ହୋଇଛି । ଦେଶ ବିଦେଶରୁ ପ୍ରବାସୀ ଓଡ଼ିଶାରେ ଏକତ୍ରିତ ହୋଇଛନ୍ତି । ଏହା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଏକ ସୌଭାଗ୍ୟର କଥା। ଅନ୍ୟପକ୍ଷରେ ରାଜ୍ୟରେ ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି, ଯାହା ରାଜ୍ୟବାସୀଙ୍କ ଚିନ୍ତାର କାରଣ ହୋଇଛି ବୋଲି ବିଜୁ ଜନତା ଦଳର ବିଧାୟକ ତଥା ମୁଖପାତ୍ର ଗୌତମବୁଦ୍ଧ ଦାସ ଓ ବିଜେଡି ମୁଖପାତ୍ର ତଥା ମିଡିଆ ସଂଯୋଜକ ଲେନିନ୍ ମହାନ୍ତି କହିଛନ୍ତି। ଶଙ୍ଖଭବନଠାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଗୌତମବୁଦ୍ଧ ଦାସ କହିଛନ୍ତି, ରାଜଧାନୀ ଭୁବନେଶ୍ୱରରେ ଯେତେବେଳେ ପ୍ରବାସୀ ଭାରତୀୟ ଦିବସ ପାଇଁ ୭ ହଜାରରୁ ଉର୍ଦ୍ଧ୍ୱ ଅତିଥି ଉପସ୍ଥିତ ଅଛନ୍ତି, ଠିକ୍ ସେତିକି ବେଳେ ରାଜଧାନୀ ଛାତି ଉପରେ ଏକ ଜଘନ୍ୟ ହତ୍ୟା ଘଟଣା ଘଟିଛି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ସଫେଇ କର୍ମଚାରୀ ସଂଘର ସଭାପତି ଓ ଜଣେ ପୋଲିସ ମିତ୍ର। ଜାତୀୟ ରାଜପଥ ଉପରେ ସ୍ୱଷ୍ଟ ଦିବାଲୋକରେ ଜଣେ ପୋଲିସ ମିତ୍ରଙ୍କ ହତ୍ୟା ଘଟୁଛି, କିନ୍ତୁ ପୋଲିସ ଜାଣିପାରୁନି। ଗତ ୭ ମାସରେ ନୂଆ ସରକାର ଦାୟିତ୍ୱ ନେବା ପରେ ରାଜ୍ୟରେ ଅପରାଧ ବଢ଼ି ବଢ଼ି ଚାଲିଛି। ଏଭଳି ଆଇନଶୃଙ୍ଖଳା ସ୍ଥିତିରେ ଆମେ ପ୍ରବାସୀ ଭାରତୀୟମାନଙ୍କୁ କିପରି ସୁରକ୍ଷା ପ୍ରଦାନ କରିବା, ସେନେଇ ସନ୍ଦେହ ରହିଛି ବୋଲି ଗୌତମବୁଦ୍ଧ କହିଛନ୍ତି।



ଖବରଦାତା ସମ୍ମିଳନୀରେ ବିଜେଡି ମୁଖପାତ୍ର ବିଧାୟକ ଗୌତମ ଦାସ ଓ ମିଡ଼ିଆ ସଂଯୋଜକ ଲେନିନ୍ ମହାନ୍ତି।

ଲେନିନ୍ ମହାନ୍ତି କହିଛନ୍ତି, ରାଜ୍ୟରେ ୧୧ ଦିନରେ ୧୧ ଜଣ ଚାଷୀଙ୍କ ମୃତ୍ୟୁ ଘଟିଛି। ଅଦିନିଆ ବର୍ଷା ଯୋଗୁ ବ୍ୟାପକ ଫସଲହାନି ହୋଇଛି, ଯାହା ଚାଷୀସମାଜର ମେରୁଦଣ୍ଡ ଭାଙ୍ଗିଦେଇଛି। କେଉଁଠି ନା କେଉଁଠି ଚାଷୀସମାଜ ସରକାରଙ୍କ ଉପରେ ଭରସା କରିପାରୁ ନାହିଁ । ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇପଡିଛି। ସମ୍ବଲପୁର ଜିଲାରେ ୨ଜଣ ଭାଜପା ନେତାଙ୍କ ହତ୍ୟାଭଳି ଘଟଣା ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳାକୁ ଦର୍ଶାଇଛି। ରାଜଧାନୀ ଭୁବନେଶ୍ୱରରେ ଦିବାଲୋକରେ ମୁଣ୍ଡରୁ ଗଣ୍ଡି ଅଲଗା କରି ହତ୍ୟାକାଣ୍ଡ ଘଟିବା ନିଶ୍ଚିତ ଭାବେ ଏକ ବିରଳଘଟଣା। ତାଛଡ଼ା ଭୁବନେଶ୍ୱରରେ ହତ୍ୟା, ଛିନ୍ତାଇ ଭଳି ଘଟଣା ମଧ୍ୟ ନିୟମିତ ଭାବେ ଘଟି ଚାଲିଛି। ମହିଳାଙ୍କ ବିରୋଧରେ ଅପରାଧ ମଧ୍ୟ ଚିନ୍ତାଜନକ ସ୍ଥିତିରେ ରହିଛି। ସେହିପରି ଡିସେମ୍ବର ୧୨ରେ ସୁନ୍ଦରଗଡ଼ରେ ମହିଳାଙ୍କୁ ହତ୍ୟାକରି ଖଣ୍ଡ ଖଣ୍ଡ କରି ଫିଙ୍ଗିଦେବା, ଡିସେମ୍ବର ୧୩ ତାରିଖରେ କଟକରେ ଜଣେ ୩୫ ବର୍ଷୀୟ ମହିଳାଙ୍କୁ ହତ୍ୟା, ଡିସେମ୍ବର ୧୬ରେ ଏକ ୧୩ ବର୍ଷ ବୟସର ନାବାଳକଙ୍କୁ ଅପହରଣ ଓ ହତ୍ୟା, ନଭେମ୍ବର ୭ରେ ସମ୍ବଲପୁରରେ ମା' ଓ ଝିଅଙ୍କୁ ପୋଡ଼ି ହତ୍ୟା, ଗାଡ଼ି ପାର୍କିଂକୁ ନେଇ ୨ଜଣଙ୍କୁ ଭୁବନେଶ୍ୱରରେ ହତ୍ୟା ଓ ରେମୁଣାରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ପରେ ହତ୍ୟା ଆଦି ସମ୍ବେଦନଶୀଳ ଘଟଣାର ଉଲ୍ଲେଖ କରି ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ସମ୍ପର୍କରେ ଲେନିନ୍ ସୂଚନା ଦେଇଛନ୍ତି।

## କେନ୍ଦୁଝର କଂଗ୍ରେସ ବନ୍ଧୁମିଳନରେ ନିରଞ୍ଜନ, ଜୟଦେବ

କେନ୍ଦୁଝର,୮।୧ (ନରେଶ ଚନ୍ଦ୍ର ପଟ୍ଟନାୟକ)

ବର୍ତ୍ତମାନ ରାଜ୍ୟ ରାଜନୀତିକୁ ଦେଖି କେନ୍ଦୁଝରର କଂଗ୍ରେସ ମଧ୍ୟ ଉତ୍ସାହିତ ହୋଇଛି। ରାଜ୍ୟର ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲାରୁ ହୋଇଥିବାରୁ ଦୃଢ଼ ବିରୋଧି ଦଳ ଭାବେ କେନ୍ଦୁଝର କଂଗ୍ରେସର ଦାୟିତ୍ୱ ବଢ଼ିଯାଇଛି ବୋଲି ଦଳୀୟ ନେତାମାନେ କହୁଛନ୍ତି। ସଂଗଠନକୁ ଦୃଢ଼ କରିବା ଲକ୍ଷ୍ୟନେଇ କେନ୍ଦୁଝର କଂଗ୍ରେସ ପକ୍ଷରୁ ଜିଲା କଂଗ୍ରେସ ଭବନଠାରେ ବୁଧବାର ଆୟୋଜିତ ହୋଇଥିଲା ବନ୍ଧୁମିଳନ। ଏଥିରେ ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଓ ଜୟଦେବ ଜେନାଙ୍କ ଯୋଗଦାନ କର୍ମୀଙ୍କୁ ଉତ୍ସାହିତ କରିଛନ୍ତି। ଯୁବନେତା ଐତିହ୍ୟ ଦିବ୍ୟ ସିଂହଙ୍କ ଉଦ୍ୟମରେ ଜିଲ୍ଲା କଂଗ୍ରେସ ଭବନରେ ଅନୁଷ୍ଠିତ ବନ୍ଧୁମିଳନରେ ପୂର୍ବତନ ଏମ୍‌ପି ଯଶୋବନ୍ତ ସିଂହ ଲାଗୁରି, ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ,ପୂର୍ବତନ ବ୍ଲକ ଅଧକ୍ଷା ପ୍ରତିଭା ମଞ୍ଜରୀ ନାୟକ, ବରିଷ୍ଠ କଂଗ୍ରେସ ନେତା ଆଲୋକ ମିଶ୍ର,ମୋହନ ଚରଣ ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

## ଓଡ଼ିଆ ନୂଆବର୍ଷରେ ପାଞ୍ଜି ଖୋଲିବି: ପ୍ରଦୀପ

ଭୁବନେଶ୍ୱର, ୮।୧(ସୁନିତ୍ ମିଶ୍ର)

ବ୍ରହ୍ମପୁର ଏମ୍‌ପି ପ୍ରଦୀପ ପାଣିଗ୍ରାହୀଙ୍କ ସହ ବିଜେଡିର ସମ୍ପର୍କରେ ତିକ୍ତତା ଆସିବା ପରେ ସେ ସବୁବେଳେ ଚର୍ଚ୍ଚାରେ ରହିଆସିଛନ୍ତି। ଅନେକ ସମୟରେ ବିଜେଡି ବିରୋଧରେ ବିଷ ଓକାଳୁଥିବା ପ୍ରଦୀପ କେତେକ ମାମଲାରେ ନିର୍ଦ୍ଦୋଷ ସାବ୍ୟସ୍ତ ହେବା ପରେ ବୁଧବାର ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଟାର୍ଗେଟ କରିଛନ୍ତି। ଠକେଇ ମାମଲାରେ ଦୋଷମୁକ୍ତ ହେବାପରେ ବର୍ତ୍ତମାନ ପ୍ରଦୀପ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ତାଙ୍କୁ ସେତେବେଳେ ମିଛରେ ଦୋଷ ଲଗାଇ ଦଳରୁ ବହିଷ୍କାର କରାଗଲା, ରାଜ୍ୟବାସୀ ବିଜେଡିକୁ ଶାସନରୁ ବହିଷ୍କାରକଲେ। ଓଡ଼ିଆ ନୂଆ ବର୍ଷ ଆସୁଛି, ସବୁ ପାଞ୍ଜି ଖୋଲିଦେବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନିଜକୁ କେତେ ସ୍ୱଚ୍ଛ କହିଆସୁଛନ୍ତି ସେସବୁର ପାଞ୍ଜି ଖୋଲିବ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ଥରେ ହେଲେ ତାଙ୍କୁ ଦଳରୁ କଢ଼ାଯିବା ନେଇ ଏ ପର୍ଯ୍ୟନ୍ତ ଥରୁଟିଏ ମୁହଁ ଖୋଲିନାହାନ୍ତି ବୋଲି ସେ କହିଛନ୍ତି।

ପ୍ରଦୀପ କହିଛନ୍ତି, କାର୍ତ୍ତିକ ପାଣ୍ଡିଆନ ଗୋଟେ ମ୍ୟାଟେରିଆଲ ନୁହେଁ। ନବୀନବାବୁ ଓଡ଼ିଶାକୁ ଲୁଟ୍ ପାଇଁ ତାଙ୍କୁ ଠିକା ଦେଇଦେଲେ। ସିଏମ୍‌ଓକୁ କର୍‌ପସନ, କମିଶନ, କଲେକ୍ସନର ହବ୍ କରାଯାଇଥିଲା। ଟ୍ରାଫିକ୍ ପୋଲିସ ହେଉଥିବା ଲୋକ କ'ଣ ଗୋଟେ ନେତା କି କହି ସେ ଛିଗୁଲେଇଥିଲେ। ଜଣେ ବରିଷ୍ଠ ଆଇପିଏସ୍‌ଙ୍କ ନାଁ ନେଇ ଆକ୍ଷେପକରି କହିଛନ୍ତି,



ପ୍ରଦୀପ ପାଣିଗ୍ରାହୀ

ସମ୍ପୃକ୍ତ ଆଇପିଏସ୍ ପ୍ରଥମ ଥର ଟ୍ୱିଟ୍‌କରି ଗିରଫ କରିଥିବା ଜଣାଇଥିଲେ। ତାଙ୍କୁ କିଏ ଗିରଫ କରିବ ବୋଲି ପଚାରିବା ବେଳେ ଉକ୍ତ ଆଇପିଏସ୍ ଅଫିସର କହିଥିଲେ, ସେ କରିବେ। ତାଙ୍କୁ ଗିରଫ କରିବା ପରେ ଉକ୍ତ ଆଇପିଏସ୍ ଅଫିସରଙ୍କୁ ପୁରସ୍କାର ସ୍ୱରୂପ କମିଶନର ମଧ ହେଲେ ବୋଲି ପ୍ରଦୀପ କହିଛନ୍ତି।

ସୂଚନାଯୋଗ୍ୟ, ପ୍ରଦୀପ ପାଣିଗ୍ରାହୀଙ୍କୁ ବଡ଼ ଆଶ୍ୱସ୍ତି ମିଳିଛି। ସବୁ ମାମଲାରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି ଗ୍ରାମାଞ୍ଚଳ କୋର୍ଟ ଦୋଷମୁକ୍ତ କରିଛନ୍ତି। ମଙ୍ଗଳବାର ଟାଟା କମ୍ପାନୀରେ ନିଯୁକ୍ତି ନାଁରେ ଠକେଇ ସମ୍ପର୍କିତ ୨ଟି ମାମଲାରେ ବ୍ରହ୍ମପୁର ଜେଏମ୍‌ଏଫ୍‌ସି କୋର୍ଟ ପ୍ରଦୀପଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଥିଲେ। ବୁଧବାର ଆଉ ୩ଟି ମାମଲାର ଶୁଣାଣିକରି ସମସ୍ତ ମାମଲାରେ କୋର୍ଟ ଦୋଷମୁକ୍ତ କରିଛନ୍ତି।


OFFICE OF THE DEAN & PRINCIPAL
VSS INSTITUTE OF MEDICAL SCIENCES & RESEARCH, BURLA

No. 127/VIMSAR/INDENT Date: 06.01.2025

NO. E-656: Sealed tenders are invited from the interested firms for purchase of Chemicals, Glass Ware, Plastic Ware, Kits etc. during the financial year 2024-25. The details terms and conditions & make is available in this College website i.e. **www.vimsar.ac.in** and district website i.e. **www.sambalpur.odisha.gov.in**. The last date of receipt of tenders will be on 31.01.2025, which will be opened on 01.02.2025 at 12.30 P.M. in the Conference Hall of Dean & Principal, VIMSAR, Burla.

Sd./- Dean & Principal
VIMSAR, Burla

OIPR-11056/11/0027/2425

DHARANIDHAR UNIVERSITY, KEONJHAR
PIN - 758001, ODISHA, INDIA
Email id: registrar@dduniversity.ac.in

No. 33 Dt.06.01.2025

NOTIFICATION

No. CAD-2100: Applications are invited from reputed persons/ organizations who have made substantial contribution towards the Development of Art and Culture of Keonjhar District for their life time of devoted service for selection of Dharanidhar University **"KENDUJHAR SANSKRUTI SAMMAN"** to be honoured on the second foundation day of the University i.e. on 11th February, 2025. For details, please visit the university website: **https://dduniversity.ac.in**. The university reserves the right to cancel the advertisement at any time without assigning any reason thereof.

Sd./- Registrar
Dharanidhar University, Keonjhar

OIPR-11126/11/0003/2425

WALK-IN-INTERVIEW
FOR ENGAGEMENT IN THE POST OF
ASSISTANT PROFESSOR & SENIOR RESIDENTS
AT S.C.B. DENTAL COLLEGE & HOSPITAL, CUTTACK

No. E-661:- Eligible candidates are invited to appear in the Walk-in-Interview for engagement in the post of **Assistant Professor & Senior Resident** on 13.01.2025 at 10:00 A.M. at S.C.B Dental College & Hospital, Cuttack. For downloading Application form & Details of Advertisement, Please visit the website - www.scbdental.nic.in.
For any doubt, please contact: **Dr. Gaurav Sharma - 9078824124**

Sd./- Principal,
SCB Dental College & Hospital
Cuttack

OIPR-10027/11/0012/2425

ଅତିରିକ୍ତ ମୁଖ୍ୟଯନ୍ତ୍ରୀ,
ଜଳନିକାସ ମଣ୍ଡଳ, କଟକଙ୍କ କାର୍ଯ୍ୟାଳୟ
ଗଣ୍ଡରପୁର, କଟକ - ୭୫୩୦୦୩
ଇ-ମେଲ: sedrainagecirclectc@gmail.com

ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା-ACEDC-CTC-03/2024-25ର ଶୁଦ୍ଧିପତ୍ର

No.A-847:- ଓଡ଼ିଆ ଦୈନିକ ଧରିତ୍ରୀ, ସମୟ ଓ ଇଂରାଜୀ ଦୈନିକ ଟାଇମ୍ସ ଅଫ୍ ଇଣ୍ଡିଆର ଦିନାଙ୍କ ୦୫.୦୧.୨୦୨୫ ସଂସ୍କରଣରେ ପ୍ରକାଶିତ ଏହି କାର୍ଯ୍ୟାଳୟର ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-03/2024-25ର କ୍ରମାଙ୍କ-୨ରେ ପ୍ରକାଶିତ ହୋଇଥିବା ଅଟକଳ ମୂଲ୍ୟ ୭୧୫.୫୯ ଲକ୍ଷ ସ୍ଥାନରେ ୭୫୮.୮୮ ଲକ୍ଷ ପଢ଼ାଯାଇପାରେ । ଅନ୍ୟ ସମସ୍ତ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିଛି ।

ସ୍ୱା./- ଅତିରିକ୍ତ ମୁଖ୍ୟଯନ୍ତ୍ରୀ
ଜଳନିକାସ ମଣ୍ଡଳ, କଟକ

OIPR-32174/11/0006/2425

GOVT. OF ODISHA
OFFICE OF THE CHIEF CONSTRUCTION ENGINEER
RURAL WORKS CIRCLE, BHAWANIPATNA
Phone:06670-235504, E_mail:serwbpt@yahoo.com
Bid Identification No.: BPT/Online10/2024-25, Date-04.01.2025

NOTICE INVITING TENDERS FOR ROAD & BRIDGE WORKS IN ODISHA
NATIONAL COMPETITIVE BIDDING THROUGH e-Procurement

**No.O-1155:**1. Name of the Work : Construction of Road and Bridge works under MMSY-Improvement to Existing RD Roads, MMSY-TRIP and MMSY CMRL Schemes in the district Kalahandi and Nuapada. 2. No. of Works: 06 Nos. 3. Location Details: Kalahandi & Nuapada District. 4. Estimated Cost: As per NIT. 5. Period of Completion: As per NIT. 6. Cost of Tender Paper: Rs.10,000/- per set. 7. Other Details:

| Availability of tender for online bidding | | Last date & time for seeking tender clarification | Date and time of opening of technical bid |
|---|---|---|---|
| From | To | | |
| 10.01.2025 11.00 A.M. | 30.01.2025 5.00 P.M. | 29.01.2025 | 31.01.2025 at 11.00 A.M. |

Further details can be seen from the website **"www.tendersorissa.gov.in"**

Sd./- Chief Construction Engineer
Rural Works Circle, Bhawanipatna

OIPR-25102/11/0009/2425

OFFICE OF THE EXECUTIVE ENGINEER
RWS&S DIVISION, KENDRAPARA
At:Ichhapur, Post: Shree Baladevjew, Email:eerwsskendrapara@gmail.com
INVITATIONS FOR BIDS (IFB) [e-Procurement]
Bid Identification No.RWS/42/2024-25
Letter No.32/Dated 06.01.25

**No.O-1171:**1.The Executive Engineer, RWS&S Division, Kendrapara on behalf of Governor of Odisha invites percentage bid in SINGLE cover system in ONLINE MODE from eligible contractors for Sinking of 200 mm dia Production well for different Rural Piped Water Supply Schemes in Kendrapara District.
2. Name of the Work: Sinking of 200 mm dia Production well through Mud Rotary Rigs for different RPWS Schemes in Kendrapara district.
3. No. of Work : 04 Nos. (Four) only
4. Value of the Work: Rs.5.07 to Rs.6.33 Lakhs
5. Concerned tender inviting authority: Executive Engineer, RWS&S Division, Kendrapara.
6. Cost of Bid documents (Rs.) (Online) : Rs.4000/-
7. Cost of Security deposit (Online): Rs.5100/- to Rs.6400/- as applicable.
8. Class of Bidder: "D" and "C"
9. Period of Completion: 45 days
10. Availability of bid documents in the website: From date 10.01.2025 at 10.00 A.M. to date. 20.01.2025 till 5.30 P.M.
11.Last date & time of seeking tender clarification: Upto 13.01.2025 till 5.30 P.M.
12. Date of Opening of Bid: 21.01.2025 at 11.00 A.M. onwards.
The bidders have to participate in the tender through ONLINE bidding only. Further details can be had from the website i.e http://tendersodisha.gov.in. The bid shall be accompanied with valid Contractor Registration Certificate, PAN, GST, No relation certificate in Schedule-A, Affidavit in support of authenticity of documents in Schedule-F and information regarding current litigation in Schedule-E. Subsequent corrigendum/addendum if required shall only be appeared in the above website.

Sd./- Executive Engineer
RWS&S Division, Kendrapara

OIPR-25004/11/0019/2425

ODISHA PUBLIC SERVICE COMMISSION
19, DR. P.K. PARIJA ROAD, CUTTACK - 753001

NOTICE

No. 131/PSC Dt.07.01.25

ADDENDUM TO ADVERTISEMENT
NO. 07 OF 2024/25 FOR ODISHA CIVIL SERVICES EXAMINATION, 2024

No. D-227: It is for the information of all concerned that, under Para-7 (i.e. Zone(s) of Examination) of the Advertisement No. 07 of 2024-25 for Odisha Civil Services Examination - 2024, the first line i.e. xxxxxxx five zonal centres of the State i.e. Balasore, Berhampur, Bhubaneswar, Cuttack & Sambalpur xxxxxxx shall be read as:
xxxxxxx six zonal centres of the State i.e. Balasore, Berhampur, Bhubaneswar, Cuttack, Sambalpur & Jeypore xxxxxxx
Besides this, all other terms and conditions of the advertisement shall remain unchanged.

Sd./- Secretary

OIPR-12002/11/0123/2425

OFFICE OF SUPERINTENDING ENGINEER
MINOR IRRIGATION DIVISION, CUTTACK
Letter No.50/ Dt.06.01.2025
GOVERNMENT OF ODISHA e-Procurement Notice
Bid Identification No.online SECMID-19/2024-25

No.A-849 eemidcuttack@yahoo.co.in
1. Name of work :- **Constructions of CDs in MI Sub-Division Tigiria.**
2. Total Number of Work:- **02 (Two) Nos.**
3. Estimated Cost:- Varies from **Rs.49.90 to 40.26 Lakhs**
4. Tender Paper Cost (Online) :- **Rs.6,000/-**
5. Bid Security (Online) :- As per DTCN
6. Period of Completion:- As per DTCN
7. Availability of Bid Document:- From **09.01.2025, 10.00 AM to 22.01.2025, 5.00 PM** in website (www.tendersorissa.gov.in)
8. Last date & Time of receipt:- **22.01.2025 at 5.00 PM** through online Bid through online
9. Date of Opening of Bid documents:- **24.01.2025 at 11.00 AM** in the office of the SE, M.I. Division, Cuttack.
10. Date of Lottery, if required:- **28.01.2025 at 12.00 Noon** in the office of the SE, M.I. Division, Cuttack
11. Name and address of the OIT:- Superintending Engineer, M.I. Division, Cuttack, P.O.:- Nayabazar, Cuttack, Phone:- 0671-2443622, PIN CODE:- 753004.
Further details can be seen from the Government of Odisha Website www.tendersorissa.gov.in.

Sd./- Superintending Engineer
M.I.Division, Cuttack

OIPR-32121/11/0021/2425

OFFICE OF THE SUPERINTENDING ENGINEER
DHENKANAL (R&B) DIVISION, DHENKANAL

No. B-820 Email: eedklpwd@gmail.com

INVITATION FOR BIDS THROUGH e-Procurement
Bid Identification No. SE DKL (R&B), 29/2024-25
Invitation for Bids

| | | | |
|---|---|---|---|
| 1. | The Superintending Engineer, Dhenkanal (R&B) Division, Dhenkanal on behalf of Governor of Odisha invites percentage rate bids in Single Cover System in ONLINE MODE only for construction of Building Work as detailed below. | | |
| 2. | Nature of Work | : | Civil (Building) Works |
| 3. | No. of Work | : | 02 Nos. |
| 4. | Bid Cost | : | Rs.6,000/- each |
| 5. | Class of Contractor | : | 'B' & 'C' Class |
| 6. | Availability of Bid Documents in the website | : | From 10.00 A.M. of 13.01.2025 to 5.00 P.M. of 27.01.2025 |
| 7. | Date of Opening of Bid | : | Dt.28.01.2025 at 11.00 A.M. |
| 8. | The bidders have to participate in ONLINE bidding only. Further details can be seen from the website: **https://tendersodisha.gov.in**. Any addendum/corrigendum/cancellation of tender can also be seen in the said website only. | | |

Sd./- Superintending Engineer
Dhenkanal (R&B) Division, Dhenkanal

OIPR-34016/11/0023/2425

ODISHA HYDRO POWER CORPORATION LTD.
(A GOVT. OF ODISHA UNDERTAKING)
CIN: U40101OR1995SGC003963
REGD. OFFICE: OHPC Corporate Office, Bhoi Nagar, Janpath, Bhubaneswar-751022
Phone:91-0674-2542983, 2542802, 2545526, 2542826
E-mail: ohpc.co@gmail.com, website:www.ohpcltd.com
No.OHPC:TECH:C&P:26/2024-25/ 119 Date:06.01.2025

NOTICE INVITING TENDER No.-26/2024-25

**No.CAD-2109:** Sealed tenders are invited in two parts i.e. (i) Techno Commercial Bid & (ii) Price Bid in separate sealed envelopes from the Reputed Firms having PAN and GST Registration Certificate for the works as mentioned below.

| Description of Services | Cost of tender papers (Non-refundable) in Rs. | EMD (Refundable) in Rs. |
|---|---|---|
| PROVIDING PHOTOCOPYING SERVICE OF OHPC DOCUMENTS FOR ONE YEAR AT OHPC CORPORATE OFFICE, BHUBANESWAR | 2000.00+18% (GST) 2360.00 | 4600.00 |

For details of the tender documents, terms & conditions and corrigendum etc. please visit our website www.ohpcltd.com from Dt.09.01.2025.

Sd./- C & P Head

OIPR-04012/11/0027/2425

Government of Odisha No.O-1173
"e" Procurement Notice
Bid Identification No.07 of 2024-25

| | | |
|---|---|---|
| 1 | Number of Works: | 43 Nos. of Works (Building-31 Nos. & Road-12 Nos.) |
| 2 | Estimated Cost (Approx.) | Rs.0.92 Lakhs & Rs.36.97 Lakhs (Approx.) |
| 3 | Period of Completion: | Mentioned against NIT Table Col.06 |
| 4 | Date & Time of availability of Bid documents in the Portal | 09.01.2025 at 11.00 Hrs. |
| 5 | Last date & time for receipt of Bids in the Portal: | 18.01.2025 at 17.00 Hrs. |
| 6 | Date of Opening of Tender: | 20.01.2025 at 11.00 Hrs. |
| 7 | Name and address of the Officer Inviting Bid: | Superintending Engineer, Rural Works Division, Jagatsinghpur |

Further details can be seen from the Government website: www.tendersorissa.gov.in

Sd./- Superintending Engineer
Rural Works Division,
Jagatsinghpur

OIPR-25056/11/0012/2425

ବନଖଣ୍ଡ ଅଧିକାରୀ ତଥା ବନ୍ୟପ୍ରାଣୀ ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ, ରାଉରକେଲା
OFFICE OF THE DIVISIONAL FOREST OFFICER-CUM-WILDLIFE WARDEN
ROURKELA FOREST DIVISION, ROURKELA, SUNDARGARH, ODISHA
Phone No.: 0661-2664637, Fax No. 0661-2664639, e mail- dfo.rourkela@odisha.gov.in

SHORT TENDER NOTICE
Tender No. 12 / 2024-25 Dated: 06.01.2025

No. MM-407: Divisional Forest Officer, Rourkela Forest Division on behalf of Governor of Odisha invites sealed tenders from reputed intending Manufacturing Firms/Dealers/Suppliers having valid GSTIN and PAN Registration No. Procurement of Three (03) Numbers UAV (DRONE) with battery combo pack (Battery kit, Speaker and RTK module). The tender papers with detailed terms and conditions will be available in the website **www.sundargarh.odisha.gov.in/www.odishaforest.in/www.dforourkela.in** and in the Office of DFO, Rourkela on payment of Rs.1,000/- (One thousand) only in Cash or Account Payee Bank Draft in favour of Divisional Forest Officer, Rourkela Forest Division during office hours from 09.01.2025 to 20.01.2025. The tender papers can be submitted at the below mentioned address on or before 20.01.2025 latest by 05.00 P.M. by Speed Post/Registered Post/ By Hand only. The tender will be opened in the office of the undersigned on 22.01.2025 at 11.30 A.M.
**Post/Courier: Divisional Forest Officer, Office of the DFO, Rourkela Forest Division, At: Panposh (Near Hockey Chowk), Rourkela, PIN - 769004., Email id: dforourkela@yahoo.co.in.**

Sd./- Divisional Forest Officer
Rourkela Forest Division

OIPR-08044/11/0019/2425

GOVERNMENT OF ODISHA No. A-838
DEPARTMENT OF WATER RESOURCES
OFFICE OF THE ADDL. CHIEF ENGINEER
MECHANICAL CIRCLE, BHUBANESWAR
Email Address: semechcircle104@gmail.com
e-Procurement Notice - Bid Identification No. ACEM/MDL-24/2024-25

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : ACEM/MDL-24/2024-25
5. Estimated Cost : Rs.18,08,774/-
6. Period of Completion : 02 (Two) Calendar Months
7. Date & time of availability of bid documents in the portal : From Dt.07.01.2025 (10.00 A.M.) to Dt.20.01.2025 (5.30 P.M.)
8. Last date/time for receipt of bid in the portal : Dt.20.01.2025 (upto 5.30 P.M.)
9. Date and place of opening of Bid : Dt.21.01.2025 (12.00 Noon onwards in the O/o. the undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer
Mechanical Circle, Bhubaneswar

OIPR-32405/11/0034/2425

GOVERNMENT OF ODISHA No. A-833
DEPARTMENT OF WATER RESOURCES
OFFICE OF THE ADDL. CHIEF ENGINEER
MECHANICAL CIRCLE, BHUBANESWAR
Email Address: semechcircle104@gmail.com
e-Procurement Notice - Bid Identification No. ACEM/MDL-30/2024-25

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : ACEM/MDL-30/2024-25
5. Estimated Cost : Rs.12,19,889/-
6. Period of Completion : 02 (Two) Calendar Months
7. Date & time of availability of bid documents in the portal : From Dt.07.01.2025 (10.00 A.M.) to Dt.20.01.2025 (5.30 P.M.)
8. Last date/time for receipt of bid in the portal : Dt.20.01.2025 (upto 5.30 P.M.)
9. Date and place of opening of Bid : Dt.21.01.2025 (12.00 Noon onwards in the O/o. the undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer
Mechanical Circle, Bhubaneswar

OIPR-32405/11/0029/2425

GOVERNMENT OF ODISHA No. A-829
DEPARTMENT OF WATER RESOURCES
OFFICE OF THE ADDL. CHIEF ENGINEER
MECHANICAL CIRCLE, BHUBANESWAR
Email Address: semechcircle104@gmail.com
e-Procurement Notice - Bid Identification No. ACEM/MDL-26/2024-25

1. Name of the Work : Mechanical Gate Works
2. No. of Works : 01 (One)
3. Category of Executors : SSI Units registered under DIC/ NSIC/MSME for Irrigation Shutters/ Hydro Mechanical Gates
4. Bid Identification No. : ACEM/MDL-26/2024-25
5. Estimated Cost : Rs.10,81,552/-
6. Period of Completion : 02 (Two) Calendar Months
7. Date & time of availability of bid documents in the portal : From Dt.07.01.2025 (10.00 A.M.) to Dt.20.01.2025 (5.30 P.M.)
8. Last date/time for receipt of bid in the portal : Dt.20.01.2025 (upto 5.30 P.M.)
9. Date and place of opening of Bid : Dt.21.01.2025 (12.00 Noon onwards in the O/o. the undersigned)
10. Name of the Officer Inviting Bid : Addl. Chief Engineer, Mechanical Circle, Bhubaneswar

Further details can be seen from the e-procurement portal **https://tendersodisha.gov.in**. Any further issue of Addenda/Corrigenda/ Cancellation Notice shall be uploaded in the aforesaid website only.

Sd./- Addl. Chief Engineer
Mechanical Circle, Bhubaneswar

OIPR-32405/11/0025/2425

OFFICE OF THE SUPERINTENDING ENGINEER
MINOR IRRIGATION DIVISION, PADAMPUR
Phone No.(06683)-223418 (Off) e-mail:-eemipad@yahoo.co.in
'e'-Procurement Notice
Bid Reference No.SE-MID-PDP-09/2024-25
No.35/Date-04.01.2025

**No.A-843:**Bid documents consisting of Work, Estimated Cost, Cost of tender paper, EMD, time of completion, Class of Contractor, the set of terms and conditions of contract and other necessary documents can be seen in e-procurement portal https://tendersodisha.gov.in.
1. Name of the Works :- Improvement/Construction of Check Dam.
2. No. of Works:- 10 (Ten) Nos.
3. Estimated Cost:- Varies from Rs.4.70 lakh to Rs.97.30 lakh Only (Approx.)
4. Period of Completion:- 01 (One) to 05 (Five) Calendar Months
5. Date and Time of availability of bid documents in the portal:- From Dt.10.01.2025 at 10.00 A.M. to Dt.20.01.2025 upto 5.30 P.M.
6. Last date/time of receipt of bids in the portal:- Dt.20.01.2025 upto 5.30 P.M.
7. Date of Opening of Technical Bid:- Dt.21.01.2025 at 10.00 A.M. Onwards
8. Date of Opening of Financial Bid:- To be intimated later on
9. Date of lottery scheduled to be held (if required):- Dt.29.01.2025 at 11.00 A.M. in the O/o S.E.,M.I. Division, Padampur.
10. Name and address of the OIT:- O/o- Superintending Engineer, M.I. Division, Padampur, At-Padampur, PO- Raj Bora Sambar, Dist-Bargarh, PIN-768036(Odisha)
11. Further details can be seen from the e-Procurement market place:- http://tendersodisha.gov.in.

Sd./- Superintending Engineer
M.I.Division, Padampur

OIPR-32037/11/0009/2425

ଧରିତ୍ରୀ
DHARITRI
51 Years



# ଜାନସେନଙ୍କ ହ୍ୟାଟ୍ରିକ: ଡ୍ରାଗନ୍ସର ତୃତୀୟ ବିଜୟ

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)



ଗୋଲ ସ୍କୋରିଂରେ ହ୍ୟାଟ୍ରିକ କରିବାପରେ ଉଲ୍ଲସିତ ଜିପ୍ ଜାନସେନ।

ରାଉରକେଲାରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ବୁଧବାର ଅନୁଷ୍ଠିତ ଏକ ଗୋଲ ବର୍ଷା ମ୍ୟାଚରେ ଅମିତ ରୋହିଦାସଙ୍କ ନେତୃତ୍ୱାଧୀନ ତାମିଲନାଡୁ ଡ୍ରାଗନ୍ସ ୬-୫ରେ ଟିମ୍ ଗୋନାସିକାକୁ ପରାସ୍ତ କରିଛି। ଜିପ୍ ଜାନସେନଙ୍କ ହ୍ୟାଟ୍ରିକ ବଳରେ ଡ୍ରାଗନ୍ସ ଚଳିତ ଲିଗ୍‌ରେ ନିଜର ୪ ମ୍ୟାଚରୁ ତୃତୀୟ ବିଜୟ ହାସଲ କରିଛି। ବିଜୟୀ ଦଳ ପକ୍ଷରୁ ଜାନସେନ ୧୯, ୩୩ ଓ ୫୦ତମ ମିନିଟରେ ୩ଟି ଗୋଲ ଦେଇ ହ୍ୟାଟ୍ରିକ ଅର୍ଜନ କରିଥିଲେ। ସୁଦେବ ଆଭାରନ ୧୫, ନାଥନ ଇଫ୍ରାଉମ୍ସ ୫୫ ଓ କାର୍ଥି ସେଲଭାମ୍ ୫୯ତମ ମିନିଟରେ ଅନ୍ୟ ୩ଟି ଗୋଲ ଦେଇଥିଲେ। କଡ଼ା ଚ୍ୟାଲେଞ୍ଜ ଦେଇଥିବା ଗୋନାସିକା ପକ୍ଷରୁ ଅରାଇଜିତ ସିଂ ହୁଣ୍ଡାଲ ୫ ଓ ୭ମ ମିନିଟରେ ୨ଟି ଗୋଲ ଦେଇ ମ୍ୟାଚରେ ଉଷ୍ମତା ଭରିଥିବାବେଳେ ନିକ୍କିନ ଚନ୍ଦନା ଥିମ୍ମାୟା ୩୯, ଷ୍ଟୁଆନ ୱାକର ୪୩ ଓ ଟିମୋଥି କ୍ଲେମେଣ୍ଟ ୫୮ତମ ମିନିଟରେ ଅନ୍ୟ ୩ ଗୋଲ ସ୍କୋର କରିଥିଲେ। ୧୧ ଗୋଲ ବିଶିଷ୍ଟ ମ୍ୟାଚରେ ଉଭୟ ଦଳ ଚମତ୍କାର ଖେଳିଥିବାବେଳେ ବାଜି ମାରିଥିଲା ଡ୍ରାଗନ୍ସ।

**ହାଇଦ୍ରାବାଦ ତୋଫାନ୍ସ ବିଜୟୀ**

ଅନ୍ୟ ଏକ ମ୍ୟାଚରେ ହାଇଦ୍ରାବାଦ ତୋଫାନ୍ସ ୩-୦ ଗୋଲରେ ୟୁପି ରୁଦ୍ରାସକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଜାଚାରି ୱାଲାସେ ୬ଷ୍ଠ, ରାଜିନ୍ଦର ସିଂ ୧୪ ଓ ଓଡ଼ିଶାର ଶୀଳାନନ୍ଦ ଲାକ୍ରା ୩୨ତମ ମିନିଟରେ ଗୋଟିଏ ଲେଖାଏ ଗୋଲ ଦେଇଛନ୍ତି। ହାଇଦ୍ରାବାଦ ୪ ମ୍ୟାଚ୍‌ରୁ ୫ ପଏଣ୍ଟ ପାଇ ଟେବୁଲର ପଞ୍ଚମ ସ୍ଥାନ ଅଧିକାର କରିଛି।

## କେଟି ଗ୍ଲୋବାଲ, ଓଡିଏମ୍ ବିଜୟୀ

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ): ଭେଟେରାନ୍ସ କ୍ରିକେଟ ଆସୋସିଏଶନ (ଭିସିଏ) ଅଫ୍ ଓଡ଼ିଶା ଆନୁକୂଲ୍ୟରେ ହାଇଟେକ ମେଡିକାଲ ଗ୍ରାଉଣ୍ଡରେ ଚାଲିଥିବା ୨୧ତମ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ୨ଟି ମ୍ୟାଚରେ କେଟି ଗ୍ଲୋବାଲ ଓ ଓଡିଏମ୍ ସ୍କୁଲ ବିଜୟ ହାସଲ କରିଛି। ପ୍ରତିଯୋଗିତାର ୪ର୍ଥ ମ୍ୟାଚରେ କେଟି ଗ୍ଲୋବାଲ ୬୫ ରନରେ ଚନ୍ଦ୍ରଶେଖରପୁର ଡିଏଭିକୁ ପରାସ୍ତ କରିଛି। କେଟି ଗ୍ଲୋବାଲ ୨୨ ଓଭରରେ ୧୬୫ ରନରେ ସମସ୍ତ ଉଇକେଟ ହରାଇଥିଲା। ୧୬୬ ରନ ବିଜୟ ଲକ୍ଷ୍ୟରେ ଡିଏଭି ୨୪.୪ ଓଭରରେ ୧୦୦ ରନରେ ଅଲ୍ଆଉଟ ହୋଇଯାଇଥିଲା। ସେହିପରି ୫ମ ମ୍ୟାଚରେ ଓଡିଏମ୍ ୨୧ ରନରେ ଭେଙ୍କଟେଶ୍ୱର ଇଏମ୍ ସ୍କୁଲ୍(ଭିଇଏମ୍ଏସ୍)କୁ ପରାସ୍ତ କରିଛି। ଓଡିଏମ୍ ୨୧ ଓଭରରେ ୬ ଉଇକେଟ ହରାଇ ୧୨୧ ରନ କରିଥିଲା। ଜବାବରେ ଭିଇଏମ୍ଏସ ୧୦୦ ରନରେ ସମସ୍ତ ଉଇକେଟ ହରାଇଥିଲା।

# ପୁରୁଷ ବିଜେତା ଦଳକୁ ୩ କୋଟି

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)



ଦିଲୀପ ତିର୍କୀ ଓ ଭୋଲାନାଥ ସିଂ।

ହିରୋ ହକି ଇଣ୍ଡିଆ ଲିଗ୍ (ଏଚ୍ଆଇଏଲ୍)ରେ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ଏହା ଦଳଗତ ଏବଂ ବ୍ୟକ୍ତିଗତ କ୍ଷେତ୍ରରେ ଶ୍ରେଷ୍ଠ ଖେଳାଳିଙ୍କୁ ଦିଆଯିବ। ରାଉରକେଲାରେ ଚାଲିଥିବା ପୁରୁଷ ଏଚ୍ଆଇଏଲ୍‌ର ଚାମ୍ପିୟନ ଦଳକୁ ଟ୍ରଫି ସହ ୪ କୋଟି, ରନରଅପ୍‌କୁ ୨ କୋଟି ଏବଂ ତୃତୀୟ ସ୍ଥାନୀୟ ଦଳକୁ ୧ କୋଟି ଟଙ୍କା ପ୍ରଦାନ କରାଯିବ। ଶୀର୍ଷସ୍ଥାନ ପାଇଁ ଦଳଗୁଡ଼ିକ ମଧ୍ୟରେ ଲଢ଼େଇକୁ ଜୋରଦାର କରିବା ଲକ୍ଷ୍ୟରେ ଏପରି ବ୍ୟବସ୍ଥା

**ହକି ଇଣ୍ଡିଆ ଲିଗ୍ ପୁରସ୍କାର**

କରାଯାଇଛି। ସେହିପରି ରାଞ୍ଚିରେ ହେବାକୁଥିବା ମହିଳା ହକି ଇଣ୍ଡିଆ ଲିଗ୍‌ର ଟାଇଟଲ ବିଜେତାକୁ ୧.୫ କୋଟି, ରନରଅପ୍‌କୁ ୧ କୋଟି ଏବଂ ତୃତୀୟ ସ୍ଥାନ ହାସଲ କରିବା ଦଳକୁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଲିଗ୍‌ର ଟାଇଟଲ ପ୍ରାୟୋଜକ ହିରୋ ମୋଟୋକର୍ପ ପକ୍ଷରୁ ଖେଳାଳିଙ୍କ ପାଇଁ ବ୍ୟକ୍ତିଗତ ପୁରସ୍କାର ରାଶି ମଧ୍ୟ ଘୋଷଣା କରାଯାଇଛି। ଉଭୟ ମହିଳା ଓ ପୁରୁଷ ବିଭାଗରେ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ଖେଳାଳିଙ୍କୁ ୫୦,୦୦୦ ଲେଖାଏ ଏବଂ ଟୁର୍ନାମେଣ୍ଟ ଶେଷରେ ପ୍ଲେୟର ଅଫ୍ ଦି ଟୁର୍ନାମେଣ୍ଟ ଘୋଷିତ ଖେଳାଳିଙ୍କୁ ୨୦ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ଏହା ବ୍ୟତୀତ ପୁରୁଷ ଏଚ୍ଆଇଏଲ୍‌ର ଶ୍ରେଷ୍ଠ ଗୋଲକିପର, ଶ୍ରେଷ୍ଠ ଉଦୀୟମାନ ଖେଳାଳି, ଟପ୍ ସ୍କୋରର ଖେଳାଳିଙ୍କୁ ୧୦ ଲକ୍ଷ ଲେଖାଏ ଏବଂ ମହିଳା ଏଚ୍ଆଇଏଲ୍‌ର ଶ୍ରେଷ୍ଠ ଗୋଲକିପର, ଉଦୀୟମାନ ଖେଳାଳି ଓ ଟପ୍ ସ୍କୋରରଙ୍କୁ ୫ ଲକ୍ଷ ଟଙ୍କା ଲେଖାଏ ଦିଆଯିବ।

ପ୍ରକାଶ ଯୋଗ୍ୟ ଯେ, ଦୀର୍ଘ ୭ ବର୍ଷ ପରେ ପ୍ରତ୍ୟାବର୍ତ୍ତନ କରିଥିବା ଏଚ୍ଆଇଏଲ୍‌ର ପୁରୁଷ ବିଭାଗରେ ୮ ଓ ମହିଳାରେ ୪ ଦଳ ଅଂଶଗ୍ରହଣ କରୁଛନ୍ତି। ପୁରୁଷ ଏଚ୍ଆଇଏଲ୍ ବିର୍ସା ମୁଣ୍ଡା ଷ୍ଟାଡିୟମରେ ଡିସେମ୍ବର ୨୮ରୁ ଆରମ୍ଭ ହୋଇଥିବାବେଳେ ମହିଳା ଏଚ୍ଆଇଏଲ୍‌ର ସର୍ବପ୍ରଥମ ସଂସ୍କରଣ ରାଞ୍ଚିର ମାରଙ୍ଗ ଗୋମ୍‌କେ ଜୟପାଲ ସିଂ ମୁଣ୍ଡା ଆଷ୍ଟ୍ରୋ ଟର୍ଫ ଷ୍ଟାଡିୟମରେ ଜାନୁଆରୀ ୧୨ରୁ ଆରମ୍ଭ ହେବ। "ହିରୋ ଏଚ୍ଆଇଏଲ୍ ଭାରତୀୟ ହକିରେ ଏକ ମାଇଲଖୁଣ୍ଟ ସଦୃଶ। ପୁରସ୍କାର ରାଶିରେ ବୃଦ୍ଧି ଏବଂ ମହିଳା ଏଚ୍ଆଇଏଲ୍‌ର ପ୍ରଥମ ସଂସ୍କରଣ ଦେଶରେ ହକିର ଲୋକପ୍ରିୟତାକୁ ଆହୁରି ବଢ଼ାଇବ। ଏହା କେବଳ ଖେଳାଳିଙ୍କୁ ଉତ୍ସାହିତ କରିବ ନାହିଁ ଆଗାମୀ ପିଢ଼ିର ହକି ପ୍ରତିଭା ମଧ୍ୟ ଏହାଦ୍ୱାରା ପ୍ରେରିତ ହେବେ" ବୋଲି ଏଚ୍ଆଇଏଲ୍ ଅଧ୍ୟକ୍ଷ ଦିଲୀପ ତିର୍କୀ ପ୍ରକାଶ କରିଛନ୍ତି। ସେହିପରି ଏଚ୍ଆଇଏଲ୍ ଗଭର୍ଣ୍ଣିଂ କମିଟି ସଦସ୍ୟ ଭୋଲାନାଥ ସିଂ କହିଛନ୍ତି ଯେ, "ବିଶ୍ୱରେ ଭାରତକୁ ହକି ପାୱାର ହାଉସ କରିବା ପଥରେ ଏଚ୍ଆଇଏଲ୍ ଏକ ପଦକ୍ଷେପ। ଦଳଗତ ଏବଂ ବ୍ୟକ୍ତିଗତ ପୁରସ୍କାର ରାଶି ଦ୍ୱାରା ଖେଳାଳିମାନେ ଉପକୃତ ହେବେ ଏବଂ ଏହି ଗେମ୍ ଆହୁରି ସମୃଦ୍ଧ ହେବ"।

# ଜାତୀୟ ପାରା ବୋସିଆରେ ଭାଗନେବ ଓଡ଼ିଶା

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)



ମନୋନୀତ ଓଡ଼ିଶା ପ୍ରତିଯୋଗୀମାନେ କର୍ମକର୍ତ୍ତାଙ୍କ ଗହଣରେ।

ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାରେ ଚଳିତ ମାସ ୧୦ରୁ ୧୫ ପର୍ଯ୍ୟନ୍ତ ୯ମ ଜାତୀୟ ପାରା ବୋସିଆ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ। ବୋସିଆ ପାରାଲିମ୍ପିକ୍ସର ଏକ ଇଭେଣ୍ଟ ହୋଇଥିବାବେଳେ ଏହାର ଜାତୀୟ ପ୍ରତିଯୋଗିତାରେ ଓଡ଼ିଶା ପ୍ରଥମଥର ପାଇଁ ଅଂଶଗ୍ରହଣ କରିବ। ଏଥିପାଇଁ ବୁଧବାର ୬ ଜଣିଆ ଓଡ଼ିଶା ଦଳ ଘୋଷଣା କରାଯାଇଛି। ଦଳରେ ସୋନାଲି ଓଝା, ଦମୟନ୍ତୀ ଓଝା, ମୁରଲୀ ବେନିଆନ, ସନ୍ତୋଷ ପ୍ରଧାନ, ବିକାଶ ମାଝି ଓ ସୁଧୀର ମଲିକ ସାମିଲ ହୋଇଛନ୍ତି। ଖେଳାଳିଙ୍କ ସହ ଦଳର ମୁଖ୍ୟ କୋଚ୍ ଜିତେନ୍ଦ୍ର କୁମାର ବେହେରା ବୁଧବାର ବିଶାଖାପାଟଣା ଯାତ୍ରା କରିଛନ୍ତି। ଜାତୀୟ ପ୍ରତିଯୋଗିତାରେ ପୂର୍ବରୁ ଭାଗ ନେବାର ଅଭିଜ୍ଞତା ନ ଥିଲେ ମଧ୍ୟ ଓଡ଼ିଶା ଦଳ ଭଲ ପ୍ରଦର୍ଶନ କରିବ ବୋଲି ପାରା ସ୍ପୋର୍ଟ୍ସ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଆଶା ପ୍ରକାଶ କରାଯାଇଛି।

# ଓଡ଼ିଶା ଏଫ୍‌ସି-ଚେନ୍ନାଇନ୍ ମ୍ୟାଚ ଆଜି

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ଚେନ୍ନାଇର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଗୁରୁବାର ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଏଫ୍‌ସି ମଧ୍ୟରେ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍) ମ୍ୟାଚ ଅନୁଷ୍ଠିତ ହେବ। ଚଳିତ ସିଜନରେ ଓଡ଼ିଶା ଏଫ୍‌ସି ଏହାର ପ୍ରଥମ ମ୍ୟାଚ ଚେନ୍ନାଇନ୍ ବିପକ୍ଷରେ ଘରୋଇ ପରିବେଶରେ ଖେଳିଥିଲା। ମାତ୍ର ଅପ୍ରତ୍ୟାଶିତ ଭାବେ ୨-୩ ଗୋଲରେ ହାରିବାରୁ ଗତ ସିଜନରୁ ଘରୋଇ ପଡ଼ିଆରେ ରହି ଆସିଥିବା ଅପରାଜେୟ ଧାରାରେ ବ୍ରେକ୍ ଲାଗିଥିଲା। ସେହି ପରାଜୟର ମଧୁର ପ୍ରତିଶୋଧ ନେବାକୁ ଏବେ ଓଡ଼ିଶା ଏଫ୍‌ସି ପ୍ରସ୍ତୁତ। ମ୍ୟାଚରୁ ପୂରା ୩ ପଏଣ୍ଟ ହାସଲ ଦଳର ମୁଖ୍ୟ ଲକ୍ଷ୍ୟ। ଅନ୍ୟପକ୍ଷରେ ଲିଗ୍ ଇତିହାସରେ ଚେନ୍ନାଇନ୍ ପ୍ରଥମଥର ପାଇଁ ଓଡ଼ିଶା ଏଫ୍‌ସି ବିପକ୍ଷରେ ଗୋଟିଏ ସିଜନରେ ଡବଲ ବିଜୟ ଲକ୍ଷ୍ୟ ରଖିଛି। ଏହା ପୂର୍ବରୁ ଓଡ଼ିଶା ଏଫ୍‌ସି ଓ ଚେନ୍ନାଇନ୍ ଆଇଏସ୍ଏଲ୍‌ରେ ପରସ୍ପର ସହିତ ମୋଟ ୨୧ଟି ମ୍ୟାଚ ଖେଳିଛନ୍ତି। ଏହା ମଧ୍ୟରୁ ଓଡ଼ିଶା ଏଫ୍‌ସି ୮ଟି ଓ ଚେନ୍ନାଇନ୍ ୫ ମ୍ୟାଚରେ ବିଜୟୀ ହୋଇଛି। ବର୍ତ୍ତମାନର ଷ୍ଟାଣ୍ଡିଂରେ ଓଡ଼ିଶା ଏଫ୍‌ସି ୧୪ ମ୍ୟାଚରୁ ୨୦ ପଏଣ୍ଟ ପାଇ ୭ମ ଏବଂ ଚେନ୍ନାଇନ୍ ୧୪ ମ୍ୟାଚରୁ ୧୫ ପଏଣ୍ଟ ପାଇ ୧୦ମ ସ୍ଥାନରେ ରହିଛି।

ନିକଟ ଅତୀତରେ ଘରୋଇ ପରିବେଶରେ ଚେନ୍ନାଇନ ରେକର୍ଡ ଭଲ ନାହିଁ। ଦଳ ସେଠାରେ

**ଇଣ୍ଡିଆନ ସୁପର ଲିଗ୍**

ଖେଳିଥିବା ଶେଷ ୬ ଗେମ୍ ମଧ୍ୟରୁ ମାତ୍ର ଗୋଟିଏରେ ବିଜୟୀ ହୋଇପାରିଛି। ତୁଳନାତ୍ମକ ଭାବେ ଦେଖିଲେ ଓଡ଼ିଶା ଏଫ୍‌ସି ଏପର୍ଯ୍ୟନ୍ତ ୨୭ ଗୋଲ ସ୍କୋର କରିଥିବାବେଳେ ଚେନ୍ନାଇନ୍ ୧୯ରେ ସୀମିତ ରହିଛି। ଓଡ଼ିଶା ଏଫ୍‌ସିର ଡିଏଗୋ ମୌରିସିଓ ୭ ଓ ଚେନ୍ନାଇନ୍‌ର ୱିଲମର ଜୋର୍ଡାନ ୬ ଗୋଲ ଦେଇ ଉଭୟ ଦଳର ଟପ୍ ସ୍କୋରିଂ ତାଲିକାରେ ରହିଛନ୍ତି।

# ଖୋ ଖୋ ବିଶ୍ୱକପ୍‌ରେ ଓଡ଼ିଶାର ୫ ବୈଷୟିକ ଅଧିକାରୀ



ପ୍ରଦ୍ୟୁମ୍ନ ମିଶ୍ର ଶ୍ରଦ୍ଧାମୟୀ ରାଉତ ପାର୍ଥସାରଥି ମହାପାତ୍ର କ୍ରିଷ୍ଣା କୁମାରୀରାୟ ଆକାଶ ରଣା

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ଦିଲ୍ଲୀଠାରେ ଚଳିତ ମାସ ୧୩ ରୁ ୧୯ ପର୍ଯ୍ୟନ୍ତ ସର୍ବପ୍ରଥମ ଖୋ ଖୋ ବିଶ୍ୱକପ ହେବାକୁ ଯାଉଛି। ଏଥିରେ ୨୪ଟି ଦେଶର ଦଳ ଅଂଶଗ୍ରହଣ କରିବେ। ଏହି ସମ୍ମାନଜନକ ପ୍ରତିଯୋଗିତାରେ ଓଡିଶାର ୫ ଅଧିକାରୀ ଓ ଟେକ୍ନିକାଲ ଅଫିସରଙ୍କୁ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ବିଭିନ୍ନ ପଦବୀରେ ନିଯୁକ୍ତ କରାଯାଇଛି। ଏ ନେଇ ଖୋ ଖୋ ଫେଡେରେଶନ ଅଫ୍ ଇଣ୍ଡିଆର ସଭାପତି ସୁଧାଂଶୁ ମିତଲ ଓ ସମ୍ପାଦକ ଏମ୍ଏସ୍ ତ୍ୟାଗୀଙ୍କ ପକ୍ଷରୁ ପତ୍ର ମାଧ୍ୟମରେ ସୂଚନା ଦିଆଯାଇଛି। ଓଡ଼ିଶା ଖୋ ଖୋ ସଂଘର ସମ୍ପାଦକ ପ୍ରଦ୍ୟୁମ୍ନ ମିଶ୍ରଙ୍କୁ ବିଶ୍ୱକପ୍‌ର ରେଫରି ବୋର୍ଡ ସଦସ୍ୟ ମନୋନୀତ କରାଯାଇଥିବା ବେଳେ ଅନ୍ତର୍ଜାତୀୟ ଟେକ୍ନିକାଲ ଅଫିସିଆଲ ଭାବେ ପାର୍ଥସାରଥି ମହାପାତ୍ର, ଆକାଶ ରଣା, କ୍ରିଷ୍ଣା କୁମାରୀ ରାୟ ଏବଂ ଶ୍ରଦ୍ଧାମୟୀ ରାଉତଙ୍କୁ ମନୋନୀତ କରାଯାଇଛି। ଭାରତରେ ପ୍ରଥମ ଥର ବିଶ୍ୱକପ୍ ଖୋ ଖୋ ହେଉଥିବା ବେଳେ ଓଡିଶାର ୫ ଜଣ କର୍ମକର୍ତ୍ତାଙ୍କୁ ବିଭିନ୍ନ ପଦବୀ ନିମନ୍ତେ ମନୋନୀତ କରାଯାଇଥିବାରୁ ରାଜ୍ୟ ଖୋ ଖୋ ଖେଳାଳି, ଅଧିକାରୀ ଏବଂ ଶୁଭେଚ୍ଛୁମାନଙ୍କ ମଧ୍ୟରେ ଆନନ୍ଦ ଖେଳିଯାଇଛି।

# ଆଇଟିଏଫ୍ ଟାଏକୋଣ୍ଡୋ: ଓଡ଼ିଶାକୁ ୧୮ ପଦକ



ପଦକ ସହ ପ୍ରତିଯୋଗୀମାନେ।

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ଗୋଆର କମ୍ପାଲ ଇନ୍‌ଡୋର ଷ୍ଟାଡିୟମରେ ୩୯ତମ ଜାତୀୟ ଆଇଟିଏଫ୍ ଟାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮ ରାଜ୍ୟରୁ ୬୬୮ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଏଥିରେ ଭାଗନେଇ କଳିଙ୍ଗ ଯୋଦ୍ଧା ଟାଏକୋଣ୍ଡୋ ଏକାଡେମୀ ପ୍ରତିଯୋଗୀ ମୋଟ ୧୮ଟି ପଦକ ହାସଲ କରିଛନ୍ତି। ଏହା ମଧ୍ୟରେ ୨ ସ୍ୱର୍ଣ୍ଣ, ୪ରୌପ୍ୟ ଓ ୧୨ ବ୍ରୋଞ୍ଜ ପଦକ ସାମିଲ। ମୁଖ୍ୟ ପ୍ରଶିକ୍ଷକ ଥାର୍ଡ ଡାନ୍ ବ୍ଲାକ୍‌ବେଲ୍ଟ ଲକ୍ଷ୍ମୀ ପ୍ରସାଦ ନାୟକଙ୍କଠାରୁ ପ୍ରଶିକ୍ଷଣ ନେଇ ପ୍ରତିଯୋଗୀମାନେ କୋଚ୍ ବିଶ୍ୱଜିତ ଦାସ ଓ କୁଳଦୀପ ନାୟକଙ୍କ ନେତୃତ୍ୱରେ ଗୋଆ ଯାତ୍ରା କରିଥିଲେ। ଓଡ଼ିଶା ପକ୍ଷରୁ ଭେଟେରାନ ମହିଳା ବ୍ୟକ୍ତିଗତ ସ୍ୱାଇରିଂରେ ଅନୀତା ଡୋରା ଓ ବାଳକ ବ୍ୟକ୍ତିଗତ ସ୍ୱାଇରିଂରେ ଆର୍ଯ୍ୟନ କୁମାର ବେହେରା ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

ବିଭିନ୍ନ ବିଭାଗରେ ପଦକ ଜିତିଥିବା ଅନ୍ୟ ପ୍ରତିଯୋଗୀ ହେଲେ କୁଲଦୀପ ନାୟକ, ଆଦିକ ସମର୍ପିତ ସାହୁ, ସାଇପ୍ରେମ ଡୋରା, ରୋହନ ନାୟକ, ପିୟୂଷ ନାୟକ, ଆଦିତ୍ୟ କୁମାର ସୁବୁଦ୍ଧି, ଓମ୍ ପ୍ରିୟାଂଶୁ, ଅଭିମନ୍ୟୁ ବେହେରା, ପୂର୍ଣ୍ଣବ୍ରହ୍ମ ମୁଦୁଲି, ଆକାଶ ନାୟକ, ଆୟୁଷ କୁମାର ବେହେରା। ଓଡ଼ିଶା ଦଳର ଏହି ସଫଳତା ପାଇଁ ସେଣ୍ଟ ଜାଭିୟର ଇଣ୍ଟରନ୍ୟାଶନାଲ ସ୍କୁଲ ସମୂହର ଚେୟାରମ୍ୟାନ ତଥା କଳିଙ୍ଗ ଯୋଦ୍ଧା ଏକାଡେମୀର ସଭାପତି ବଦ୍ରିନାଥ ପଟ୍ଟନାୟକ, ଉପସଭାପତି ସୁଶାନ୍ତ କୁମାର ସାହୁ, ଟ୍ରଷ୍ଟି ପ୍ରିୟବ୍ରତ ପାଢ଼ୀ, ପ୍ରଶାନ୍ତ କୁମାର ସାହୁ ପ୍ରମୁଖ ଅଭିନନ୍ଦନ ଜଣାଇଛନ୍ତି।

## ଓଡ଼ିଶା ଓମେନ୍ସ ଲିଗ୍ ଉଦ୍‌ଘାଟିତ

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଓ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ ଓଡ଼ିଶା ଓମେନ୍ସ ଲିଗ୍ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। କ୍ରୀଡ଼ା ବିଭାଗର ଉପ ସଚିବ ସୋନାଲି ଚାନ୍ଦ ମୁଖ୍ୟ ଅତିଥି ଏବଂ ନିତା ଫୁଟବଲ ଏକାଡେମୀ ଅଧ୍ୟକ୍ଷ ସୁବ୍ରତ ଦାସ ଓ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା, ଉପସଭାପତି ବିଜୟ ଦାସ, ଯୁଗ୍ମ ସମ୍ପାଦକ ବିଶ୍ୱ ରଞ୍ଜନ ଘଡ଼େଇ, ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ଶ୍ରଦ୍ଧାଞ୍ଜଳି ସାମନ୍ତରାୟ ଓ ଗୀତାଞ୍ଜଳୀ ଖୁଣ୍ଟିଆ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି। ସ୍ପୋର୍ଟ୍ସ ଓଡ଼ିଶା ଓ ନୀତା ଏକାଡେମୀ ପ୍ରଥମ ମ୍ୟାଚ ୧-୧ ଗୋଲରେ ଡ୍ର ରହିଛି। ଦ୍ୱିତୀୟ ମ୍ୟାଚରେ ଓଡ଼ିଶା ପୋଲିସ ୮-୦ ଗୋଲରେ ଯୋଡ଼ାର ଟାଟା ଷ୍ଟିଲ୍‌ଫାଉଣ୍ଡେଶନକୁପରାସ୍ତକରିଛି।







# କିଟ୍‌ରେ ସାଇକେଲ ଭେଲୋଡ୍ରୋମ୍ ଉଦ୍‌ଘାଟିତ

**ମିନତୀ ମହାପାତ୍ରଙ୍କ ନାମରେ ନାମିତ**

**କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ କଲେ ଉଦ୍‌ଘାଟନ**




ସାଇକେଲ ଭେଲୋଡ୍ରୋମ ଉଦ୍‌ଘାଟନ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ଓ ଅନ୍ୟମାନେ।

ଭୁବନେଶ୍ୱର, ୮।୧ (ତପନ ସ୍ୱାଇଁ)

କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ବୁଧବାର ଭାରତର ପ୍ରଥମ ଅନ୍ତର୍ଜାତୀୟସ୍ତରର ମିନତୀ ମହାପାତ୍ର ସାଇକ୍ଲିଂ ଭେଲୋଡ୍ରୋମ୍ କେନ୍ଦ୍ର କ୍ରୀଡ଼ା ଓ ଯୁବ ବ୍ୟାପାର ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ମନସୁଖ ମାଣ୍ଡବ୍ୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଛି। ଓଡ଼ିଶାର ପ୍ରଥମ ଅର୍ଜୁନ ପୁରସ୍କାର ବିଜେତା ଭାରତର ପ୍ରଥମ ମହିଳା ସାଇକ୍ଲିଷ୍ଟ ମିନତୀ ମହାପାତ୍ରଙ୍କ ନାମରେ ଏହି ଭେଲୋଡ୍ରୋମ ନାମିତ କରାଯାଇଛି। ୨୫୦ ମିଟର ବିଶିଷ୍ଟ ଏହି କଂକ୍ରିଟ୍ ଭେଲୋଡ୍ରୋମ ଭାରତର ପ୍ରଥମ ଅନ୍ତର୍ଜାତୀୟ ଭେଲୋଡ୍ରୋମ୍ ବୋଲି କୁହାଯାଉଛି। "ମୁଁ କିଟ୍ ଓ କିସ୍ ପରିଦର୍ଶନ କରିବା ପରେ ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ସାକାର ହୋଇଥିବା ଦେଖିବାକୁ ପାଉଛି। ଛାତ୍ରୀଛାତ୍ର ମାନେ ହେଉଛନ୍ତି ଦେଶର ଭବିଷ୍ୟତ। ଦେଶର ଏହି ଭବିଷ୍ୟତମାନଙ୍କୁ ଗଢ଼ିବାରେ ଅଚ୍ୟୁତ ସାମନ୍ତଙ୍କ ଭଳି ଜଣେ ଦକ୍ଷ ଓ ନିଷ୍ଠାପର ଶିକ୍ଷାବିତ୍‌ଙ୍କ କାର୍ଯ୍ୟଧାରାରେ ମୁଁ ଆନନ୍ଦିତ" ବୋଲି ଭେଲୋଡ୍ରୋମ ଉଦ୍‌ଘାଟନ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ପ୍ରକାଶ କରିଛନ୍ତି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇଥିଲେ। "କିଟ୍ ଓ କିସ୍ ସବୁବେଳେ ଶିକ୍ଷା ସହ କ୍ରୀଡ଼ାକୁ ସମାନ ଗୁରୁତ୍ୱ ଦେଇ ଆସିଛି। ଏଠାରେ ଗୋଟିଏ ସ୍ଥାନରେ ଥିବା କ୍ରୀଡ଼ା ଭିତ୍ତିଭୂମି ଦେଶର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳି ନଥାଏ। ଭବିଷ୍ୟତରେ କିଟ୍ ଓ କିସ୍‌ର କ୍ରୀଡ଼ା ଭିତ୍ତିଭୂମିକୁ ଦ୍ୱିଗୁଣିତ କରାଯିବ" ବୋଲି ସେ ପ୍ରକାଶ କରିଛନ୍ତି। ଏହି ଅବସରରେ ସାଇକ୍ଲିଷ୍ଟ ମିନତୀ ମହାପାତ୍ର, ସାଇକ୍ଲିଂ ଫେଡେରେଶନ୍ ଅଫ୍ ଇଣ୍ଡିଆର ମହାସଚିବ ମନିନ୍ଦର ପାଲ ସିଂ, ଓଡ଼ିଶା ସାଇକ୍ଲିଂ ଆସୋସିଏଶନର ସମ୍ପାଦକ ପ୍ରସନ୍ନ କୁମାର ରାଉତ, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂ, କିସ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀପକ ବେହେରା, କିଟ୍ ଓ କିସ୍‌ର କ୍ରୀଡ଼ା ମହାନିର୍ଦ୍ଦେଶକ ଗଗନେନ୍ଦୁ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ କିଟ୍ ଓ କିସ୍‌ର ବିଭିନ୍ନ କ୍ରୀଡ଼ା ଭିତ୍ତିଭୂମି ବୁଲି ଦେଖିଥିଲେ।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ